R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୦୧
ତିଥି: ଷଷ୍ଠୀ
୦୨ ଅକ୍ଟୋବର ୨୦୨୬, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୬+୪, ମୂଲ୍ୟ- ଟ.୫.୦୦

02 October 2026, Friday

# ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur












# ୱାଟକୋ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା କଲେ ମନ୍ତ୍ରୀ ଡଃ ମହାପାତ୍ର

ଭୁବନେଶ୍ୱର, (ସବ୍ୟୁ): ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ୱାଟକୋ ଦ୍ୱାରା କାର୍ଯ୍ୟାନ୍ୱିତ ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକଳାପର ଅଗ୍ରଗତି ସମୀକ୍ଷା କରିଛନ୍ତି । ଉନ୍ନତି ଭବନସ୍ଥିତ ସମ୍ମିଳନୀ କକ୍ଷରେ



ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ଜଳଯୋଗାଣ ଓ ସ୍ୱେରେଜ୍ ଭିତ୍ତିଭୂମି, ପ୍ରକଳ୍ପର ଭୌତିକ ଓ ଆର୍ଥିକ ଅଗ୍ରଗତି, ଡବ୍ଲ୍ୟୁଟିପି ଓ ଏସ୍ ଟି ପିର କାର୍ଯ୍ୟକାରିତା ସହ ନାଗରିକ ସେବା ସମ୍ପର୍କରେ ଆଲୋଚନା ହୋଇଥିଲା । ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ୱାଟକୋର କାର୍ଯ୍ୟକ୍ଷେତ୍ର, ଚାଲୁଥିବା ପ୍ରମୁଖ ଜଳଯୋଗାଣ ଓ ସ୍ୱେରେଜ୍ ପ୍ରକଳ୍ପ, ଜଳ ବିଶୋଧନାଗାର ଏବଂ ମଳଜଳ ବିଶୋଧନାଗାରର ସ୍ଥିତି ଉପରେ ବିସ୍ତୃତ ଉପସ୍ଥାପନା ଦେଇଥିଲେ । ପ୍ରକଳ୍ପଗୁଡ଼ିକର ନିର୍ଦ୍ଧାରିତ ସମୟରେ ସମାପ୍ତି, ଅନୁଦାନର ସଠିକ୍ ଉପଯୋଗ ଏବଂ କାର୍ଯ୍ୟାନ୍ୱୟନରେ ଥିବା ସମସ୍ୟାର ତୁରନ୍ତ ସମାଧାନ ଉପରେ ମନ୍ତ୍ରୀ ଡଃ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ । ବୈଠକରେ ୱାଟକୋର ଆର୍ଥିକ ପ୍ରଦର୍ଶନ ମଧ୍ୟ ସମୀକ୍ଷା କରାଯାଇଥିଲା । ସରକାରୀ ବିଜ୍ଞପ୍ତି ଅନୁଯାୟୀ ୱାଟକୋଠାରୁ ଓଡ଼ିଶା ଜଳଯୋଗାଣ ଓ ସ୍ୱେରେଜ୍ ବୋର୍ଡକୁ ସ୍ୱେରେଜ୍ କାର୍ଯ୍ୟ ହସ୍ତାନ୍ତର ପ୍ରସଙ୍ଗରେ ଦାୟିତ୍ୱର ସ୍ପଷ୍ଟତା ଓ ସେବାର ନିରନ୍ତରତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ସୁଜଳ ଯୋଜନା ଅଧୀନରେ ଅକ୍ଟୋବର ୨ରୁ ୧୬ ପର୍ଯ୍ୟନ୍ତ ୱାଟକୋ ପକ୍ଷରୁ ଆୟୋଜନ ହେବାକୁ ଥିବା ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ସମୀକ୍ଷା ହୋଇଥିଲା ।ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ, ୱାଟକୋ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ବୈଠକ ଶେଷରେ ୱାଟକୋର ନିର୍ଦ୍ଦେଶକ (ପ୍ରକଳ୍ପ) ଧନ୍ୟବାଦ ଅର୍ପଣ କରିଥିଲେ ।

## ‘ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍’ ସ୍ୱଚ୍ଛତା ଅଭିଯାନ

# ସହର ଆମର, ଏହାକୁ ସ୍ୱଚ୍ଛ ରଖିବା ଦାୟିତ୍ୱ ମଧ୍ୟ ଆମର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଏ ସହର ଆମର ଏବଂ ଏହାର ସ୍ୱଚ୍ଛତାର ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର। ବର୍ତ୍ତମାନ ଦେଶର ସ୍ୱଚ୍ଛତା ଜବଭଳସଭଶ ରେ ଭୁବନେଶ୍ୱର ନବମ ସ୍ଥାନରେ ରହିଛି। ଯଦି ଆମେ ସମସ୍ତେ ବ୍ୟକ୍ତିଗତ ଭାବେ ନିଜ ନିଜର ଦାୟିତ୍ୱ ସଠିକ୍ ଭାବେ ତୁଲାଇବା, ତେବେ ଆମ ସହର ଦେଶର ସବୁଠାରୁ ସ୍ୱଚ୍ଛ ଓ ସୁନ୍ଦର ହୋଇ ପ୍ରଥମ ସ୍ଥାନ ହାସଲ କରିବ। ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଖଣ୍ଡଗିରିଠାରେ ଆୟୋଜିତ ‘ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍’ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହା କହିଛନ୍ତି । ସହରର ସ୍ୱଚ୍ଛତା ପାଇଁ ପ୍ରତ୍ୟେକ ନାଗରିକଙ୍କୁ ସଚେତନ ହେବାକୁ ଅନୁରୋଧ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ଯେପରି ନିଜ ଘର, ବାଡ଼ି, ଦାଣ୍ଡ ଓ ଅଗଣା ସଫା ରଖୁଛୁ, ସେହିପରି ଆମ ଦୃଷ୍ଟିକୋଣକୁ ଆଉ ଟିକିଏ ପ୍ରସାରିତ କରିବା ଆବଶ୍ୟକ। ଘର ଆଗ ରାସ୍ତା ଓ ନିଜ କଲୋନୀକୁ ସଫା ରଖିବାର ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର। ସଫେଇ କର୍ମଚାରୀମାନଙ୍କ କାର୍ଯ୍ୟରେ ଯୋଡ଼ିହୋଇ ଘରର ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା କରି ନିୟମିତ ସଫେଇ ଗାଡ଼ିକୁ ଦେବା ଏବଂ ରାସ୍ତାରେ ଅଳିଆ ନ ଫିଙ୍ଗି ଅନ୍ୟମାନଙ୍କୁ ମଧ୍ୟ ବାରଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।




ଦେଶର ସ୍ୱାଧୀନତା ପୂର୍ବରୁ ମହାତ୍ମା ଗାନ୍ଧୀ ସ୍ୱଚ୍ଛତା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଥିଲେ । ମାତ୍ର ୨୦୧୪ ମସିହାରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗାନ୍ଧୀଜୀଙ୍କ ଏହି ସ୍ୱପ୍ନର ସଫଳ ରୂପାୟନ କରି ‘ସ୍ୱଚ୍ଛତା ହିଁ ସେବା’ ଅଭିଯାନ ମାଧ୍ୟମରେ ଏହାକୁ ଏକ ବ୍ୟାପକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ଆଜିର ଏହି ସ୍ୱତନ୍ତ୍ର ‘ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍’ କାର୍ଯ୍ୟକ୍ରମ ସମଗ୍ର ସମାଜକୁ ସ୍ୱଚ୍ଛତା ସହିତ ଯୋଡ଼ିବାର ଏକ ଅଭିନବ ଓ ପ୍ରଶଂସନୀୟ ଉଦ୍ୟମ। ଆମର ପ୍ରିୟ ଭୁବନେଶ୍ୱର ସହର ପୂର୍ବ ଅପେକ୍ଷା ଅଧିକ ସ୍ୱଚ୍ଛ ଓ ସୁନ୍ଦର ହୋଇପାରିଥିବାରୁ, ଏହାର ଶ୍ରେୟ ସଫେଇ ମିତ୍ରମାନଙ୍କୁ ଦେବା ସହ ସେମାନଙ୍କ ନିରବଚ୍ଛିନ୍ନ ସେବା ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ସେ ସଫେଇ ମିତ୍ରମାନଙ୍କ ସାମାଜିକ ସୁରକ୍ଷା ଓ ସେମାନଙ୍କୁ ବାସଗୃହ ଯୋଗାଇଦେବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏହାସହ ଦେଶର ୫୦ଟି ‘ମଡେଲ ସାନିଟେସନ ସିଟି’ ଭାବେ ବିକଶିତ ହେବା ପାଇଁ ଓଡ଼ିଶାର ଦୁଇଟି ପ୍ରମୁଖ ସହର ଭୁବନେଶ୍ୱର ଓ ପୁରୀ ମନୋନୀତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଉଭୟ ମହାନଗର ନିଗମର କର୍ତ୍ତୃପକ୍ଷ, ଅଧିକାରୀ ଏବଂ ବିଶେଷ ଭାବେ ସଫେଇ ମିତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ଶ୍ରୀମତୀ ସୁଲୋଚନା ଦାସ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଏମସି କମିଶନର ଚଞ୍ଚଳ ରାଣା, କର୍ପୋରେଟର, ବିଏମସି କର୍ମଚାରୀ ସମେତ ସଫେଇ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷା ଓ ଗବେଷଣା ପାଇଁ କିଷ୍ଟ ଏବଂ ସିଏସ୍ଆଇଆର-ଆଇଏମ୍ଏମ୍ଟି ମଧ୍ୟରେ ବୁଝାମଣା ପତ୍ର

ଭୁବନେଶ୍ୱର, (ସବ୍ୟୁ) : ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ କୋଣାର୍କ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (କିଷ୍ଟ) ଜଟଣୀ ଏବଂ ପ୍ରତିଷ୍ଠିତ ଗବେଷଣା ପ୍ରତିଷ୍ଠାନ ସି ଏ ସ୍ ଆ ଇ ଆ ର - ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ସିଏସ୍ଆଇଆର-ଆ ଇ ଏ ମ୍ ଏ ମ୍ ଟି ର ୮୫ତମ ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ଶିକ୍ଷା, ପ୍ରଯୁକ୍ତିବିଦ୍ୟା ତଥା ଉନ୍ନତ ଗବେଷଣା କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ଲକ୍ଷ୍ୟରେ ଏହି ଚୁକ୍ତି ସମ୍ପାଦିତ ହୋଇଛି ଓ ଏହି ବୁଝାମଣା ଅନୁଯାୟୀ, ଉଭୟ ଅନୁଷ୍ଠାନ ମିଳିତ ଭାବେ




ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ, ଛାତ୍ର ବିକାଶ କାର୍ଯ୍ୟକ୍ରମ, ଜାତୀୟ ତଥା ଅନ୍ତର୍ଜାତୀୟ ସେମିନାର, ବୈଷୟିକ କର୍ମଶାଳା ଏବଂ ଗବେଷଣା ଓ ଉନ୍ନୟନ କାର୍ଯ୍ୟକ୍ରମ ଆୟୋଜନ କରିବେ । ଏହି ସ୍ୱାକ୍ଷର ସମାରୋହରେ କିଷ୍ଟ ପକ୍ଷରୁ ଡିନ୍ ଡ଼. ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଏବଂ ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡ଼. ଚନ୍ଦ୍ରକାନ୍ତ ମିଶ୍ର ପ୍ରତିନିଧିତ୍ୱ କରିଥିଲେ ।

# ଶିଶୁକନ୍ୟାକୁ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ଗିରଫ

କଟକ,(ସବ୍ୟୁ): ଶଶିଶୁକନ୍ୟାକୁ ଦୁଷ୍କର୍ମ ଉଦ୍ୟମ କରିବା ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ବିଡ଼ାନାସୀ ଥାନା ପୁଲିସ । ଅଭିଯୁକ୍ତ ହେଲା ବିଡ଼ାନାସୀ କୃଷକ ବଜାର ନିକଟରେ ରହୁଥିବା ଢେଙ୍କାନାଳ ଜିଲା ସଦର ଥାନା ଅନ୍ତର୍ଗତ ବାଲିଆମ୍ବ ଗ୍ରାମର ଚୈତନ୍ୟ ନାୟକଙ୍କ ପୁଅ ରବି ନାୟକ(୫୮) । କୋର୍ଟଚାଲାଣ ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ରବି କୃଷକ ବଜାର ନିକଟରେ ରହୁଥିବା ଝିଅ ଘରେ କିଛିଦିନ ହେଲା ରହୁଛନ୍ତି । ଦୁଇଦିନ ପୂର୍ବେ ପଡ଼ୋଶୀ ଘରର ଶିଶୁକନ୍ୟା ଘର ବାହାରେ ଏକୁଟିଆ ଖେଳୁଥିଲା । ଏପଟେ ଝିଅ ଘରେ କେହି ନଥିବାର ସୁଯୋଗ ନେଇ ରବି ଶିଶୁକନ୍ୟାକୁ ଚକୋଲେଟ ଦେବା ଲାଗି ତା’ ଘରକୁ ଡାକିନେଇଥିଲା । ଏହାପରେ ସେ ତାକୁ ଦୁଷ୍କର୍ମ ଉଦ୍ୟମ କରିଥିଲା । ଏହି ସମୟରେ ଶିଶୁକନ୍ୟାର ମା’ ବାହାରକୁ ଆସି ଝିଅ କୁଆଡେ ଗଲା ବୋଲି ଖୋଜୁଥିବା ବେଳେ ରବି ଘରେ ତା’ର ପାଟିଶୁଣି ଭିତରକୁ ପଶିଯାଇଥିଲେ । ଘଟଣା ଦେଖି ପାଟିକରି ଉଠିବା ସହିତ ଘର ଲୋକଙ୍କୁ ଜଣାଇଥିଲେ । ଅଭିଯୋଗକ୍ରମେ ଘଟଣାର ତଦନ୍ତ କରାଯାଇ ଅଭିଯୁକ୍ତ ରବିକୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଅସିତ୍ ବଳବନ୍ତରାୟ ସୂଚନା ଦେଇଛନ୍ତି ।

# ସେଣ୍ଟ୍ରାଲ ରେଡ୍‌କ୍ରସ ପକ୍ଷରୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

କଟକ, (ସ୍ୱପ୍ର) : ସେଣ୍ଟ୍ରାଲ ରେଡ୍‌କ୍ରସ ପକ୍ଷରୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଗୁରୁବାର ସ୍ଥାନୀୟ ଜୋବ୍ରା ସ୍ଥିତ ମେରିଟାଇମ୍ ମ୍ୟୁଜିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସେଣ୍ଟ୍ରାଲ ରେଡ୍‌କ୍ରସର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ସାଂସଦ ଭର୍ତ୍ତୃହରି ମହତାବ, ରାଜ୍ୟସଭା ସାଂସଦ ସେବାଶିଷ ସାମନ୍ତରାୟ, ମେୟର ସୁବାଷ ସିଂହ, ବିଧାୟକ ସୌଭିକ୍ ବିଶ୍ୱାଳ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟିକା ସୋଫିଆ ଫିରଦୋସ, ଡଃ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚଳିତବର୍ଷର ଥିମ୍ ୱାନ ଡ୍ରପ୍ ଅଫ ହ୍ୟୁମାନିଟି, ଗିଭ୍ ବ୍ଲଡ, ସେଭ ଲାଇଫ ଉପରେ ବକ୍ତବ୍ୟ ଦେବା ସହିତ ରକ୍ତଦାନ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ । ରକ୍ତଦାନ ପାଇଁ ଆମ ଓଡିଶା ସମ୍ବାଦକୁ ପ୍ରଥମ, ଯାଜପୁର ଧର୍ମଶାଳାର ଅଂଶୁମାନ ମେମୋରିଆଲ ଟ୍ରଷ୍ଟକୁ ଦ୍ୱିତୀୟ ଓ ଟେଟ୍ରାହେଡେନ ଏଜୁକେଶନାଲ ଟ୍ରଷ୍ଟକୁ ତୃତୀୟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଶତାଧିକ ସେବା ସଂଗଠନ ଗୁଡ଼ିକୁ ସମ୍ମାନିତ କରାଯାଇଥିଲା । ଡ. ସସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. କନକଲତା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍ୱେଚ୍ଛାସେବୀ ସଙ୍ଗଠନ ଆଶିର୍ବାଦ ଫାଉଣ୍ଡେସନ ସମ୍ମାନିତ




କଟକ ରାଜେନ୍ଦ୍ରନଗରର ଅଞ୍ଚଳର ଜଣାଶୁଣା ସ୍ୱେଚ୍ଛାସେବୀ ସଙ୍ଗଠନ ଆଶିର୍ବାଦ ଫାଉଣ୍ଡେସନକୁ ସମ୍ମାନୀତ କରାଯାଇଛି । ଅନୁଷ୍ଠାନ ପକ୍ଷରୁ ସଂଯୋଜକ ସମୀର କରଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମେମୋଟୋ, ସାର୍ଟିଫିକେଟ ଦେଇ ସମ୍ମାନୀତ କରିଥିଲେ । ଏଥିରେ ଅନୁଷ୍ଠାନର ସଭାପତି ମାଗୁଣି ଚରଣ ଦାସ, ସରୋଜ ରାଉତ, ଚିତ୍ତ ରଞ୍ଜନ ନାୟକ, ପ୍ରଭାକର ମଲ୍ଲୀକ ପ୍ରମୁଖ ଉପସ୍ଥିତ ଥିଲେ ।

## ଯାଜପୁରରେ ରେଳ ଭିତ୍ତିଭୂମିର ବିକାଶ ପାଇଁ

# ପୂର୍ବତଟ ରେଳବାଇ ମହାପ୍ରବନ୍ଧକଙ୍କ ସହ ସାଂସଦଙ୍କ ଆଲୋଚନା

ଚଣ୍ଡିଖୋଲ, (ସବ୍ୟୁ) ଯାଜପୁରର ଜିଲ୍ଲାରେ ରେଳ ଭିତ୍ତିଭୂମିର ବିକାଶ ସହିତ ଧାମରା ଠାରୁ ଯାଜପୁର ରୋଡ ରେଳପଥ ନିର୍ମାଣ ଏବଂ ରେଳବାଇ ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ପୂର୍ବତଟ ରେଳବାଇ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସହିତ ଯାଜପୁର ସାଂସଦ ଡଃ ରବିନ୍ଦ୍ରନାରାୟଣ ବେହେରା ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ଧାମରା ଠାରୁ ଯାଜପୁର ରୋଡକୁ ନିର୍ମାଣ ହେବାକୁ ଥିବା ନୂଆ ରେଳପଥର ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବା ଓ ଲୋକମାନଙ୍କ ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯାଜପୁର ଜିଲ୍ଲା ମଧ୍ୟରେ ରେଳ ଲାଇନ ଉପରେ ୧୭ଟି ସ୍ଥାନରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ରେଲୱେ ଓଭରବ୍ରିଜକୁ ଇତିମଧ୍ୟରେ ମଞ୍ଜୁରୀ ମିଳିଥିବାରୁ କ୍ଷେତ୍ର ପରିଦର୍ଶନ କରି ତାହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସାଂସଦ ଶ୍ରୀ ବେହେରା ମହାପ୍ରବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଧାମରା ଠାରୁ ଯାଜପୁର ରୋଡକୁ ନିର୍ମାଣ ହେବାକୁ ଥିବା ଏହି ନୂତନ ରେଳପଥ ଯାଜପୁରର ପ୍ରସିଦ୍ଧ ଶକ୍ତିପୀଠ ବିରଜା କ୍ଷେତ୍ରକୁ ସଂଯୋଗ କରୁଥିବାରୁ ଏହାର



ନିର୍ମାଣକୁ ସାଂସଦ ପ୍ରାଥମିକତା ଦେଇ ଲଗାତାର ତାଙ୍କର ଉଦ୍ୟମ ଯାରୀ ରଖିଛନ୍ତି। ଏଥି ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ ରହିଥିବା ମୁଖ୍ୟ ରାସ୍ତା ଗୁଡିକ ରେଳପଥକୁ ଅତିକ୍ରମ କରୁଥିବାରୁ ସେଠାରେ ଲୋକଙ୍କ ଯାତାୟାତ ପାଇଁ ବହୁ ସମୟରେ ଗୁରୁତର ସମସ୍ୟା ସୃଷ୍ଟି କରୁଥିଲା। ଜନସାଧାରଣଙ୍କ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସେହିସବୁ ସ୍ଥାନରେ ଓଭରବ୍ରିଜ ନିର୍ମାଣ ପାଇଁ ରେଳ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବ ଅନୁସାରେ ଯଖପୁରା ଓ ଜେନାପୁର ଷ୍ଟେସନ ମଧ୍ୟସ୍ତ ଏଲସି ୧୪୭ରେ ୬୭.୩ କୋଟି ଟଙ୍କା ବ୍ୟୟରେ ,ବୈତରଣୀରୋଡ ଓ କୋରେଇ ଷ୍ଟେସନ ମଧ୍ୟସ୍ତ ଏଲସି ୧୩୬ରେ ୭୩.୧୨ କୋଟି ଓ ଏଲସି ୧୩୭ରେ ୭୩.୪୭ କୋଟି ବ୍ୟୟରେ,ଯାଜପୁରରୋଡ ଓ ଯଖପୁରା ଷ୍ଟେସନ ମଧ୍ୟସ୍ତ ଏଲସି ୧୪୨ରେ ୧୦୧.୪୯ କୋଟି ବ୍ୟୟରେ,ଯାଜପୁର ରୋଡ ଷ୍ଟେସନ ନିକଟ ଏଲସି ୧୩୪ରେ ୬୬.୦୮ କୋଟି ବ୍ୟୟରେ,ଜେନାପୁର ଓ ହରିଦାସପୁର ଷ୍ଟେସନ ମଧ୍ୟସ୍ତ ଏଲସି ୧୪୮ରେ ୬୬.୮୭ କୋଟି,ଏଲସି ୧୫୪ରେ ୬୫.୧୦ କୋଟି,ଏଲସି ୧୫୨ରେ ୬୨.୩୧ କୋଟି,ଏଲସି ୧୫୬ରେ ୫୬.୪୦ କୋଟି ଓ ଏଲସି ୧୫୩ରେ ୬୫.୮୨ କୋଟି ବ୍ୟୟରେ,ବୈରୀ ଓ କପିଳାସ ରୋଡ ଷ୍ଟେସନ ମଧ୍ୟରେ ଏଲସି ୧୭୧ରେ ୬୪.୧୯ କୋଟି ବ୍ୟୟରେ,ଧାନମଣ୍ଡଳ ଓ ବୈରୀ ଷ୍ଟେସନ ମଧ୍ୟସ୍ତ ଏଲସି ୧୬୭ରେ ୭୦.୦୫ କୋଟି,ଏଲସି ୧୬୪ରେ ୬୭.୦୨ କୋଟି ଓ ଏଲସି ୧୬୨ରେ ୬୪.୧୯ କୋଟି,ଏଲସି ୧୬୫ରେ ୬୪.୧୯ କୋଟି ବ୍ୟୟରେ,ହରିଦାସପୁର ଓ ଧାନମଣ୍ଡଳ ଷ୍ଟେସନ ମଧ୍ୟସ୍ତ ଏଲସି ୧୫୯ରେ ୭୦.୦୫ କୋଟି ,ଏଲସି ନମ୍ବର ୧୩୯ରେ ୬୨.୩୧ କୋଟି ବ୍ୟୟରେ ଯାଜପୁର ଜିଲ୍ଲାର ଏହି ୧୭ଟି ସ୍ଥାନରେ ରେଲୱେ ଓଭରବ୍ରିଜ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଥିବା ବେଳେ ଏଗୁଡିକର ନିର୍ମାଣ ମଞ୍ଜୁରୀ ମିଳିବା ସହିତ ଏଥିପାଇଁ ୧,୦୯୫.୭୭ କୋଟି ଟଙ୍କାର ଅର୍ଥ ବରାଦ ହୋଇଛି । ଉକ୍ତ ୧୭ଟି ଓଭରବ୍ରିଜ ମଧ୍ୟରୁ କେବଳ ଗୋଟିଏ ସ୍ଥାନରେ (ଯାଜପୁରରୋଡ ଓ ଯଖପୁରା ମଧ୍ୟସ୍ତ ଏଲସି ୧୪୨ରେ) ରେଳବାଇ ନିର୍ମାଣର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବାକୁ ପ୍ରସ୍ତାବ ରହିଥିଲା ବେଳେ ଅନ୍ୟ ସମସ୍ତ ୧୬ଟି ସ୍ଥାନରେ କେନ୍ଦ୍ର ଓ ରାଜ୍ୟର ସହ ଭାଗିତାରେ (୫୦ : ୫୦) ଓଭରବ୍ରିଜ ଗୁଡିକ ନିର୍ମାଣ ହେବ ବୋଲି ଜଣାପଡିଛି।

**ଯାଜପୁର ଜିଲ୍ଲାରେ ନିର୍ମାଣ ହେବ ୧୭ଟି ନୂଆ ଓଭର ବ୍ରିଜ : ୧,୦୯୫.୭୭ କୋଟି ମଞ୍ଜୁର**

# କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅନୁପ କୁମାର ସାହା

ଭୁବନେଶ୍ୱର (ସବ୍ୟୁ): କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍ ଘୋଷଣା କରିଛି ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଅନୁପ କୁମାର ସାହାଙ୍କୁ ୦୧ ଜାନୁୟାରୀ, ୨୦୨୭ରୁ ତିନିବର୍ଷ ଅବଧି ପାଇଁ ବ୍ୟାଙ୍କର ପରି·ଳନା ନିର୍ଦ୍ଦେଶକ ଏବଂ ସିଇଓ ଭାବରେ ନିଯୁକ୍ତି ଦେବାକୁ ମଞ୍ଜୁରୀ ପ୍ରଦାନ କରିଛି। ଏହି ନିଯୁକ୍ତିକୁ ଆନୁଷ୍ଠାନିକ ରୂପ ଦେବା ପାଇଁ ଏବଂ ଏଥିପାଇଁ ସଦସ୍ୟମାନଙ୍କ ଅନୁମୋଦନ ନେବା ନିମନ୍ତେ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ଯଥାସମୟରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ। ଅନୁପ ବର୍ତ୍ତମାନ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ପୂର୍ଣ୍ଣ-କାଳୀନ ନିର୍ଦ୍ଦେଶକ (କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ) ଭାବରେ କାର୍ଯ୍ୟରତ ଅଛନ୍ତି। ବ୍ୟାଙ୍କ ନିଜର ମଜବୁତ୍ ଭିତିଭୂମିକୁ ଆଗକୁ ବଢ଼ାଉଥିବା ବେଳେ, ବ୍ୟାଙ୍କର ସଂସ୍ଥାଗତ ଶକ୍ତି ବୃଦ୍ଧି କରିବା ଏବଂ ନିରନ୍ତର ବିକାଶ ପଥରେ ଆଗେଇ ନେବାରେ ଆମେ ଅନୁପଙ୍କ ନେତୃତ୍ୱକୁ ଆଶା କରୁଛୁ। ଅନୁପ କୁମାର ସାହା କହିଛନ୍ତି,



“ମୋ ଉପରେ ବିଶ୍ୱାସ ରଖିଥିବାରୁ ମୁଁ ବୋଡର୍ ନିକଟରେ କୃତଜ୍ଞ ଏବଂ କୋଟାକ୍ ମହିନ୍ଦ୍ର ବ୍ୟାଙ୍କର ନେତୃତ୍ୱ ନେବାର ସୁଯୋଗ ପାଇ ଅତ୍ୟନ୍ତ ଆନନ୍ଦିତ। କୋଟାକ୍‌ର ଏକ ଶକ୍ତିଶାଳୀ ଭିତିଭୂମି, ବିଶ୍ୱସନୀୟ ବ୍ରାଣ୍ଡ ଏବଂ ସମଗ୍ର ସଂସ୍ଥାରେ ଦକ୍ଷ ଦଳ ରହିଛନ୍ତି। ଗ୍ରାହକ ସମ୍ପର୍କକୁ ଆହୁରି ମଜବୁତ କରିବା, କାର୍ଯ୍ୟକାରୀ କରିବା ଏବଂ ସେୟାରହୋଲ୍ଡରଙ୍କ ସହ ସମସ୍ତ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କ ପାଇଁ ସ୍ଥାୟୀ ମୂଲ୍ୟ ସୃଷ୍ଟି କରିବା ଲକ୍ଷ୍ୟ ନେଇ ମୁଁ ମୋର ସହକର୍ମୀମାନଙ୍କ ସହ ମିଶି କାର୍ଯ୍ୟକରିବାକୁ ଆଶା ରଖୁଛି।

## ଛୁରି ଦେଖାଇ ଦାଦାବଟି ଆଦାୟ

# ଯୁବକ ଗିରଫ

ପୁରୀ, (ସବ୍ୟୁ): ପୁରୀ ସହରରେ ଛୁରି ଦେଖାଇ ଅଟୋଚାଳକ ଓ ପରିବା ବ୍ୟବସାୟୀଙ୍କୁ ଭୟଭୀତ କରି ଦାଦାବଟି ଆଦାୟ ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ପୁଲିସର ‘ଅପରେସନ ଚକ୍ର’ ଅଭିଯାନରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ଗିରଫ ଯୁବକ ହେଲେ ସୁମ ଓରଫ ଜନମେଞ୍ଜୟ ରାଉଳ (୨୧) । ତାଙ୍କ ଘର କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଲେଙ୍କାସାହିରେ ବୋଲି ପୁଲିସ ସୂଚନା ଦେଇଛି। ତାଙ୍କ ନିକଟରୁ ଏକ ଛୁରି ଜବତ ହୋଇଛି। ପୁଲିସର ସୂଚନାନୁସାରେ, ଗୁରୁବାର ଦିନବେଳେ ଏସ୍ଆଇ ବିକାଶ କୁମାର ନାୟକ ପାଟ୍ରୋଲିଂ କରୁଥିବା ସମୟରେ ବଡ଼ଶଙ୍ଖ ପରିବା ମାର୍କେଟ ନିକଟରେ ଜଣେ ଯୁବକ ଛୁରି ଦେଖାଇ ସ୍ଥାନୀୟ ଅଟୋଚାଳକ ଓ ପରିବା ବ୍ୟବସାୟୀଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରୁଥିବା ଖବର ପାଇଥିଲେ।

## ସନ୍ଥ ଗୋପାଳନ ଝଲକ ମାତ୍ର

# ଆଗକୁ ବହୁ ଅଫିସର ଚାକିରି ଛାଡ଼ିବେ: କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଓଡିଶା ମୁଖ୍ୟ ନିର୍ବାଚନ ଅଧିକାରୀ ସନ୍ଥ ଗୋପାଳନଙ୍କ ସ୍ୱେଚ୍ଛାକୃତ ଅବସର ନେବା ନିଷ୍ପତ୍ତି ବିଷୟରେ ଗୁରୁବାର କଂଗ୍ରେସ ଭବନଠାରେ ଗଣମାଧ୍ୟମକୁ ବିବୃତ୍ତି ଦେଇଛନ୍ତି । ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ଡ଼ ଦେବାଶିଷ ପଟ୍ଟନାୟକ କହିଛନ୍ତି ଯେ, ଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ବିରୋଧରେ ଏସଆଇଆର ସଂଶୋଧନ ପ୍ରକ୍ରିୟା ଜାଲିଆତିକୁ ନେଇ ଦେଶସାରା ଆନ୍ଦୋଳନ ସୃଷ୍ଟି ହୋଇଥିବା ବେଳେ ଓଡିଶା ନିର୍ବାଚନ ଅଧିକାରୀଙ୍କ ସ୍ୱେଚ୍ଛାକୃତ ଅବସର ଅପିଲ ସନ୍ଦେହ ଘେରକୁ ଆସିଛି । ଏହା ସ୍ପଷ୍ଟ ହେଉଛି ଯେ ସନ୍ଥ ଗୋପାଳନଙ୍କ ଉପରେ ବେଆଇନ କାମ କରିବା ପାଇଁ ଚାପ ସୃଷ୍ଟି ହୋଇଛି ଯାହା ତାଙ୍କ ନୈତିକତା ବାହାରେ । ତେଣୁ ସେ ଅବସର ନେବାପାଇଁ ବାଧ୍ୟ ହୋଇଛନ୍ତି । ପୂର୍ବରୁ ଭୁବନେଶ୍ୱର ଡିସିପି ମଧ୍ୟ ସ୍ୱେଚ୍ଛାକୃତ ଚାକିରି ତ୍ୟାଗ କରିଛନ୍ତି । ଭବିଷ୍ୟତରେ ସଚ୍ଚୋଟ, ନିର୍ଭୀକ ଓ କର୍ତ୍ତବ୍ୟପରାୟଣ ସବୁ ଅଫିସର ଗୋଟି ଗୋଟି ହୋଇ ଚାକିରି ଛାଡ଼ିବେ । ସନ୍ଥ ଗୋପାଳନ ଏଭଳି ଏକ ସମୟରେ କାହିଁକି ସ୍ୱେଚ୍ଛାକୃତ ଅବସର ଘୋଷଣା କରିଛନ୍ତି ତାହା ନିଶ୍ଚୟ ଏସଆଇରକୁ ନେଇ ପ୍ରବଳ ଚାପ ହୋଇଥିବ ବୋଲି ଡ଼ ପଟ୍ଟନାୟକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଧୀରେ ଧୀରେ କର୍ତ୍ତବ୍ୟପରାୟଣ ଅଫିସର ଶାସନରୁ ଦୁରେଇ ଯିବା ରାଜ୍ୟ ସରକାରଙ୍କ ଅଯୋଗ୍ୟତାକୁ ଦର୍ଶାଉଛି ଏବଂ ଏତଦ୍ୱାରା ରାଜ୍ୟର ବିକାଶ ଉପରେ ଗୁରୁତର ବାଧା ସୃଷ୍ଟି ହେଉଛି ।

# ଯୁବତୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦୁଷ୍କର୍ମ

ଭୁବନେଶ୍ୱର, (ସବ୍ୟୁ) : ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦୁଷ୍କର୍ମ କରିବା ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ବୁଧବାର ବିଳମ୍ବିତ ରାତିରେ ଥାନାରେ ଏତଲା ହେବା ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ହେଉଛି । ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ସହ ଡିସିପି ସର୍ବଣା ବିବେକ ଏମ୍ ଯାଇ ଛାନ୍‌ଭିନ୍ ଆରମ୍ଭ କରିଛନ୍ତି ।

ନୟାପଲ୍ଲୀ ଥାନା ଅଞ୍ଚଳରେ ବଡଭଉଣୀଙ୍କ ସହ ଭଡାରେ ରୁହନ୍ତି ୨୬ବର୍ଷୀୟା ଯୁବତୀ । ଦୁଇ ଭଉଣୀ ଘରର ଉପର ମହଲାରେ ଭଡାକୁ ରହୁଥିବା ବେଳେ ତଳ ମହଲାରେ ମାଲିକ ରହୁଛନ୍ତି । ବଡଭଉଣୀ ବୁଧବାର ଅନୁପସ୍ଥିତ ଥିବା ଅଭିଯୁକ୍ତ ଯୁବକ କିପରି ଜାଣିପାରିଥିଲା । ରାତି ପ୍ରାୟ ୧୦ଟା ବେଳେ ହାତରେ ବନ୍ଧୁକ ଧରି ଘର ଭିତରକୁ ଯିବା ସହ ପୀଡିତା ଭଡା ରହୁଥିବା ଘରର କବାଟକୁ ଠକ୍ ଠକ୍ କରିଥିଲା । ପୀଡିତା ଖୋଲିବା କ୍ଷଣି ତାଙ୍କ ମୁଣ୍ଡରେ ଅଭିଯୁକ୍ତ ବନ୍ଧୁକ ଲଗାଇ ଦେଇଥିଲା । ଏହା ପରେ ଉଭୟେ ଠେଲାପେଲା ହେବା ସହ ପୀଡିତା ବଡପାଟି କରିଥିଲେ । ହେଲେ କୌଣସି କାରଣ ପାଇଁ ସେ ନୀରବ ହୋଇଗଲେ ତାହା ସ୍ପଷ୍ଟ ଜଣାପଡିନାହିଁ । ହୁଏତ ବନ୍ଧୁକ ଡରରେ ନୀରବ ହୋଇଯାଇଥାଇ ପାରନ୍ତି ବୋଲି କୁହାଯାଉଛି ।

ଅଭିଯୁକ୍ତ ଯୁବକ ପୀଡିତାଙ୍କୁ ପୂର୍ବରୁ ଜାଣିଥିଲେ ନା ହଠାତ୍ ଘର ଭିତରକୁ ଯାଇ ଦୁଷ୍କର୍ମ ଭଳି ଘଟଣା ଘଟାଇଲେ ତାହା ପୋଲିସ କହୁନାହିଁ । ଯଦି ହଠାତ୍ ସେହି ଯୁବକ ତାଙ୍କ ଘର ଭିତରକୁ ଯାଇଥାଏ, ତେବେ ବଡଭଉଣୀ ନଥିବା ସେ ଜାଣିଲା କିପରି ? ଉଭୟଙ୍କ ମଧ୍ୟରେ ପୂର୍ବରୁ ସମ୍ପର୍କ ଥିବା ସନ୍ଦେହ କରି ପୋଲିସ ଯୁବତୀଙ୍କ ମୋବାଇଲର ସିଡିଆର୍ ଯାଞ୍ଚ କରୁଛି । ପୋଲିସ ମାମଲା ରୁଜୁ କରିବା ପରେ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରିଛି । ହେଲେ ଗଠନ ହୋଇଥିବା ସ୍ୱତନ୍ତ୍ର ଟିମ୍ ସିସି କ୍ୟାମେରା ପ୍ରଭୃତିର ଫୁଟେଜକୁ ଆଧାର କରି ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ ମଧ୍ୟ ୨୪ଘଣ୍ଟା ପରେ ଅଭିଯୁକ୍ତର ସନ୍ଧାନ ମିଳିନାହିଁ । ମାମଲା ରୁଜୁ ହେବା ପରେ ପୀଡିତାଙ୍କ ଡାକ୍ତରୀ ମାଇନା କରାଯାଇ ବୟାନ ରେକର୍ଡ ହୋଇଛି । ତାଙ୍କ ବୟାନରେ ତାଳମେଳ ରହୁନଥିବା ଜଣେ ପୋଲିସ ଅଫିସର କହିଛନ୍ତି । ଅଭିଯୁକ୍ତ ଯୁବକ ଗିରଫ ହେବା ପରେ ଦୁଷ୍କର୍ମ ରହସ୍ୟ ଉନ୍ମୋଚନ ହେବ ବୋଲି କୁହାଯାଉଛି । ଯୁବକ କେଉଁଆଡେ କିଭଳି ଫେରାର ହୋଇଗଲେ ତାହା ପୋଲିସ କହୁନଥିବା ବେଳେ ତା’ ମୋବାଇଲ ନମ୍ବର ସଂଗ୍ରହ ପାଇଁ ଉଦ୍ୟମ କରୁଛି । ତଦନ୍ତ କେତେବାଟ ଆଗେଇଛି ବାସ୍ତବତା ଜାଣିବାକୁ ଚାହିଁଥିଲେ ମଧ୍ୟ ପୋଲିସ ସେ ସମ୍ପର୍କରେ ତଥ୍ୟ ଦେବାକୁ ଅନିଚ୍ଛା ପ୍ରକାଶ କରିଛି ।

# ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ‘ଶରତ ସ୍ମୃତି’ ନୃତ୍ୟ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ପଦ୍ମଶ୍ରୀ ଗୁରୁ ଗୀତା ମହାଲିକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପ୍ରୋତ୍ସାହିତ ସାଂସ୍କୃତିକ ଅନୁଷ୍ଠାନ ‘ଗୀତା’ସ୍ ଉପାସନା’ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ହାବିଟାଟ୍ ସେଣ୍ଟରର ଷ୍ଟେଇନ୍ ଅଡିଟୋରିୟମ୍‌ରେ ୩୦ ସେପ୍ଟେମ୍ବର ୨୦୨୬ରେ ‘ଶରତ ସ୍ମୃତି’ ନୃତ୍ୟ ଉତ୍ସବ ଆୟୋଜିତ ହୋଇଥିଲା। ଭାରତର ଜଣେ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ଗୁରୁ ଗୀତା ମହାଲିକଙ୍କୁ ପଦ୍ମଶ୍ରୀ ସମ୍ମାନ, କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଓ ଓଡ଼ିଶା ରାଜ୍ୟ ଏକାଡେମୀ ପୁରସ୍କାର ସମେତ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ



‘ଗୀତା’ସ୍ ଉପାସନା’ ପକ୍ଷରୁ ଓଡ଼ିଶୀ ନୃତ୍ୟଶୈଳୀରେ ପ୍ରସ୍ତୁତ ‘ଅଗ୍ନି’ ନାମକ ଏକ ଗୀତିନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା। ଗୁରୁ ଗୀତା ମହାଲିକ ଓ ତାଙ୍କ ନୃତ୍ୟଦଳର କଳାକାରମାନଙ୍କ ଚମତ୍କାର ପରିବେଷଣ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ସଂସ୍କୃତି ମନ୍ତ୍ରଣାଳୟ ଓ ପର୍ଯ୍ୟଟନ ମନ୍ତ୍ରଣାଳୟର ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଇଣ୍ଡିଆ ହାବିଟାଟ୍ ସେଣ୍ଟର ଓ ସଂସ୍କୃତି ମନ୍ତ୍ରଣାଳୟ ସହଯୋଗ କରିଥିଲେ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୦୧
ତିଥି : ଷଷ୍ଠୀ
୦୨ ଅକ୍ଟୋବର ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୬+୪, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

30th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

## ମହାନଦୀ ଜଳ ବିବାଦ ବୈଠକ

## ସମାଧାନର ନିକଟତର ହୋଇଛୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧।୧୦ (ସବ୍ୟୁ) : ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଚାଲିଥିବା ବିବାଦର ଆପୋଷ ସମାଧାନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏବେ ଉଭୟ ରାଜ୍ୟ ସମାଧାନର ନିକଟତର ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି । ଆଜି ନୂଆଦିଲ୍ଲୀରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ



ଶାହଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏବଂ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର୍ ପାଟିଲଙ୍କ ସମେତ ଉଭୟ ରାଜ୍ୟର ମୁଖ୍ୟ ସଚିବ ଓ ବୈଷୟିକ କମିଟି ସଦସ୍ୟମାନଙ୍କର ଏକ ବୈଠକ ହୋଇଥିଲା । ୧ ଘଣ୍ଟା ଧରି ପ୍ରାୟତଃ ଏହି ବୈଠକ ଚାଲିଥିଲା ।

ବୈଠକ ପରେ (୯ ପୃଷ୍ଠାରେ)

## ଫ୍ଲାଏଦୁବାଇ ବିମାନରେ ଭାରତୀୟ କ୍ୟାପ୍ଟେନ୍‌କୁ କୁରାଢ଼ିରେ ଆକ୍ରମଣ !

ନୂଆଦିଲ୍ଲୀ, ୦୧ ।୧୦ : ଇସ୍ରାଏଲ୍ ଅଭିମୁଖେ ଯାଉଥିବା ଫ୍ଲାଏଦୁବାଇ ବିମାନରେ ଆକାଶମାର୍ଗରେ ଆତଙ୍କବାଦୀ ଆକ୍ରମଣ ଉଦ୍ୟମ ଅଭିଯୋଗକୁ ନେଇ ନୂଆ ତଥ୍ୟ ସାମ୍ନାକୁ ଆସିଛି । ବିମାନର ଓମାନୀ ସହ-ପାଇଲଟ୍ ଭାରତୀୟ କ୍ୟାପ୍ଟେନ୍ ସ୍ମିତ ମଛରଙ୍କୁ ଛୁରି ନୁହେଁ, ବରଂ ବିମାନରେ ଜରୁରୀକାଳୀନ ସୁରକ୍ଷା ପାଇଁ ରଖାଯାଇଥିବା 'କ୍ରାସ୍ ଆକ୍ସ' ବା ଅଗ୍ନିଶମ କୁରାଢ଼ିରେ ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି ।

ରିପୋର୍ଟ ଅନୁଯାୟୀ, ଅଭିଯୁକ୍ତ ସହ-ପାଇଲଟ୍ ବାହାରୁ କୌଣସି ଅସ୍ତ୍ର ଆଣିନଥିଲେ । ବିମାନର କକ୍‌ପିଟ୍‌ରେ ରଖାଯାଇଥିବା କ୍ରାସ୍ ଆକ୍ସ ବ୍ୟବହାର କରି ସେ ତାଙ୍କ ସହକର୍ମୀଙ୍କୁ ଆକ୍ରମଣ କରିଥାଇପାରନ୍ତି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମଧ୍ୟ ଏହି ଆକ୍ରମଣରେ କ୍ରାସ୍ ଆକ୍ସ ବ୍ୟବହାର ହୋଇଥିବା କହିଛନ୍ତି ।

ଦୁବାଇରୁ ଉଡ଼ାଣର ପ୍ରାୟ ଅଢ଼େଇ ଘଣ୍ଟା ପରେ ବିମାନରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି । ଫ୍ଲାଇଟ୍ ଟ୍ରାକିଂ ସଂସ୍ଥା ଫ୍ଲାଇଟ୍‌ରାଡାର୍ ୨୪ ଅନୁଯାୟୀ, ବିମାନଟି ପ୍ରାୟ ଏକ ମିନିଟ୍ ମଧ୍ୟରେ ୩୩ ହଜାର ଫୁଟ୍ ଉଚ୍ଚତାରୁ ୧୭ ହଜାର ଫୁଟ୍‌କୁ ଖସି ଆସିଥିଲା । ଏହାପରେ ଜୋର୍ଡାନ ସୀମା ନିକଟରେ ଅନିୟମିତ ଭାବେ ଘୂରିବା ପରେ ପ୍ରାୟ (୯ ପୃଷ୍ଠାରେ)

## ଅକ୍ଟୋବରରେ ପୁଣି ବାତ୍ୟା!

ଭୁବନେଶ୍ୱର, ୧ ।୧୦ (ସବ୍ୟୁ): ଅକ୍ଟୋବର ମାସ ଆସିଲେ ମନରେ ଛନକା ପଶେ । କାରଣ ଏହି ମାସରେ ତିନୋଟି ବାତ୍ୟା ହୋଇଛି । ତେବେ ଆଗାମୀ ଦୁଇ ଦିନରେ ଚଳିତ ବର୍ଷ ମୌସୁମୀ ଫେରିଯିବ । ଅକ୍ଟୋବର ୧୫ ବେଳକୁ ଏକ ଲଘୁଚାପ ସୃଷ୍ଟି ହୋଇ ଅଧିକ ଘନୀଭୂତ ହୋଇ ଅବପାତ ରୂପ ନେବ ବୋଲି ଭାରତୀୟ ପାଣିପାଗ ବିଭାଗ ବିସ୍ତାରିତ ଆକଳନରେ ଦର୍ଶାଇଛି । ଏବେ ଏହା ଅଧିକ ଘନୀଭୂତ ହେବ କି ନାହିଁ ତାହା ସ୍ପଷ୍ଟ ହୋଇଥିବା ବେଳେ ଅକେଫାବରରେ ବାତ୍ୟା ଭୟ ଘାରିଛି ।

ଚଳିତ ବର୍ଷ ମୌସୁମୀ ଋତୁରେ ଜୁନ୍ ୧ରୁ ସେପ୍ଟେମ୍ବର ୩୦ ମଧ୍ୟରେ ରାଜ୍ୟରେ ୧୪୮୪.୩ ମିମି ବର୍ଷା ରେକର୍ଡ ହୋଇଛି । ଯାହାକି ସ୍ୱାଭାବିକ ବର୍ଷା୧୧୫୦.୨ ମିମି (୯ ପୃଷ୍ଠାରେ)








ଆମ ସରକାର ଚାଷୀ ଭାଇ ଭଉଣୀମାନଙ୍କ
କଲ୍ୟାଣ ଓ ବିକାଶ ନିମନ୍ତେ ପ୍ରତିବଦ୍ଧ
ଚାଷୀଙ୍କୁ ରାଜ୍ୟ ସରକାରଙ୍କର
ଫସଲ ଋଣ ଯୋଜନାର ସହାୟତା
ଓଡ଼ିଶା ସରକାର
ବାଲେଶ୍ୱର ଉଦ୍ଧକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବାଲେଶ୍ୱର




TRANSRAIL
Power T&D
Substation
Civil Constructions
Railways
Pole & Lighting
TRANSRAIL LIGHTING LIMITED




URBAN BANK
KENDRAPARA
Best Urban Bank Of Odisha
Enjoy The Reduced Rate of Interest
HOUSING LOAN
CAR LOAN
GOLD LOAN
LOAN AGAINST POSTAL CERTIFICATE
CASH CREDIT
LOAN AGAINST PROPERTY
BHAGABAT PRASAD SWAROJGAR YOJANA
BUSINESS LOAN
QR CODE SCANNER AVAILABLE
Bhagyalaxmi Panda
CEO
Guru Prasad Mohanty
PRESIDENT




With best compliments from :-
BALASORE SCHOOL OF ENGINEERING
RANIPATNA, BALASORE - 756001
28 Years Old Diploma Institute in Odisha
SRINIX COLLEGE OF ENGINEERING




ଗାନ୍ଧୀ ଜୟନ୍ତୀ,ଶାରଦୀୟ ଦୁର୍ଗା
ପୂଜା ଓ ଦୈନିକ ଖବର କାଗଜ
ସମୟର ୩୦ ତମ ସ୍ୱନକ୍ଷତ୍ର
ଦିବସ ଅବସରରେ ବାଲେଶ୍ୱର
ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
ଓ ଶୁଭେଚ୍ଛା ।
ସ୍ୱରୂପ ଦାସ
ପୂର୍ବତନ ବିଧାୟକ
ଶ୍ରୀମତୀ ମିତା ପଟ୍ଟନାୟକ
୫ନଂ ୱାର୍ଡ କାଉନସିଲ,
ବାଲେଶ୍ୱର




HOTEL JHADESWAR
06782 - 295053, 260853
8018608503 / 8018606776
Station Square, Balasore
JHADESWAR SWEETS
7852940043 / 8260919117
Fakir Mohan Golai, O.T. Road,Balasore
No Onion, No Garlic




ସମୟର ୩୦ତମ ସ୍ୱନକ୍ଷତ୍ର ଦିବସ ଓ
ଗାନ୍ଧିଜୟନ୍ତୀ ଅବସରରେ ବାଲେଶ୍ୱର ଜିଲ୍ଲାର
ଭାଇ, ଭଉଣୀ ଏବଂ ଶିଶୁମାନଙ୍କୁ ହାର୍ଦ୍ଦିକ
ଅଭିନନ୍ଦନ ଓ ଶୁଭେଚ୍ଛା ।
ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ
ବିଶିଷ୍ଟ ସମାଜସେବୀ
ରେମୁଣା, ବାଲେଶ୍ୱର




ISO 9001:2015 CERTIFIED
Visit us at www.hariplaast.com
Hari Plaast
STRONG & SAFE
PVC, CPVC, HDPE, PLB DUCT, MDPE(GAS) PIPES & FITTINGS
HARI UDYOG PVT LTD.
O.T. Road, Balasore-756001, Odisha
Phone: 06782-260963, 264555, +917894435283




Supporting
Public Health Engineering
since, last 50 years
Ori-Plast
LIFE LINES... NOT JUST PIPE LINES
PVC ASTM D1785
uPVC IS 4985
HDPE IS 4984
cPVC IS 15778
Water Tank
SWR IS 13592




BISWA BHARATI SCIENCE RESIDENTIAL
HIGHER SECONDARY SCHOOL
ADMISSION OPEN
RESULT 2026
ବିଶ୍ୱଭାରତୀ ଯୁକ୍ତ ଦୁଇ ବିଜ୍ଞାନ ଆବାସିକ ମହାବିଦ୍ୟାଳୟ ସଫଳତାର ଶୀର୍ଷରେ
SUSHANTA KUMAR JENA
Bonth, Bdk.
10th Mark - 432
+2 Mark - 541
DHARITREE PANIGRAHI
Agarpada, Bdk.
10th Mark - 435
+2 Mark - 536
100% Result
88 1st. Division out of 115
115 PASSED
ABOVE - 500
12 STUDENTS
Mob:- 9937066993, 9861466681,
9937324156, Ph.: (06782) 296621




Emami PAPER MILLS
WE ARE
THE BEST
AFTER NATURE
We follow the 3Rs
REDUCE
RECYCLE
REUSE
Manufacturers of
International Quality Packaging Boards (FDA & FSC) Certified
Superior Quality Writing Printing Paper
High Quality White and Pink Newsprint
Emami MaxoFold HB
Emami EcoStrong
Emami Solitaire
Emami Regal
Emami Standard Newsprint
Emami MaxoFold
Emami GlamKot
Emami Crystal White
Emami Grand Print Copier
Emami Pink Newsprint
Emami Paper Mills Limited
ISO 9001:ISO 14001: ISO 45001 Certified Company
www.emamipaper.com
Registered Office:
Emami Tower, 687 Anandapur, E.M.Bypass, Kolkata - 700107, West Bengal
Unit Balasore:
Vill: Balgopalpur, P.O: Rasulpur, Dist: Balasore - 756020, Odisha



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ଶିଶୁ ଶ୍ରମ ମୁକ୍ତ ଗ୍ରାମ ପଞ୍ଚାୟତ ସଚେତନତା ଅଭିଯାନ

୨ ଅକ୍ଟୋବରରୁ ୧୪ ନଭେମ୍ବର ୨୦୨୬



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଶିଶୁ ଶ୍ରମ ମୁକ୍ତ ଗ୍ରାମ ପଞ୍ଚାୟତ ଆମ ସଂକଳ୍ପ

### ଆମର ଦାୟିତ୍ୱ

- ଶିଶୁ ଓ କିଶୋର/କିଶୋରୀ ଆମ ଦେଶର ସମ୍ପଦ
- ଶିଶୁ ଶ୍ରମକୁ ପ୍ରୋତ୍ସାହନ ବା ସମର୍ଥନ ଦିଅନ୍ତୁ ନାହିଁ
- ଶିଶୁମାନଙ୍କୁ ବିଦ୍ୟାଳୟ ପଠାଇ ଶିକ୍ଷା ଅଧିକାର ସୁନିଶ୍ଚିତ କରନ୍ତୁ
- ଶିଶୁ ଅଧିକାର ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରନ୍ତୁ

### ଆଇନରେ ଥିବା ଦଣ୍ଡ ବିଧାନ

- ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ
- ୧୪ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୧୮ ବର୍ଷ ବୟସ ପର୍ଯ୍ୟନ୍ତ କିଶୋର/କିଶୋରୀଙ୍କୁ ବିପଦସଙ୍କୁଳ କାମରେ ନିୟୋଜନ ନିଷେଧ
- ଏଭଳି କାମରେ ନିୟୋଜିତ କରାଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଯାଏଁ ଜରିମାନା ସହିତ ଜେଲଦଣ୍ଡ ମଧ ହୋଇପାରେ
- ଏଭଳି ଭୁଲ୍‌ର ପୁନରାବୃତ୍ତି ହେଲେ ୩ ବର୍ଷ ଯାଏଁ ଜେଲଦଣ୍ଡ ସହିତ ଜରିମାନା ଦେବାକୁ ପଡ଼ିପାରେ

କୌଣସି ଶିଶୁ ଶ୍ରମିକ ଘଟଣା ଆପଣଙ୍କ ନଜରକୁ ଆସିଲେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲ୍ଲାପାଳଙ୍କୁ ନିଶ୍ଚୟ ଜଣାନ୍ତୁ

ନିଃଶୁଳ୍କ ଶ୍ରମିକ ସହାୟତା ନମ୍ବର
୧୮୦୦-୩୪୫-୬୭୦୩

ନିଃଶୁଳ୍କ ଶିଶୁ ସହାୟତା ହେଲ୍ପଲାଇନ୍
୧୦୯୮

ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଶିଶୁ ଅଧିକାରକୁ ସୁନିଶ୍ଚିତ କରିବା, ସେମାନଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହେବା

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର

OIPR: 17001/17002/2/26-27/0007 17001/17/2627



TATA STEEL
#WeAlsoMakeTomorrow

TATA

## FORGING ODISHA'S FUTURE WITH SUSTAINABLE STEELMAKING

Tata Steel's steelmaking facilities at Kalinganagar and Meramandali have both received the coveted Responsible Steel™ certification. A significant milestone in our journey, this recognition underscores our commitment to the planet. Responsible Steel™ is the global standard for sustainability in the steel industry.

This is an acknowledgement of our efforts to proactively address sustainability objectives and create a better tomorrow.




Responsible™ Steel | standards & certification





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା।

# ବୁଲା ପ୍ରାଣୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଆନିମଲ୍ ହେଲ୍ପଲାଇନ୍ ନମ୍ବର 1962 (ଟୋଲ୍ ଫ୍ରି)

- ଦୁର୍ଘଟଣାରେ ଆହତ ପ୍ରାଣୀମାନଙ୍କ ପାଇଁ ତୁରନ୍ତ ସେବା
- କଟକ, ଭୁବନେଶ୍ୱର ଏବଂ ବ୍ରହ୍ମପୁରରେ ୨୪ x ୭ ସେବା
- ରାଜ୍ୟର ୨୦ଟି ପୌରାଞ୍ଚଳରେ ସକାଳ ୬ଟାରୁ ରାତି ୧୦ଟା ଯାଏଁ ମିଳୁଛି ସେବା
- ଗ୍ରାମାଞ୍ଚଳରେ ଭ୍ରାମ୍ୟମାଣ ପ୍ରାଣିଚିକିତ୍ସା ୟୁନିଟ୍ ଦ୍ୱାରା ସେବା ପ୍ରଦାନ

ଅସୁସ୍ଥ କିମ୍ବା ଦୁର୍ଘଟଣାରେ ଆହତ ବୁଲା ପ୍ରାଣୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଆନିମଲ୍ ହେଲ୍ପଲାଇନ୍ ନମ୍ବର '1962'ରେ ଯୋଗାଯୋଗ କରନ୍ତୁ।

ଆସନ୍ତୁ ସମସ୍ତେ ସଚେତନ ହେବା, ଅସହାୟ ପ୍ରାଣୀଙ୍କୁ ସୁରକ୍ଷା ଦେବା

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

OIPR: 6001/6042/2/26-27/0001 6001/120/2627



विद्युत मंत्रालय
MINISTRY OF POWER



ଭାରତ ଶକ୍ତି ସଂରକ୍ଷଣର ଅନନ୍ୟ ଓ ଅଭିନବ ପଦ୍ଧତି ଆପଣାଇଛି, ଯାହା ନିରନ୍ତର ବିକାଶକୁ ଆଗକୁ ବଢ଼ାଇବା ସହ ନାଗରିକମାନଙ୍କୁ ମଧ ଲାଭାନ୍ୱିତ କରୁଛି ।

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



# ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା

## ଶକ୍ତି ସଂରକ୍ଷଣ ଉପରେ - ୨୦୨୬

ବିଷୟବସ୍ତୁ

ବିଦ୍ୟାଳୟ ଓ ଘରେ ଶକ୍ତି ସଞ୍ଚୟ କରନ୍ତୁ

ଶକ୍ତି ସଂରକ୍ଷଣ ହିଁ ଶକ୍ତି ସୁରକ୍ଷାର ମୂଳ ଚାବିକାଠି

ଗ୍ରୁପ୍ ଏ
୫ମ, ୬ଷ୍ଠ ଓ ୭ମ ଶ୍ରେଣୀ

ଗ୍ରୁପ୍ ବି
୮ମ, ୯ମ ଓ ୧୦ମ ଶ୍ରେଣୀ

### ଚିତ୍ରାଙ୍କନ ପୁରସ୍କାର ମୂଲ୍ୟ

| ପୁରସ୍କାର ବର୍ଗ | ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ସ୍ତରୀୟ ପୁରସ୍କାର | | | ପୁରସ୍କାର ବର୍ଗ | ଜାତୀୟ ସ୍ତରୀୟ ପୁରସ୍କାର | | |
|---|---|---|---|---|---|---|---|
| | ପୁରସ୍କାର ସଂଖ୍ୟା | ଗ୍ରୁପ୍ ଏ | ଗ୍ରୁପ୍ ବି | | ପୁରସ୍କାର ସଂଖ୍ୟା | ଗ୍ରୁପ୍ ଏ | ଗ୍ରୁପ୍ ବି |
| ପ୍ରଥମ ପୁରସ୍କାର/ ସ୍ୱର୍ଣ୍ଣ ପଦକ | ୦୧ ଟି | ଟ. ୫୦,୦୦୦/- | ଟ. ୫୦,୦୦୦/- | ପ୍ରଥମ ପୁରସ୍କାର/ ସ୍ୱର୍ଣ୍ଣ ପଦକ | ୦୧ ଟି | ଟ. ୧,୦୦,୦୦୦/- | ଟ. ୧,୦୦,୦୦୦/- |
| ଦ୍ୱିତୀୟ ପୁରସ୍କାର/ ରୌପ୍ୟ ପଦକ | ୦୧ ଟି | ଟ. ୩୦,୦୦୦/- | ଟ. ୩୦,୦୦୦/- | ଦ୍ୱିତୀୟ ପୁରସ୍କାର/ ରୌପ୍ୟ ପଦକ | ୦୧ ଟି | ଟ. ୫୦,୦୦୦/- | ଟ. ୫୦,୦୦୦/- |
| ତୃତୀୟ ପୁରସ୍କାର/ ବ୍ରୋଞ୍ଜ ପଦକ | ୦୧ ଟି | ଟ. ୨୦,୦୦୦/- | ଟ. ୨୦,୦୦୦/- | ତୃତୀୟ ପୁରସ୍କାର/ ବ୍ରୋଞ୍ଜ ପଦକ | ୦୧ ଟି | ଟ. ୩୦,୦୦୦/- | ଟ. ୩୦,୦୦୦/- |
| ପ୍ରଶଂସନୀୟ ପୁରସ୍କାର | ୧୦ ଟି | ଟ. ୭,୫୦୦/- | ଟ. ୭,୫୦୦/- | ପ୍ରଶଂସନୀୟ ପୁରସ୍କାର | ୧୦ ଟି | ଟ. ୧୫,୦୦୦/- | ଟ. ୧୫,୦୦୦/- |

ଜାତୀୟ ସ୍ତରର ବିଜେତାମାନେ ଲାପଟପ୍/ଟାବଲେଟ୍ ଏବଂ ଭାରତ ମଧ୍ୟରେ ଏକ ଶିକ୍ଷଣୀୟ ଭ୍ରମଣର ସୁଯୋଗ ମଧ ପାଇବେ ।

ଚିତ୍ରାଙ୍କନ ଜମା କରିବାର ଶେଷ ତାରିଖ: ୧୫ ଅକ୍ଟୋବର ୨୦୨୬

CBC 34106/13/0011/2627

## ବିଦ୍ୟାଳୟର ସମସ୍ୟା ନେଇ ବିଡ଼ିଓ ଓ ତହସିଲଦାରଙ୍କୁ ଦାବିପତ୍ର



କୋକସରା,(ସବ୍ୟୁ): କୋକସରା ଗୋଷ୍ଠି ଶିକ୍ଷା ବିଭାଗ ଅନ୍ତର୍ଗତ ଆମପାଣି ସ୍ଥିତ ବୁଢ଼ାରଜା ଉଚ୍ଚ ବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା ନେଇ ଗୁରୁବାର ବିଦ୍ୟାଳୟ ପରିଚଳନା କମିଟିର ସଦସ୍ୟ ମାନେ କୋକସରା ବିଡ଼ିଓ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଶୀଘ୍ର ବିଦ୍ୟାଳୟରେ ରହିଥିବା ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଆମପାଣି ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋଟ ୬୮୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । କିନ୍ତୁ ବିଦ୍ୟାଳୟରେ ଶ୍ରେଣୀ ଗୃହକୁ ଯିବା ରାସ୍ତା ନିର୍ମାଣ, ପାନୀୟ ଜଳ, ଶୌଚାଳୟ, ଖେଳ ପଡିଆର ଉନ୍ନତି କରଣ, ବିଦ୍ୟାଳୟ ଜାଗା ଜବରଦଖଲ ଭଳି ସମସ୍ୟା ରହିଛି । ଏସବୁ ଅଭିଯୋଗ ନେଇ ବିଡ଼ିଓଙ୍କ ଅନୁପସ୍ଥିତି ଯୋଗୁଁ ସହକାରୀ ଯନ୍ତ୍ରୀ ଏହେମ୍ମଦ ସରିଫ ଓ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ହେମନ୍ତ ନାଏକ, ଗୁପ୍ତେଶ୍ୱର ବାଗ, ରାମଚନ୍ଦ୍ର ଧଙ୍ଗଡାମାଝୀ, ଗଙ୍ଗା ମଙ୍ଗରାଜ, ହାତିରାମ ନାଏକ, ସନ୍ତୋଷ ସାହୁ, କୁନ୍ତି ରାଉତ, ନିରାଶ ମାଝୀ, ଧନମତି ପୂଝାରି, କବିତା ସାହୁ, ଜାନକୀ ଶର୍ମା ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ ।

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଜମି ସମସ୍ୟାକୁ ନେଇ ତହସିଲଦାରଙ୍କୁ ଘେରିଲେ ଛାତ୍ର




ବଲାଙ୍ଗିର,(ସବ୍ୟୁ) : ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଦୀର୍ଘଦିନର ଜମି ସମସ୍ୟାର ସମାଧାନ ଏବଂ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ଦାବିରେ ଗୁରୁବାର ବଲାଙ୍ଗିର ତହସିଲ ଅଫିସ ସମ୍ମୁଖରେ ଛାତ୍ରମାନେ ଧାରଣା ଦେଇଥିଲେ ।

ଛାତ୍ରମାନଙ୍କ କହିବା ଅନୁସାରେ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଛି । ବିଭିନ୍ନ ସମୟରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟ ପାଇଁ ୨୦୦ ଏକର ଜମି ସମ୍ପର୍କରେ ଉଲ୍ଲେଖ କରାଯାଇଥିବା ବେଳେ, ଏହାର ବାସ୍ତବ ଅଗ୍ରଗତିକୁ ନେଇ ଛାତ୍ରମାନେ ପ୍ରଶ୍ନ ଉଠାଇଛନ୍ତି । ଏହା ସହିତ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ବିଧାନସଭା ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ମନ୍ତବ୍ୟକୁ ନେଇ ମଧ୍ୟ ଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମି ଓ ଭିତ୍ତିଭୂମି ବିକାଶ ପାଇଁ ସ୍ପଷ୍ଟ ନୀତି ଓ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି । ଏହି ପରିପ୍ରେକ୍ଷୀରେ ବିଜୁ ଛାତ୍ର ଜନତା ଦଳ, ବଲାଙ୍ଗିର ପକ୍ଷରୁ ଏକ ପ୍ରତିନିଧି ଦଳ ବଲାଙ୍ଗିର ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ତେବେ ଦାବିପତ୍ର ପ୍ରଦାନ ସମୟରେ ତହସିଲ ଅଫିସର କିଛି କର୍ମଚାରୀ ଛାତ୍ରମାନଙ୍କ ସହ ଅସମ୍ମାନଜନକ ବ୍ୟବହାର ଓ ଅସଦାଚରଣ କରିଥିବା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି । ଏହି ଘଟଣାକୁ ବିରୋଧ କରି ବିଜୁ ଛାତ୍ର ଜନତା ଦଳର ବଲାଙ୍ଗିର ଜିଲ୍ଲା ସଭାପତି ସୁମନ କୁମାର ନନ୍ଦଙ୍କ ନେତୃତ୍ୱରେ ଛାତ୍ର ଓ କର୍ମକର୍ତ୍ତାମାନେ ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ । ସମ୍ପୃକ୍ତ କର୍ମଚାରୀଙ୍କ ପକ୍ଷରୁ କ୍ଷମା ପ୍ରାର୍ଥନା ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଛାତ୍ରମାନେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ଆବଶ୍ୟକ ଜମି ଯୋଗାଣ, ଭିତ୍ତିଭୂମି ବିକାଶ ଏବଂ ଜମି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

## ଘର ଭାଗବଣ୍ଟାକୁ ନେଇ ବାପାଙ୍କ ବେକ କାଟିଲା ପୁଅ

ରାୟଗଡ଼ା,(ସବ୍ୟୁ): ଘର ଭାଗବଣ୍ଟାକୁ ନେଇ ବାପା-ପୁଅଙ୍କ ମଧ୍ୟରେ ବିବାଦ ଶେଷରେ ରକ୍ତାକ୍ତ ରୂପ ନେଇଛି । ଶୋଇଥିବା ବେଳେ ବାପାଙ୍କ ବେକକୁ ବ୍ଲେଡ଼ରେ କାଟି ହତ୍ୟା ଉଦ୍ୟମ କରିଛି ପୁଅ । ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବ୍ଲକ ଡି. ପେଣ୍ଡିଲି ଗ୍ରାମରେ ଘଟିଥିବା ଏହି ଘଟଣାରେ ଗ୍ରାମରେ ଆଲୋଡ଼ନ ସୃଷ୍ଟି ହୋଇଛି । ଆହତ ବୃଦ୍ଧ ହେଲେ ଦୟାଶୀଳ ବାର୍ତ୍ରା (୬୫) । ଅଭିଯୁକ୍ତ ହେଉଛନ୍ତି ତାଙ୍କ ବଡ଼ପୁଅ କାମ୍ଭୁ ବାର୍ତ୍ରା (୩୪)। ଦୟାଶୀଳଙ୍କ ପତ୍ନୀଙ୍କର ପୂର୍ବରୁ ମୃତ୍ୟୁ ହୋଇଛି । ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ବଡ଼ପୁଅ କାମ୍ଭୁଙ୍କ ସହ ସେ ଗାଁରେ ରହୁଥିବା ବେଳେ ସାନପୁଅ ଅନିଲ ସୁରତରେ ପରିବାର ସହ ରହି କାମ କରନ୍ତି । ଗାଁରେ ଦୟାଶୀଳଙ୍କ ଦୁଇଟି ଘର ରହିଛି । ପୁଲିସ ସୂଚନା ଅନୁଯାୟୀ, ବୁଧବାର ରାତିରେ କାମ୍ଭୁ ବାପାଙ୍କୁ ଖାଇବାକୁ ଡାକିଥିଲେ । ଏହି ସମୟରେ ଗାଁର ଗୋଟିଏ ଘର ନିଜ ନାମରେ କରିଦେବାକୁ ସେ ଦାବି କରିଥିଲେ । ତେବେ ସାନପୁଅ ଅନିଲ ବାହାରେ ରହୁଥିବାରୁ ଘରଟି ତାଙ୍କୁ ଦେବେ ବୋଲି ଦୟାଶୀଳ କହିଥିଲେ । ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାତି ପ୍ରାୟ ୨ଟା ୩୦ରେ ଦୟାଶୀଳ ଶୋଇଥିବା ବେଳେ କାମ୍ଭୁ ଏକ ବ୍ଲେଡ୍ରେ ତାଙ୍କ ବେକ କାଟି ଦେଇଥିବା ଅଭିଯୋଗ ହୋଇଛି। ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚିବାରୁ ଅଭିଯୁକ୍ତ ସେଠାରୁ ଚାଲିଯାଇଥିଲେ। ଖବର ପାଇ ଝିଅ କେତକୀ ପାଲକା ଓ ଜ୍ୱାଇଁ ଲବ ପାଲକା ଆହତଙ୍କୁ ଉଦ୍ଧାର କରି ଗୁଡ଼ାରୀ ସିଏଚ୍ସିରେ ଭର୍ତ୍ତି କରିଥିଲେ। ଡାକ୍ତର ବେକରେ ୭ଟି ଷ୍ଟିଚ ପକାଇବା ପରେ ଗୁରୁତର ଅବସ୍ଥାରେ ଦୟାଶୀଳଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଚିକିତ୍ସା ପରେ ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଘଟଣାରେ ଗୁଡ଼ାରୀ ପୁଲିସ କାମ୍ଭୁଙ୍କୁ ଗିରଫ କରିବା ସହ ବ୍ଲେଡ ଜବତ କରିଛି। କେତକୀଙ୍କ ଅଭିଯୋଗକ୍ରମେ କେସ ନଂ. ୧୨୦/୨୬ରେ ବିଏନଏସ ଧାରା ୧୦୯(୧) ଓ ୧୧୮(୧)ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗୁଣପୁର କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି ।

## ଭାଲୁ କବଳରୁ ବର୍ତ୍ତିଲେ ଛବିଳ

ସମ୍ବଲପୁର,(ସବ୍ୟୁ): ବାମରା ନିକଟ ସୁନାପଡ଼ା ଅଞ୍ଚଳରେ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ଜଣେ ବ୍ୟକ୍ତି ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି । ଆହତ ବ୍ୟକ୍ତି ଜଣକ ଲାଇକେରା ବ୍ଲକ ଅନ୍ତର୍ଗତ ପାକେଲପଡ଼ା ଗ୍ରାମର ଛବିଳ ମୁଣ୍ଡା (୫୦) ବୋଲି ଜଣାପଡ଼ିଛି । ତାଙ୍କୁ ଗୁରୁତର ଅବସ୍ଥାରେ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି। ସୂଚନାଯୋଗ୍ୟ, ଛବିଳ ମୁଣ୍ଡା ଓ ତାଙ୍କ ସ୍ତ୍ରୀ ନାମଲେନ୍ ମୁଣ୍ଡା ଗୁରୁବାର ମଧ୍ୟାହ୍ନରେ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ । ଏହି ସମୟରେ ଦୁଇଟି ଛୁଆ ସହ ଜଙ୍ଗଲରେ ଥିବା ଏକ ମାଈ ଭାଲୁ ହଠାତ୍ ଛବିଳଙ୍କୁ ଆକ୍ରମଣ କରିଥିଲା । ତେବେ ହାତରେ ଧରିଥିବା ଟାଙ୍ଗିଆରେ ପ୍ରତି ଆକ୍ରମଣ କରି ସେ ଭାଲୁ କବଳରୁ ନିଜକୁ ରକ୍ଷା କରିଥିଲେ । ତାଙ୍କ ଚିତ୍କାର ଶୁଣି ତାଙ୍କ ସ୍ତ୍ରୀ ନାମଲେନ୍ ଗାଁ ଲୋକଙ୍କୁ ଡାକିଥିଲେ । ପରେ ଗ୍ରାମବାସୀଙ୍କ ସହାୟତାରେ ଗୁରୁତର ଆହତ ଛବିଳଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାକୁ ନିଆଯାଇଥିଲା । ଭାଲୁ ଆକ୍ରମଣରେ ତାଙ୍କ ହାତ, ଗୋଡ଼ ଓ ଛାତିରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି । ଏହି ଘଟଣା ପରେ ଅଞ୍ଚଳରେ ଭାଲୁକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି ।

## ବନ୍ୟପ୍ରାଣୀ ସପ୍ତାହ ପାଳିତ

ବୌଦ୍ଧ,(ସବ୍ୟୁ) : ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ଅମ୍ବଝରି ପଞ୍ଚାୟତର ଗଉଣ୍ଡିସର ଗ୍ରାମରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥିଭାବେ ଏସିଫ କୃଷ୍ଣଚନ୍ଦ୍ର ସାହୁ,ରିଜର୍ଭ ଅଫିସର ପ୍ରିୟବ୍ରତ ପଟନାୟକ,ଅମ୍ବଝରୀ ସରପଞ୍ଚ ପ୍ରେମ ବାଘ, ଫରେଷ୍ଟର ପ୍ରସନ୍ନ ପ୍ରଧାନ, ଫରେଷ୍ଟଗାର୍ଡ ସୁବ୍ରତ ପ୍ରଧାନ, ମହେଶ ମାଝୀ,ମୀରା ଦାସ, ସ୍ଥାନୀୟ ସ୍ୱୟଂ ସହାୟକ ମହିଳା,ଗ୍ରାମକମିଟି ସଦସ୍ୟ ତଥା ଗ୍ରାମବାସୀ ଯୋଗଦେଇ ଥିଲେ । ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା, ବାନ୍ୟଜନ୍ତୁ ସୁରକ୍ଷା ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ଏହି ଅବସରରେ ଅତିଥି ମାନେ ସଚେତନ କରାଇଥିଲେ ।

## 'ସୋଲାର ରଥ' ସଚେତନତା ଅଭିଯାନର ଶୁଭାରମ୍ଭ

ନୂଆପଡ଼ା,(ସବ୍ୟୁ): ପରିବେଶ ଅନୁକୂଳ ସୌର ଶକ୍ତିର ବ୍ୟବହାର ବୃଦ୍ଧି ସହ 'ପିଏମ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା' ସମ୍ପର୍କରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଏବଂ ରୁଫ୍ଟପ ସୋଲାର ଗ୍ରହଣ ପାଇଁ ଉତ୍ସାହିତ କରିବା ଲକ୍ଷ୍ୟରେ ନୂଆପଡ଼ା ଜିଲ୍ଲାରେ ଆରମ୍ଭ ହୋଇଛି 'ସୋଲାର ରଥ' ସଚେତନତା ଅଭିଯାନ। ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ପକ୍ଷରୁ ଆୟୋଜିତ ଏହି ସଚେତନତା ଅଭିଯାନର ଶୁଭାରମ୍ଭ ଆଜି ନୂଆପଡ଼ା ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ହୋଇଛି । ଏହି ଅବସରରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ସବୁଜ ପତାକା ଦେଖାଇ 'ସୋଲାର ରଥ'କୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ଏବଂ ଟାଟା ପାୱାର ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

## ଦେଶାନ୍ତର ଶ୍ରମିକ ସଚେତନତା କାର୍ଯ୍ୟକ୍ରମ



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ନନ୍ଦୁପଲା ପଞ୍ଚାୟତ ଡୁଡୁମଦର୍ହା ଗାଁ ରେ ଦେଶାନ୍ତର ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ଶ୍ରମ ବିଭାଗ ଓ ବ୍ଲକ ପ୍ରସାଶନ ର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସହକାରୀ ଶ୍ରମ ଅଧିକାରୀ ବିଭୁଦତ୍ତ ମଲ୍ଲିକ ଅଧ୍ୟକ୍ଷତା କରୁଥିବା ବେଳେ ମୁଖ୍ୟ ଅତିଥୀ ରୁପେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ସମ୍ମାନିତ ଅତିଥି ପଦ୍ମ କୁମାର ସିଂ ବରିହା, ଉପାଧ୍ୟକ୍ଷ ସୁଖିରାମ ଷାଣ୍ଡ, ସହକାରୀ ଯନ୍ତ୍ରୀ ସୂର୍ଯ୍ୟଭାନୁ ମେହେର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ସ୍ଥାନୀୟ ସରପଞ୍ଚ ନିଲେନ୍ଦ୍ରୀ ପୂଝାରୀ ଯୋଗଦେଇ ଥିଲେ । ବିଭିନ୍ନ ବିଭାଗ ର ଅଧିକାରୀ ମାନେ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ସଚେତନତା ବାର୍ତ୍ତା ଦେବା ସହିତ ଏହି ଯୋଜନାର ଲାଭ ଦେଶାନ୍ତର ଶ୍ରମିକ ପରିବାର କିପରି ପାଇ ପାରିବେ ସେ ନେଇ ଆଲୋଚନା କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଥିଲା। ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ବ୍ଲକ ମତ୍ସ୍ୟ ଅଧିକାରୀ ଶୁଭ୍ରଜିତ ମହାନ୍ତି , ବି ଭି ଓ ଡ଼ାକ୍ତର ସ୍ୱପ୍ନେଶ୍ୱର ନାଏକ, ଏଫ ଇ ଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ଏଡ ଏଟ ଏକ୍ସନ ପ୍ରତିନିଧି ସମେତ ବିଭିନ୍ନ ବିଭାଗର ର ଅଧିକାରୀ, ପୁରୁଷ, ମହିଳା ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରମିକ କାର୍ଡ ବଣ୍ଟନ କରାଯାଇଥିଲା । ଏ ଡି ଏ ଓ ଶ୍ରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବି ଏସ ଏସ ଓ କନିଷ୍କ ବିଭାର ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଯୋଧ୍ୟା, ବାରାଣସୀ ଅଭିମୁଖେ ୮୦୦ ବରିଷ୍ଠ ନାଗରିକ




ରାୟଗଡ଼ା, (ସବ୍ୟୁ) : ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ରାୟଗଡ଼ ରେଳ ଷ୍ଟେସନରୁ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ୮୦୦ ଜଣଙ୍କ ତୀର୍ଥଯାତ୍ରା ଆରମ୍ଭ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ସ୍ୱତନ୍ତ୍ର ତୀର୍ଥଯାତ୍ରା ଟ୍ରେନ୍କୁ ଫ୍ଲାଗ ଅଫ କରିଥିଲେ । ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି ଯାତ୍ରାରେ ରାୟଗଡ଼, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ମାଲକାନଗିରି ଓ ନୂଆପଡ଼ା ଜିଲ୍ଲାର ୭୭୫ ଜଣ ବରିଷ୍ଠ ନାଗରିକଙ୍କ ସହ ୨୫ ଜଣ ଏସ୍କର୍ଟ ଅଧିକାରୀ ସାମିଲ ହୋଇଛନ୍ତି। ଏଥିରେ ରାୟଗଡ଼ରୁ ୧୧୮, କୋରାପୁଟରୁ ୧୬୮, ନବରଙ୍ଗପୁରରୁ ୧୪୮, କଳାହାଣ୍ଡିରୁ ୧୯୨, ମାଲକାନଗିରିରୁ ୭୫ ଓ ନୂଆପଡ଼ାରୁ ୭୪ ଜଣ ଅଛନ୍ତି। ଫ୍ଲାଗ ଅଫ ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ବରିଷ୍ଠ ନାଗରିକଙ୍କ ତ୍ୟାଗ, ଅନୁଭବ ଓ ସାମାଜିକ ଅବଦାନର ପ୍ରଶଂସା କରିଥିଲେ। ଆର୍ଥିକ କାରଣରୁ ତୀର୍ଥସ୍ଥାନ ଦର୍ଶନରୁ ବଞ୍ଚିତ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ଏହି ଯୋଜନା ସୁଯୋଗ ସୃଷ୍ଟି କରୁଛି ବୋଲି ସେ କହିଥିଲେ।

## ନବନିଯୁକ୍ତ ପୋଲିସ ଏସ୍ଆଇଙ୍କ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ପରିଷଦ ସଭାଗୃହ ଠାରେ ଉତ୍ତରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଜିଲ୍ଲାରେ ନିଯୁକ୍ତ ହୋଇଥିବା ୩୯ ଜଣ ନବ ନିଯୁକ୍ତ ପୋଲିସ ସବ୍-ଇନ୍ସପେକ୍ଟରଙ୍କ ପାଇଁ ଏକ ଓରିଏଣ୍ଟେସନ୍-କମ୍-ଇଣ୍ଟରାକ୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉତ୍ତରାଞ୍ଚଳ ଡିଆଇଜି ଚରଣ ସିଂହ ମୀନା ପ୍ରଫେସନାଲ୍ ପୋଲିସିଂ ପାଇଁ ସଚ୍ଚୋଟତା, ଆଇନ ଜ୍ଞାନ, ନେତୃତ୍ୱ, ସମ୍ବେଦନଶୀଳତା ଓ ଉତ୍ତରଦାୟିତ୍ୱକୁ ଅତ୍ୟାବଶ୍ୟକ ଗୁଣ ବୋଲି କହିଥିଲେ। ଏସ୍ଆଇମାନଙ୍କୁ ନିଜ ଅଞ୍ଚଳକୁ ଭଲ ଭାବେ ଜାଣିବା, ସେଠାକାର ଲୋକ, ଅପରାଧର ଧାରା ଓ ସ୍ଥାନୀୟ ଆହ୍ୱାନକୁ ବୁଝିବା ଏବଂ ପ୍ରତେ୍ୟକ ଦାୟିତ୍ୱକୁ ସୁଚାରୁରୂପେ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନବ ନିଯୁକ୍ତ ଏସ୍ଆଇମାନେ ବରିଷ୍ଠ ଅଧିକାରୀଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରି ଫିଲ୍ଡ ପୋଲିସିଂ ସମ୍ପର୍କରେ ବ୍ୟବହାରିକ ଜ୍ଞାନ ହାସଲ କରିଥିଲେ । ଏସ୍ପିମାନେ ନିଜର ଫିଲ୍ଡ ଅନୁଭୂତି ବାଣ୍ଟିବା ସହ ଏସ୍ଆଇଙ୍କ ଭୂମିକା, ନେତୃତ୍ୱ, ଦାୟିତ୍ୱବୋଧ, କେସ୍ ଷ୍ଟଡି ମାଧ୍ୟମରେ ତଦନ୍ତ, ଆଇନ ଶୃଙ୍ଖଳା ପରିଚାଳନା, ପ୍ରଫେସନାଲ୍ ଆଚରଣ, ପୋଲିସ-ଜନସାଧାରଣ ସମ୍ପର୍କ, ଥାନା କାର୍ଯ୍ୟ ପ୍ରଣାଳୀ, ସିସିଟିଏନ୍ଏସ୍ ଏବଂ ନୂତନ ଫୌଜଦାରୀ ଆଇନର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ଅପରାଧ ନିବାରଣ, ଚିହ୍ନଟ ଓ ପୋଲିସ ପ୍ରତିକ୍ରିୟାକୁ ସୁଦୃଢ଼ କରିବା ପାଇଁ ଟେକ୍ନୋଲୋଜି, ବୈଜ୍ଞାନିକ ତଦନ୍ତ ଓ ଡିଜିଟାଲ୍ ପୋଲିସିଂ ଟୁଲ୍ସର ପ୍ରଭାବୀ ବ୍ୟବହାର ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା । ଏଥିରେ ସମ୍ବଲପୁର ଏସ୍ପି ମୁକେଶ କୁମାର ଭାମୁ, ବଲାଙ୍ଗିର ଏସ୍ପି ଅଭିଲାଷ ଜି, ଝାରସୁଗୁଡ଼ା ଏସ୍ପି ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର, ବରଗଡ଼ ଏସ୍ପି ରବୀନ୍ଦ୍ରନାଥ ଶତପଥୀ ଓ ସୁବର୍ଣ୍ଣପୁର ଏସ୍ପି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଦାଦପୁରରେ ଏକ ପେଡ୍ ମାଆ କେ ନାମ୍ କାର୍ଯ୍ୟକ୍ରମ

ଭବାନୀପାଟଣା,(ସବ୍ୟୁ): ଭବାନୀପାଟଣା ବ୍ଲକ ଅନ୍ତର୍ଗତ ପି ଏମ ଶ୍ରୀ ଦଧିବାମନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଦିନ ପ୍ରଧାନ ଶିକ୍ଷକ ରବି ପ୍ରସାଦ କାନୁନଗୋ ମହୋଦୟଙ୍କ ସକ୍ରିୟ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ସବୁଜ ପରିବେଶ ସୃଷ୍ଟିର ବାର୍ତ୍ତା ନେଇ ଏକ ସତନ୍ତ୍ର କାର୍ଯ୍ୟକ୍ରମ 'ଏକ ପେଡ ମାଆ କେ ନାମ' ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ତଥା ଗ୍ରାମର କିଛି ମାଆମାନେ ଉତ୍ସାହର ସହିତ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ପ୍ରତ୍ୟେକ ଗଛକୁ ମାଆଙ୍କ ପ୍ରତି ସ୍ନେହ, ସମ୍ମାନ ଓ ପ୍ରକୃତି ପ୍ରତି ଦାୟିତ୍ୱର ପ୍ରତୀକ ଭାବେ ଗ୍ରହଣ କରି ଏହାର ଯତ୍ନ ନେବାକୁ ଛାତ୍ରଛାତ୍ରୀମାନେ ସଙ୍କଳ୍ପ ନେଇଥିଲେ । ପରିବେଶ ସନ୍ତୁଳନ ରକ୍ଷା, ବୃକ୍ଷର ମହତ୍ତ୍ୱ , ଜଳ ସଂରକ୍ଷଣ ଓ ସ୍ୱଚ୍ଛତା ତଥା ସବୁଜ ପରିବେଶ ଗଠନ ସମ୍ପର୍କରେ ଶିକ୍ଷକ ବଳରାମ ସାହୁ ଛାତ୍ରଛାତ୍ରୀଙ୍କୁ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟରେ ମାନନୀୟ ଶ୍ରୀ କାନୁନଗୋ ମହୋଦୟ ବିଦ୍ୟାଳୟ ପରିସରକୁ ଅଧିକ ସବୁଜ ଓ ଆକର୍ଷଣୀୟ କରିବା ସହିତ ଆଗାମୀ ଦିନରେ ଅଧିକ ବୃକ୍ଷରୋପଣ ଓ ସେଗୁଡିକର ସୁରକ୍ଷା ପାଇଁ ଦାୟିତ୍ୱବୋଧ ପ୍ରକାଶ କରିବାକୁ ସମସ୍ତଙ୍କୁ ପ୍ରୋତ୍ସାହିତ କରି ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ ।

## ମନ୍ଦିର ଦ୍ୱାରଦେଶରୁ ଜବରଦଖଲ ଉଚ୍ଛେଦ ଦାବି

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ସାହାସପୁର ସ୍ଥିତ ଗିରି ଗୋବର୍ଦ୍ଧନ ମନ୍ଦିର ଦ୍ୱାରଦେଶରେ ଥିବା ଜବରଦଖଲ ଜମି ଉଚ୍ଛେଦ ପାଇଁ ଦାବି ହୋଇଛି। ଏନେଇ ଶ୍ରୀ ଶ୍ରୀ ଗିରି ଗୋବର୍ଦ୍ଧନ ପୂଜା କମିଟି ଅତିରିକ୍ତ ଜିଲ୍ଲାପାଳ ଲିଙ୍ଗରାଜ ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଚଳିତବର୍ଷ ଗିରି ଗୋବର୍ଦ୍ଧନ ପୂଜା ୯୮ବର୍ଷରେ ପଦାର୍ପଣ କରିଛି । ପ୍ରତିବର୍ଷ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥାଏ । ମନ୍ଦିର ଦ୍ୱାର ଦେଶରେ ଥିବା ଗୋଚର ଜମିରେ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥାଏ । ତେବେ ଏହି ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରିଥିବା ବେଳେ ଭକ୍ତଙ୍କ ଦର୍ଶନ ଓ କାର୍ଯ୍ୟକ୍ରମ ପରିଚାଳନାରେ ଅସୁବିଧା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜବରଦଖଲ ଉଚ୍ଛେଦ କରିବାକୁ ବିଜେପିର ବରିଷ୍ଠ ନେତା ଦେବେନ୍ଦ୍ର କୁମାର ମହାପାତ୍ର, ସାହାସପୁର ସରପଞ୍ଚ ଦିବାକର ବିଶ୍ୱାଳ, ସମିତିସଭ୍ୟ ଲୀନା ମହାପାତ୍ର, ରମେଶ ଚନ୍ଦ୍ର ପ୍ରଧାନ, ଶ୍ରୀରାମ ମହାପାତ୍ର ଓ ସଞ୍ଜୟ କୁମାର ପୁରୋହିତ ପ୍ରମୁଖ ଦାବି କରିଛନ୍ତି ।

## ୩୪ ବର୍ଷରେ ରାୟଗଡ଼ାର ବଦଳିଛି ଚିତ୍ର, ବଦଳିନି ମାନସିକତା

ରାୟଗଡ଼ା,(**ରବିନ୍ଦ୍ର ପାଙ୍ଗଖଣ୍ଡାଳ**) : ଶାସନକୁ ଗାଁ ମୁହାଁ କରିବା ଓ ବିକାଶକୁ ଲୋକଙ୍କ ଘରଦ୍ୱାରରେ ପହଞ୍ଚାଇବା ଲକ୍ଷ୍ୟରେ ୧୯୯୨ ଅକ୍ଟୋବର ୨ରେ ଅବିଭକ୍ତ କୋରାପୁଟରୁ ସ୍ୱତନ୍ତ୍ର ଜିଲା ଭାବେ ଗଠିତ ହୋଇଥିଲା ରାୟଗଡ଼ା । ୨ଟି ଉପଖଣ୍ଡ, ୧୭୧ ପଞ୍ଚାୟତ, ୪ ତହସିଲ, ୮ ଥାନା, ୨ ଏନଏସି ଓ ଗୋଟିଏ ପୌରପରିଷଦକୁ ନେଇ ଆରମ୍ଭ ହୋଇଥିବା ଜିଲା ୩୪ ବର୍ଷରେ ରାସ୍ତା, ରେଳ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଓ ଗ୍ରାମୀଣ ଭିତ୍ତିଭୂମିରେ ଅଗ୍ରଗତି କରିଛି । ବର୍ତ୍ତମାନ ଜିଲ୍ଲା ୧୧ ବ୍ଲକ, ୧୧ଟି ତହସିଲ, ୨ ପୌରସଂସ୍ଥା, ଦୁଇଟି ବିଜ୍ଞାପିତ ଅଞ୍ଚଳ ଗଠିତ ହୋଇଛି। ମୋଟ ଜନସଂଖ୍ୟାରୁ ୬୦ ପ୍ରତିଶତ ଅନୁସୂଚିତ ଜନଜାତି, ୧୫ ପ୍ରତିଶତ ଅନୁସୂଚିତ ଜାତି ଓ ୨୫ ପ୍ରତିଶତ ସାଧାରଣ ବର୍ଗର ତଥାପି ଅନେକ ମୌଳିକ ସମସ୍ୟା ଏବେ ବି ଅସମାଧିତ । ଜିଲ୍ଲାର ୩ଟି ନିର୍ବାଚନମଣ୍ଡଳୀରେ ୬,୭୧,୩୭୮ ଭୋଟର ଥିବାବେଳେ ବିଭିନ୍ନ ବଡ଼ ପ୍ରକଳ୍ପ ବିକାଶ ଚିତ୍ର ବଦଳାଇଛି । ଗ୍ରାମାଞ୍ଚଳରେ ରାସ୍ତା ସଂଯୋଗ ବଢ଼ିଛି । ୨୦୨୬ରେ କୁମୁଟିପେଣ୍ଟ-ମୁନିଗୁଡ଼ା-ତୁମୁଡ଼ିବନ୍ଧ ଏନଏଚ-୫ର ପ୍ରଶସ୍ତୀକରଣ ଓ ମଜବୁତୀକରଣ ପାଇଁ ପଦକ୍ଷେପ ନିଆଯାଇଛି। ପିଏମଜିଏସୱାଇ ରେ ଅସଂଯୁକ୍ତ ବସତିକୁ ମଧ୍ୟ ରାସ୍ତା ସଂଯୋଗ ଦିଆଯାଇଛି। ତଥାପି ୧୬୮ ଗାଁରେ କଚ୍ଚା ରାସ୍ତା ଓ ୨୯୯ ଗାଁରେ ପକ୍କା ରାସ୍ତାର ଅଭାବ ରହିଛି । ରେଳ କ୍ଷେତ୍ରରେ ଜୁନ ୨୦୨୬ରୁ ରାୟଗଡ଼ା ରେଳ ଡିଭିଜନ କାର୍ଯ୍ୟକ୍ଷମ ହେବା ବଡ଼ ଉପଲବ୍ଧି । ଶିକ୍ଷା କ୍ଷେତ୍ରରେ ଅନୁଷ୍ଠାନ ବଢ଼ିଥିଲେ ମଧ୍ୟ ୨୦୧୧ ଜନଗଣନା ଅନୁଯାୟୀ ସାକ୍ଷରତା ହାର ୪୯.୭୬ ପ୍ରତିଶତ। ୫୭୧ ବିଦ୍ୟାଳୟ କୋଠାକୁ ବିପଦପୂର୍ଣ୍ଣ ଘୋଷଣା କରାଯାଇଛି । ମରାମତି ଓ ପୁନରୁଦ୍ଧାର ପାଇଁ ୨ କୋଟିରୁ ଅଧିକ ଟଙ୍କାର ଆକଳନ ହୋଇଛି । ଏସସି-ଏସଟି ଛାତ୍ରାବାସରେ ୬୦ ହଜାରରୁ ଅଧିକ ପିଲା ରହୁଥିଲେ ମଧ୍ୟ ଭିତ୍ତିଭୂମି ଅଭାବ ରହିଛି । ଦୁର୍ଗମ ଅଞ୍ଚଳରେ ଶିକ୍ଷକ ଅଭାବ ସହ ଗତ ୩ ବର୍ଷରେ ୨୨,୫୬୭ ଛାତ୍ରଛାତ୍ରୀଙ୍କ ଡ୍ରପଆଉଟ ଚିନ୍ତା ବଢ଼ାଇଛି । ଜିଲ୍ଲାର ସ୍ୱାସ୍ଥ୍ୟସେବା ଅତି ରୁଗୁଣ ଏଠାରେ ଆବଶ୍ୟକ ୪୫୯ ଡାକ୍ତରଙ୍କ ବଦଳରେ ୧୫୨ ଜଣ ଥିବାବେଳେ ୩୦୭ ପଦ ଖାଲି । ଫଳରେ ଦୁର୍ଗମ ଅଞ୍ଚଳରେ ବିଶେଷଜ୍ଞ ଓ ଜରୁରୀ ସେବା ପହଞ୍ଚାଇବାରେ ସମସ୍ୟା ରହିଛି । ୨୦୨୫ର ଏକ ସରକାରୀ ରିପୋର୍ଟରେ ୩ ମାସରେ ୧୭୭ ଶିଶୁଙ୍କ ମୃତ୍ୟୁ ଉଲ୍ଲେଖ ଥିବାବେଳେ ଅଡିଟ୍ରେ ବ୍ୟବସ୍ଥାଗତ ତ୍ରୁଟି, ତଥ୍ୟ ପରିଚାଳନାରେ ଅନିୟମିତତା ଓ ତଦାରଖ ଅଭାବ ଦର୍ଶାଯାଇଛି । ଏଲୋପାଥିକ ମେଡିକାଲ କଲେଜ ବଦଳରେ ଆୟୁର୍ବେଦ ମେଡିକାଲ କଲେଜ ଘୋଷଣାକୁ ନେଇ ମଧ୍ୟ ଜିଲ୍ଲାରେ ଅସନ୍ତୋଷ ରହିଛି । ଖଣିଜ ସମ୍ପଦରେ ସମୃଦ୍ଧ ଜିଲ୍ଲାରେ ବକ୍ସାଇଟ, ଗ୍ରାଫାଇଟ, ମାଙ୍ଗାନିଜ ଓ କ୍ୱାର୍ଟଜ ଶିଳ୍ପ ଓ ରୋଜଗାରର ଆଧାର ହୋଇଥିଲେ ମଧ୍ୟ ଖଣି ପ୍ରକଳ୍ପକୁ ନେଇ ଜମି, ଜଙ୍ଗଲ, ଜଳସମ୍ପଦ ଓ ଜୀବିକା ପ୍ରଭାବିତ ହେବାର ପ୍ରଶ୍ନ ରହିଛି । ସିଜିମାଳି ଖଣି ପ୍ରକଳ୍ପକୁ ନେଇ ଗ୍ରାମବାସୀ-ପ୍ରଶାସନ ବିବାଦ ମଧ୍ୟ ଚର୍ଚ୍ଚାରେ ରହିଛି । ଅନ୍ଧବିଶ୍ୱାସଜନିତ ହିଂସା, ଶିଶୁଚୋରି ଗୁଜବ, ଡାହାଣୀ ଓ ଗୁଣିଆ ସନ୍ଦେହରେ ହତ୍ୟା, ଗୋଷ୍ଠୀ ସଂଘର୍ଷ ଓ ଛାତ୍ରାବାସ ରେଗିଙ୍ଗ ଭଳି ଘଟଣା ବିକୃତ ମାନସିକତା ବଦଳି ନାହିଁ ତେଣୁ ଏହାର ମଧ୍ୟ ଚିନ୍ତା ବଢ଼ାଇଛି । ଗତ ୪ ବର୍ଷରେ ଅନ୍ଧବିଶ୍ୱାସଜନିତ ଘଟଣାରେ ୩୫ରୁ ଅଧିକ ମୃତ୍ୟୁ ହୋଇଥିବା ଦାବି ରହିଛି। ୨୦୨୬ରେ ସଡ଼କ ଦୁର୍ଘଟଣା, ଝଡ଼ ଓ ଭୂସ୍ଖଳନ ମଧ୍ୟ ଭିତ୍ତିଭୂମିର ଦୁର୍ବଳତାକୁ ସାମ୍ନାକୁ ଆଣିଛି । ଗାଁରେ ସାମାଜିକ ସ୍ଥିତି ବଦଳି ନାହିଁ ତେଣୁ ଆଜି ମଧ୍ୟ ଆମ୍ବ ଟାକୁ ଏବଂ ସଳପ ଗଛର କାଠଗୁଣ୍ଡ ଜାଉକରି ଖାଉଥିବା ଦେଖିବା ମିଳୁଛି । ୩୪ ବର୍ଷରେ ରାୟଗଡ଼ାର ଚିତ୍ର ବଦଳିଛି । ହେଲେ ଦୁର୍ଗମ ପାହାଡ଼ିଆ ଗାଁ, ଆଦିବାସୀ ପରିବାର ଓ ଅବହେଳିତ ବର୍ଗଙ୍କ ନିକଟରେ ବିକାଶର ଲାଭ କେତେଦୂର ପହଞ୍ଚିଛି, ତାହା ଏବେ ବି ପ୍ରଶ୍ନ। ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମୀଣ ସଂଯୋଗ, ପରିବେଶ ସୁରକ୍ଷା ଓ ସାମାଜିକ ସଚେତନତା ବଢ଼ାଇବା ଆଗାମୀ ଦିନର ବଡ଼ ଆହ୍ୱାନ ରହିଛି ବୋଲି ସାମାଜିକ କର୍ମୀ ବିଦ୍ୟୁଲତା ହୁଇକା କହିଛନ୍ତି ।




## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ



ଝାରସୁଗୁଡ଼ା,(ସବ୍ୟୁ): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଦୁଇ ଦିନ ଧରି ଆନ୍ତର୍ଜାତୀୟ ବୟସ୍କ ବ୍ୟକ୍ତି ଦିବସ ବ୍ୟାପକ ଭାବେ ପାଳିତ ହୋଇଯାଇଛି । ଗୁରୁବାର ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ବିଶାଳ ସଚେତନତା ଶୋଭାଯାତ୍ରା ବାହାରିଥିଲା । ଏହି ରାଲିକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାଏକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ଡିଏମଏଫ ଅଡିଟୋରିୟମ ହଲରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଡେପୁଟି କଲେକ୍ଟର ତଥା ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ସୋମେଶ ଆଚାର୍ଯ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ଏହି ଅବସରରେ 'ମିରର ଥିଏଟର' ଦଳ ଦ୍ୱାରା ବୟସ୍କମାନଙ୍କ ସୁରକ୍ଷା ଓ ଅଧିକାର ଉପରେ ଆଧାରିତ ଏକ ହୃଦୟସ୍ପର୍ଶୀ ନାଟକ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମର ଶେଷରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରାଯାଇଥିଲା । ବରିଷ୍ଠ ନାଗରିକମାନଙ୍କୁ ସମାଜରେ ସମ୍ମାନର ସହ ବଞ୍ଚିବା ପାଇଁ ସମସ୍ତେ ସହଯୋଗ କରିବାକୁ ଏହି ସଭାରେ ଆହ୍ୱାନ ଦିଆଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, 'ଏକ ମାଁ ପେଡ କେ ନାମ' ଅଭିଯାନ ଅଧୀନରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା । ଏହି ସ୍ୱତନ୍ତ୍ର ଅବସରରେ ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ ବିପୁଳ ସଂଖ୍ୟାରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ । ଏହା ସହିତ ପିଢ଼ିଗତ ସମନ୍ୱୟ ରକ୍ଷା କରିବା ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ ଏବଂ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଆଲୋଚନା ଓ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ନେଇ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ, ଝାରସୁଗୁଡ଼ା ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ଆଦିତ୍ୟ ବାଦି, ଜିଲ୍ଲା ସଞ୍ଚୟ ବିଭାଗର ଜଗନ୍ନାଥ ରାଉତ ଏବଂ ଅନ୍ୟାନ୍ୟ ବିଭାଗର କର୍ମଚାରୀ ମାନେ ସହାୟକ କରିଥିଲେ ।

# ରୁଙ୍ଗଟା କମ୍ପାନୀର ସିଏ ସ ଆର ବିଭାଗର ପାନୀୟ ଜଳ ଯୋଗାଣ

କୋଇଡା ,(ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ଅନ୍ତର୍ଗତ ରୁଙ୍ଗଟା କମ୍ପାନୀର ସିଏସଆର ବିଭାଗ ତରଫରୁ ସ୍ଥାନୀୟ ଗ୍ରାମ ଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆ ଯାଇଛି । କୋଇଡା ବ୍ଲକର ବିଭିନ୍ନ ଗ୍ରାମରେରେ ରୁଙ୍ଗଟା କମ୍ପାନୀର ସି.ଏସ. ଆର. ଟିମ ସର୍ବେକ୍ଷଣ କରିଥିଲେ । ଯେଉ ଅଞ୍ଚଳରେ ପାନୀୟ ଜଳ ପାଇ ପାରୁ ନାହାନ୍ତି ସେହି ଇଲାକାରେ ବୋରେଓ୍ୱେଲ ଖନନ କରାଯାଇ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା । ବିଶେଷକରି ବଡ ଇନ୍ଦୁପୁର ଗ୍ରାମରେ ଥିବା ମୁଣ୍ଡାବସ୍ତିରେ ନୂତନ ବୋରେଓ୍ୱେଲ ଖନନ କରାଯାଇ ଦୁଇ ଶହରୁ ଉର୍ଦ୍ଧ୍ୱ ଆଦିବାସୀ ଲୋକଙ୍କୁ ପାଣି ଟ୍ୟାପ ମାଧ୍ୟମରେ ବିଶୁଦ୍ଧ



ଜଳ ଯୋଗାଇ ଦିଆଯାଇଥିଲା । ସେହିପରି କୋଇଡା ଅଞ୍ଚଳର ଭଞ୍ଜପାଲି ଗ୍ରାମରେ ମରେ ପାନୀୟ ଜଳର ଘୋର ଅସୁବିଧା ଥିଲା ଏହାକୁ ଦୃଷ୍ଟିରେ ରଖି ରୁଙ୍ଗଟା କମ୍ପାନୀ ତରଫରୁ ସେହି ଗାଁ ରେ ଏକ ସୋଲାର ପାଓ୍ୱାର ଚାଳିତ ବୋରେଓ୍ୱେଲ ଖନନ କରାଯାଇ ଶତାଧିକ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା । କୋଇଡା ଅଞ୍ଚଳର ଆରାୟନ ବସ୍ତି ଏବଂ ଗୋପପୁର ସାହି ଦୁଇଗୋଟି ସୋଲାର ପାଓ୍ୱାର ଚାଳିତ ବୋରଓ୍ୱେଲ ଖନନ କରାଯାଇ ଚାରି ଶହରୁ ଅଧିକ ବସ୍ତିବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା । ସେହିପରି ସର୍ଗିଗଡ ଗାଁ ରେ ଥିବା ଦେହୁରୀ ସାହି ଏବଂ ଗୋପାଳ ସାହି ରେ ଦୁଇଗୋଟି ସୋଲାର ପାଓ୍ୱାର ବୋରଓ୍ୱେଲ କରାଯାଇ ପାଞ୍ଚ ଶହ ଗ୍ରାମବାସୀଙ୍କ ସହ ସର୍ଗିଗଡ଼ ସ୍କୁଲ ରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା । ଏତଦବ୍ୟୀତ ରାଣୀସାଳ , ସନୁଆ ଗାଁ ର ଭାଲିଆ ଡ଼ିହି ବସ୍ତି, ତିନ୍ତୋ , ଟେହେରେଇ ଗାଁ ରେ ଗୋଟିଏ ଲେଖାଏଁ ବୋରିଓ୍ୱେଲ ଖନନ ସରିଛି ଏହାକୁ ଖୁବ ଶୀଘ୍ର କାର୍ଯକ୍ଷମ କରାଯିବ । ସେହିପରି ଟେହେରେଇ ଗ୍ରାମ ରେ ଥିବା ଖ୍ରୀଷ୍ଟିଆନ ବସ୍ତି ରେ ନୂତନ ପାଣି ପାଇପ ସଂଯୋଗ କରାଯାଇ ଏବଂ ଟ୍ୟାପ ମାଧ୍ୟମରେ ଏକଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା । ପାନୀୟ ଜଳ ପାଇଁ କୌଣସି ଲୋକ ବଞ୍ଚିତ ନ ହୁଅନ୍ତୁ ସେଥିପ୍ରତି ରୁଙ୍ଗଟା କମ୍ପାନୀ ସଚେତନ ରହିଛି । ବିଗତ ବର୍ଷରେ ମଧ୍ୟ ରୁଙ୍ଗଟା କମ୍ପାନୀ ସହର, ଗାଁ, ବସ୍ତି ଓ ସାହି ରେ ଅନେକ ଗୁଡ଼ିଏ ଜଳ ପ୍ରକଳ୍ପ କରିସାରିଛି । ଏହିପରି ଜନ କଲ୍ୟାଣୀ କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରି ରହିବା ବୋଲି କମ୍ପାନୀ ପକ୍ଷରୁ ଜଣାଯାଇଛି । ଏହିପରୀ ପାନୀୟ ଜଳ ପ୍ରକଳ୍ପ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ହୋଇଥିବାରୁ ଜନସାଧାରଣରେ ପ୍ରଶଂସା କରାଯାଇଛି ।

# ଚାନ୍ଦବାଲି ବିଡିଓ ସଞ୍ଜୀବ ମହାପାତ୍ର ନିଲମ୍ବିତ

ଭାଦ୍ରକ,(ସବ୍ୟୁ) : ଚାନ୍ଦବାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡ଼ିଓ) ସଞ୍ଜୀବ ମହାପାତ୍ରଙ୍କୁ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ନାମା ମୂଳେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ଦର୍ଶାଯାଇଛି । ନିଲମ୍ବନ ସମୟରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇବା ପରେ ଚାନ୍ଦବାଲିରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏହାକୁ ନେଇ ବିରୋଧୀ ଦଳ ନୀରବ ରହିଥିବା ବେଳେ ଶାସକ ବିଜେପିରେ ଦ୍ୱିମତ ପ୍ରକାଶ ପାଇଛି । କେତେକ ଏହାକୁ ସ୍ୱାଗତ କରିଥିବା ବେଳେ ଆଉ କେତେକ ଏହାକୁ ବିରୋଧ କରିଛନ୍ତି । ସୂଚନା ଯୋଗ୍ୟ ଚାନ୍ଦବାଲିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେବାର ୯ ମାସ ପରେ ତାଙ୍କୁ ବଦଳି କରି ଦିଆଯାଇଥିଲା । ହେଲେ ବିଭିନ୍ନ ଆଡୁ ଚାପ ପଡ଼ିବା ପରେ ୨୦୨୫ ଡିସେମ୍ବର ମାସରେ ତାଙ୍କ ବଦଳି ବିଭାଗ ବାତିଲ କରିଥିଲା । ଚଳିତ ବର୍ଷ ଜୁଲାଇ ମାସରେ ପ୍ରଥମେ ବନ୍ୟା ଆସି ଚାନ୍ଦବାଲି ବ୍ଲକର ଅଧିକାଂଶ ଅଞ୍ଚଳକୁ ବୁଡ଼ାଇ ଦେଇଥିବା ବେଳେ ବି ଡି ଓ ସଞ୍ଜୀବ ମହାପାତ୍ରଙ୍କ ରିଲିଫ ଓ ଥଇଥାନ କାର୍ଯ୍ୟକୁ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସାମାଜିକ ଗଣମାଧ୍ୟମରେ ପ୍ରଶଂସା କରିଥିଲେ । ହେଲେ ଏହାର କିଛି ଦିନ ପରେ ତାଙ୍କୁ ରିଲିଫ ଦାୟିତ୍ୱରୁ ହଟାଇ ଦିଆଯାଇ ତହସିଲଦାରଙ୍କୁ ରିଲିଫ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଏବେ ପୁଣି କାର୍ଯ୍ୟରୁ ନିଲମ୍ବନ ପଛରେ କିଏ ତାକୁ ନେଇ ଏବେ ଚର୍ଚ୍ଚା । କୌତୁହଳ କଥା ବିଭାଗ ତରଫରୁ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିଯୁକ୍ତି ମିଳି ନାହିଁ । ତେଣୁ ଆଗାମୀ ଦିନରେ ଏହା କି ରୂପ ନେଉଛି ତାହା ଉପରେ ନଜର । ଏଠାରେ ସୂଚନା ଯୋଗ୍ୟ ଲୋକଙ୍କ ବିଡିଓ ଭାବେ ସେ ଜନାଦୃତ ଥିଲେ ।

## ସର୍ପାଘାତରେ ମହିଳା ମୃତ

ବେତନଟୀ ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଥାନା ଦହିକୋଟି ପଞ୍ଚାୟତ ଅଧୀନ ସାରିଆ ଉପକ= ରାମଚନ୍ଦ୍ରପୁର ଗ୍ରାମର ଜଣେ ମହିଳାଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି । ମୃତ ମହିଳା ଜଣକ ହେଉଛନ୍ତି ସାରିଆ -ରାମଚନ୍ଦ୍ରପୁର ଗ୍ରାମର ସ୍ୱର୍ଗତ ଦୁଖିଆ ମାଝୀଙ୍କ ସ୍ତ୍ରୀ ସିନଗୋ ମାଝୀ(୫୬) । ସିନଗୋ ଗତ ସୋମବାର ଦିନ କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କ ଗୋଡ଼ରେ ଦଂଶନ କରିଦେଇଥିଲା । ତାଙ୍କୁ ସଙ୍ଗେ ସଙ୍ଗେ ବେତନଟୀ ଓ ସେଠାରୁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ ସୁଦ୍ଧା ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ବଡଜାମବଣି ଫାଣ୍ଡି ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ ଗୁରୁବାର ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରାଇବା ସହିତ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି ।

# ବିଜୁ ପକ୍କା ଘରୁ ବିପୁଳ ପରିମାଣର ମଦ ଜବତ

ବେତନଟୀ ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଆମ୍ବଗଡ଼ିଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ବିଜୁ ପକ୍କା ଘରୁ ବିପୁଳ ପରିମାଣର ଦେଶୀ ମଦ ଜବତ କଲା ବୈଶିଙ୍ଗା ପୁଲିସ । ଆମ୍ବଗଡ଼ିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦେଶୀ ମଦ ବିକ୍ରି ବଢିଚାଲୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୈଶିଙ୍ଗା ଥାନାଧିକାରୀ ବାବା ଶଙ୍କର ସରାଫ ସଦଳବଳ ଆମ୍ବ ଗଡ଼ିଆ ଗ୍ରାମର ଭାଲିଆପଦା ଗ୍ରାମର ଗୌର ସିଂଙ୍କ ପୁଅ ରବୀନ୍ଦ୍ର ସିଂ ଙ୍କ ଘରେ ବୁଧବାର ଭୋର ସମୟରେ ଚଢାଉ କରିଥିଲେ । ସେ ପୂର୍ବରୁ ନିଜର ବିଜୁ ପକ୍କା ଘରେ ଗଚ୍ଛିତ କରି ରଖିଥିବା ୫୦୦ ଲି ଦେଶୀ ମଦ କୁ ଜବତ କରିଥିଲେ । ଘଟଣାସ୍ଥଳରୁ ରବୀନ୍ଦ୍ର ଫେରାର ମାରିଥିଲେ । ଏନେଇ ବୈଶିଙ୍ଗା ପୁଲିସ ୫୦୭/୨୬ର ଏକ ମାମଲା ରୁଜୁ କରି ସମସ୍ତ ମଦ ଜବତ କରିଥିବା ବେଳେ ଖୁବ ଶୀଘ୍ର ଏଥିରେ ସମ୍ପୃକ୍ତ ଥିବା ରବୀନ୍ଦ୍ର କୁ ଗିରଫ କରାଯିବ ବୋଲି ପୁଲିସ ପ୍ରକାଶ କରିଛି । ସେହିପରି ବୁଧବାର ଅପରାହ୍ନରେ ସେହି ଗ୍ରାମର ହରେକୃଷ୍ଣ ମହାନ୍ତଙ୍କ ନିକଟରୁ ୨୦ ଲି ଦେଶୀ ମଦ ଜବତ କରାଯାଇଛି । ଏ ନେଇ ୫୧୧/୨୬ର ଏକ ମାମଲା ରୁଜୁ କରାଯାଇ ହରେକୃଷ୍ଣ କୁ ଗିରଫ କରାଯାଇଥିବା ଜଣାଯାଇଛି ।

# ବିଦେଶୀ ମଦ ଜବତ : ଜଣେ ଗିରଫ

କୁଳିଅଣା ,(ସବ୍ୟୁ) : କୁଳିଅଣା ଅବକାରୀ ଅଧିକାରୀ ଦିବ୍ୟଜ୍ୟୋତି ସତ୍ୟପ୍ରକାଶଙ୍କ ନେତୃତ୍ୱରେ ଓସନଯୋଡା ଛକରେ ଗୁରୁବାର ଅପରାହ୍ନ ରେ ଏକ ଅମିନି ଗାଡି ଓଡି ୦୨ ଏକେ ୯୦୫୩ କୁ ଅଟକାଇ ତଲାସି ନେବାରୁ ଗାଡି ଭିତରେ ୧୩ ଲିଟର ବିୟୋର ଓ ୪.୩୨୦ ଲିଟର ବିଦେଶୀ ମଦ ଜବତ କରି ଗାଡି ସହ କୁଳିଅଣା ଅବକାରୀ ଅଫିସ ନେଇ ଆସିଥିଲେ । ଏ ସଂକ୍ରାନ୍ତ ରେ ଏକ ମାମଲା ରୁଜୁ କରି ଦୋଷୀ ରାଜେନ୍ଦ୍ର ଦଣ୍ଡପାଟ, ( ୪୬ ) କୁ କୋର୍ଟ ଚାଲାଣ କରିଥିଲେ । ଏହି ଜବତ ସମୟରେ ଏ ଏସ ଆଇ ତପନ କୁମାର ସାହୁ, କନେଷ୍ଟବଳ ମମତା ବାରିକ, ଅରୁଣ ତରେଇ, ଲକ୍ଷଣ ନାଥ ଉପସ୍ଥିତ ଥିଲେ । କେଉଁ ସ୍ଥାନରୁ ମଦ ଆସିଥିଲା ଏବଂ କେଉଁ ସ୍ଥାନକୁ ଯାଉଥିଲା ସେ ବିଷୟରେ ଅବକାରୀ ଅଧିକାରୀ ତଦନ୍ତ ଜାରି ରଖିଛନ୍ତି । ଜବତ ବିଦେଶୀ ମଦର ଆନୁମାନିକ ମୂଲ୍ୟ ୧୦ ହଜାର ଟଙ୍କା ହେବ ବୋଲି ଅବକାରୀ ଓ.ଆଇ. ସି ପ୍ରକଶ କରିଛନ୍ତି

# ମଧ୍ୟାହ୍ନ ଭୋଜନ ରୋଷେଇ ବନ୍ଦ : ଭୋକରେ ଘରକୁ ଫେରିଲେ ଛାତ୍ରଛାତ୍ରୀ

## ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ ପରେ ଅଡୁଆରେ ପ୍ରଧାନ ଶିକ୍ଷକ

ଦୋବଲ, (ସବ୍ୟୁ) ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆଳରେ ସ୍କୁଲରେ ବନ୍ଦ ରହିଲା ମଧ୍ୟାହ୍ନ ଭୋଜନ । ଫଳରେ ପ୍ରାୟ ୩୦ ରୁ ୩୫ ଜଣ କୋମଳମତି ଛାତ୍ରଛାତ୍ରୀ ଭୋକିଲା ପେଟରେ ଘରକୁ ଫେରିବା ଘଟଣା ନେଇ ଗଣମାଧ୍ୟମ ଖବର କାଗଜରେ ପ୍ରକାଶ ପାଇଥିଲା । ପରେ ଏନେଇ କୌଣଷି କାର୍ଯ୍ୟାନୁଷ୍ଠାନ ନହେବାରୁ ଟିଟର ଯୋଗେ ମୁଖ୍ୟମନ୍ତ୍ରୀ, ଗଣ ଶିକ୍ଷାମନ୍ତ୍ରୀ, ଗଣ ଶିକ୍ଷା ବିଭାଗ ଓଡ଼ିଶା ଜଣେ ସାମାଜିକ କର୍ମୀ ଅଭିଯୋଗ କରିଥିଲେ । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଅଭିଯୋଗ କୁ ଗୁରୁତର ସହ ନେଇ ତା ୧୯/୯/୨୫ ରେଜିଷ୍ଟ୍ରେସନ ନଂ ଅର୍ଜେଣ୍ଟ ୪୧୦୫୬୮ ଅପରାହ୍ନରେ ଭଦ୍ରକ ଜିଲ୍ଲାପାଳଙ୍କୁ ତୁରନ୍ତ ତଦନ୍ତ କରିବାକୁ ନେଇ ନିର୍ଦ୍ଦେଶ ଦିଆଯାଇଥିଲା । ଗତ ୨୨/୯/୨୫ ରେ ଭଦ୍ରକ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାଇତ୍ୱ ହସ୍ତାନ୍ତର କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଧାମନଗର ବ୍ଲକ ଶିକ୍ଷାଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟ ସୁନ୍ଦର ପରିଡ଼ା ଗତ ବୁଧବାର ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ । ମଧ୍ୟାହ୍ନ ଭୋଜନରେ କୌଣଷି ଅନିୟମିତତା ହୋଇନାହିଁ ଏବଂ ସଭାପରେ ମଧ୍ୟାହ୍ନ ଭୋଜନ ପିଲାଙ୍କୁ ଦିଆଯାଇଥିଲା ବୋଲି ଏକ ଲିଖିତ ଆକାରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସେଠୀ ଦେବା ସହ ଏହାର ସତ୍ୟାସତ୍ୟ ନେଇ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତକରି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପଠେଇବେ ବୋଲି ଏବିଇଓ ଶ୍ରୀ ପରିଡ଼ା କହିଛନ୍ତି । ଧାମନଗର ବ୍ଲକ ରାଧାବଲ୍ଲଭପୁର ସ୍ଥିତ ଜାଗୁଲାଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁକାନ୍ତ ନାୟକଙ୍କ ଅନ୍ୟତ୍ର ବଦଳି ନେଇ ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ମିଳିତ ସହଯୋଗରେ ଗତ ୧୮/୯/୨୫ ରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ ହୋଇଥିଲା । ତେବେ ଉକ୍ତ ଦିନ ବିଦ୍ୟାଳୟରେ ସରକାରୀ ଛୁଟି ନଥିଲେ ମଧ୍ୟ ଶିକ୍ଷକମାନେ ସମ୍ବର୍ଦ୍ଧନା ସଭାରେ ବ୍ୟସ୍ତ ଥିବାରୁ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ରୋଷେଇ ହୋଇନଥିଲା । ଖାଦ୍ୟ ନପାଇ ଛାତ୍ରଛାତ୍ରୀମାନେ ଭୋକିଲା ପେଟରେ ଘରକୁ ଫେରିଥିଲେ । ଏହି ଖବର ପ୍ରଘଟ ହେବା ପରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ।

## କାର୍‌ରେ ଗୋ ଚାଲାଣ, ୩ ଗିରଫ

ଆଗରପଡ଼ା, (ସବ୍ୟୁ) :ଓ୍ୱାଗନର କାର୍ରେ ଗୋ-ଚାଲାଣ ବେଳେ ମାଡ଼ି ବସିଲା ଆଗରପଡ଼ା ପୋଲିସ । ଘଟଣାସ୍ଥଳରୁ ୩ ଜଣ ଗୋ-ଚାଲାଣକାରୀଙ୍କୁ ଗିରଫ କରାଯିବା ସହ ଗୋଟିଏ ଓ୍ୱାଗନର୍ କାର୍ ଓ ୨ଟି ଗୋରୁକୁ ଉଦ୍ଧାର କରାଯାଇଛି । ସୂଚନା ଅନୁଯାୟୀ, ଗୁରୁବାର ଭୋର ସମୟରେ ଆଗରପଡ଼ା ଥାନା ଅନ୍ତର୍ଗତ ବାଙ୍କତିରା ଗ୍ରାମରୁ ଏକ ଓ୍ୱାଗନର୍ କାରରେ ଅତି ଅମାନୁଷିକ ଭାବେ ୨ଟି ଗୋରୁକୁ ବୋଝେଇ କରି ଚାଲାଣ ପାଇଁ ଯୋଜନା ଚାଲିଥିଲା । କୌଣସି ସୂତ୍ରରୁ ଖବର ପାଇ ଆଗରପଡ଼ା ଥାନାଧିକାରୀ ରାଜେଶ କୁମାର ସେଠୀ ଉକ୍ତ ସ୍ଥାନରେ ପହଞ୍ଚି ଅତର୍କିତ ଚଢ଼ାଉ କରିଥିଲେ । ଘଟଣାସ୍ଥଳରୁ ୩ ଜଣ ଚାଲାଣକାରୀଙ୍କୁ ଗିରଫ କରିବା ସହ ଚାଲାଣରେ ବ୍ୟବହୃତ ଓ୍ୱାଗନର୍ କାର୍କୁ ଜବତ କରିଥିଲେ । ଏଥିସହ ଉଦ୍ଧାର ହୋଇଥିବା ଗୋରୁ ଦୁଇଟିକୁ ଗୋଶାଳାକୁ ପଠାଯାଇଛି । ଏହି ଚୋରା ଚାଲାଣ ପଛରେ କୌଣସି ବଡ଼ ରାକେଟ ସକ୍ରିୟ ଅଛି କି ନାହିଁ, ସେ ନେଇ ପୋଲିସ ଅଭିଯୁକ୍ତମାନଙ୍କୁ ଅଧିକ ପଚରାଉଚୁରା ଜାରି ରଖିଛି । ଏହି ସଂପର୍କରେ ଥାନା କେସ ନଂ ୨୧୫/୨୬ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରୀ ରଖିଛି ।

# ଦିନରେ ଫେରି , ରାତିରେ ଚୋରି ଧରାପଡ଼ିଲା ଫେରିବାଲା

ଭଦ୍ରକ, (ସବ୍ୟୁ) : ଦିନରେ ଗାଁ ଗାଁ ବୁଲି ଫେରି ବ୍ୟବସାୟ, ଆଉ ରାତିରେ ଚୋରି କରୁଥିବା ଅଭିଯୋଗ । ଏଭଳି ଅଭିଯୋଗକୁ ନେଇ ଚାନ୍ଦବାଲିରେ ଚର୍ଚ୍ଚା ଜୋର ଧରିଛି । ମନ୍ଦିରରୁ ପିତଳ ମୂର୍ତ୍ତି ଚୋରି କରି ନେଇଯାଉଥିବାବେଳେ ଜଣେ ଫେରିବାଲାଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଥିବା ଅଭିଯୋଗ ହୋଇଛି । ତେବେ ଏହା ପୂର୍ବରୁ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିବା ମଧ୍ୟ ଜଣାପଡ଼ିଛି । ,ଚାନ୍ଦବାଲି ଥାନା ଅଧୀନ ଚାନ୍ଦବାଲି ଏନ୍‌ଏସି ଶଗଡ଼ିଆ ନିକଟରେ ଥିବା ହନୁମାନ ମନ୍ଦିରରେ ବୁଧବାର ରାତି ପ୍ରାୟ ୯ଟା ରେ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି । ଜଣେ ଫେରିବାଲା ମନ୍ଦିର ପରିସରରୁ ପିତଳ ମୂର୍ତ୍ତି ନେଇ ଯାଉଥିବାବେଳେ ଜଣେ ଯୁବକ ତାଙ୍କୁ ଦେଖିଥିଲେ । ଯୁବକ ଜଣକ ତୁରନ୍ତ ତାଙ୍କୁ ଅଟକାଇବା ସହ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ । କିଛି ସମୟ ମଧ୍ୟରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା । ପରେ ଲୋକେ ଅଭିଯୁକ୍ତ ଫେରିବାଲାଙ୍କୁ ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିବା ଅଭିଯୋଗ ହୋଇଛି । ଘଟଣା ସମ୍ପର୍କରେ ଖବରପାଇ ଚାନ୍ଦବାଲି ପୋଲିସ ଘଟଣାସ୍ଥଳରେ ପହଂଚି ଅଭିଯୁକ୍ତଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରି ଥାନାକୁ ନେଇଥିଲା । ତାଙ୍କ ନିକଟରୁ ଚୋରି ହୋଇଥିବା ପିତଳ ମୂର୍ତ୍ତି ମିଳିଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ଘଟଣା ସମ୍ପର୍କରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି । ଅନ୍ୟପକ୍ଷରେ, ଚାନ୍ଦବାଲି ବଡ଼ବଜାର ଅଂଚଳରେ ବାହାର ଜିଲ୍ଲା ଓ ରାଜ୍ୟର କିଛି ଲୋକ ଘର ଭଡ଼ା ନେଇ ଫେରି ବ୍ୟବସାୟ କରୁଥିବା ଜଣାପଡ଼ିଛି । ତେବେ ସେମାନଙ୍କ ମଧ୍ୟରୁ କେହି ଚୋରି କିମ୍ବା ଅନ୍ୟ ଅପରାଧରେ ସମ୍ପୃକ୍ତ କି ନାହିଁ, ତାହା ପୋଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

କେନ୍ଦୁଝର ,(ଜିପ୍ର) : କେନ୍ଦୁଝର ଅଡିଟୋରିୟମ ଠାରେ ଗୁରୁବାର ଦିନ ବିଭିନ୍ନ କାର୍ଯ୍ୟକ୍ରମ ସହ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ପରବର୍ତ୍ତୀ କାଳରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଓ ଚିକିତ୍ସା ଶିବିର, ସେମାନଙ୍କ ଅଧିକାର, କଲ୍ୟାଣ ଏବଂ ସଓ୍ୱାସ୍ଥ୍ୟରକ୍ଷା ଉପରେ ଆଲୋକପାତ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବର ଅଂଶବିଶେଷ ସ୍ୱରୂପ, ବୟସ୍କମାନଙ୍କ ପ୍ରତି ସଚେତନତା ଏବଂ ସମ୍ବେଦନଶୀଳତା ବୃଦ୍ଧି କରିବା ପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ସମୟରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ ଏବଂ ଅଧିକ ଯନଶୀଳ ସମାଜ ଗଠନ ଦିଗରେ ସାମୂହିକ ଦାୟିତ୍ୱର ପ୍ରତୀକ ସ୍ୱରୂପ ବନାଯୋଡି ବୃଦ୍ଧାଶ୍ରମରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା । ଏହି ଦିବସ ପାଳନ ଅବସରରେ ପ୍ରାୟ ୧୬୪ ଜଣ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋସ୍ନାମୟୀ ପ୍ରଧାନ, ଡାକ୍ତର ପୁରୁଷୋତ୍ତମ ମହାନ୍ତ, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କ ସହ ଆଲୋଚନା କରିଥିଲେ ।



## ନୀଳଗିରି ଏନ୍‌ଏସିରେ ଦୋକାନ ଗୃହ ବଣ୍ଟନରେ ଅନିୟମିତତା

# ଦୋକାନ ଗୃହ ଦେବାକୁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ

ନୀଳଗିରି ,(ସବ୍ୟୁ): -ନୀଳଗିରି ଏନ୍‌ଏସି ପକ୍ଷରୁ କେ.ସି ହାଇସ୍କୁଲ ଗୋପବନ୍ଧୁ ହଷ୍ଟେଲ ନିକଟରେ ଦୋକାନ ଗୃହ ନିର୍ମାଣ କରାଯାଇଛି । ମାତ୍ର ରାସ୍ତା ପ୍ରଶସ୍ତି କରଣ ପାଇଁ ସମସ୍ତ ଦୋକାନୀ ମାନଙ୍କୁ ଉଚ୍ଛେଦ ପାଇଁ ଏନ୍‌ଏସି ପକ୍ଷରୁ ସୂଚନା ଜାରି କରାଯାଇଥିଲା । ନୂତନ ଦୋକାନ ଗୃହ ନିର୍ମାଣ ହେବା ପରେ ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ଘର ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ । ପରେ ସମସ୍ତ ଦୋକାନ ଘର ଗୁଡ଼ିକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଥିଲା। ତା ମଧ୍ୟରେ ବରିସାହି ଗ୍ରାମର ବୃନ୍ଦାବନ ବିଶ୍ୱାଳଙ୍କ ପୁଅ ଶିବ ଶଙ୍କର ବିଶ୍ୱାଳଙ୍କର ଏକ ସେଲୁନ୍ ଦୋକାନମଧ୍ୟ ଭଙ୍ଗା ଯାଇଥିଲା । ତାଙ୍କ ଦୋକାନର ସମସ୍ତ କାଗଜ ପତ୍ର ମଧ୍ୟ ଥିଲା । ମାତ୍ର ଶିବ ଶଙ୍କର ବିଶ୍ୱାଳଙ୍କୁ ଦୋକାନ ଗୃହ ବଣ୍ଟନ ଲିଷ୍ଟରେ ନାମ ନଥିବା ବେଳେ ଶେଷରେ ସେ ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେଇଥିଲେ । ସମସ୍ତ ଦସ୍ତାବିଜ୍‌କୁ ପାଥେୟ କରି ଉଚ୍ଚ ନ୍ୟାୟାଳୟ ଆଦେଶ ମୂଳେ ପୂର୍ବରୁ ଯୋଉଠି ଦୋକାନ ଘର ଥିଲା, ସେହି ଠାରେ ଦେବା ପାଇଁ ଗତ ୨୪/୯/୨୬ତାରିଖରେ ନିର୍ଦ୍ଦେଶ ଜାରି କରିଛନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ଅର୍ଡରର ନକଲ କପି ନିଜେ ହିତାଧିକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିବା ବେଳେ ରିସିଭ କପି ଦିଆ ଯାଇନଥିବାରୁ ପୋଷ୍ଟାଲରେ ପ୍ରଦାନ କରିଥିଲେ ବୋଲି ଶିବ ଶଙ୍କର ବିଶ୍ୱାଳ ପ୍ରକାଶ କରିଛନ୍ତି । ଶ୍ରୀ ବିଶ୍ୱାଳଙ୍କର ସର୍ଭେ ଲିଷ୍ଟରେ ୨୨୧ନମ୍ବର ଥିବାର ଦେଖିବାକୁ ମିଳିଛି ।

# କନ୍ଧମାଳ ଜିଲ୍ଲାରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ "ସୋଲାର ରଥ'ର ଶୁଭାରମ୍ଭ

ଫୁଲବାଣୀ, (ସବ୍ୟୁ) : ସ୍ୱଚ୍ଛ ଓ ନବୀକରଣଯୋଗ୍ୟ ଶକ୍ତିର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ, ମାସବ୍ୟାପୀ "ସେବା ସେତୁ ଅଭିଯାନ' ଅଧୀନରେ କନ୍ଧମାଳ ଜିଲ୍ଲାର ଫୁଲବାଣୀଠାରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍) ପକ୍ଷରୁ "ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି । "ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା' ସମ୍ପର୍କରେ ସଚେତନତା ବୃଦ୍ଧି କରିବା ସହ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ ଏବଂ ସୌର ଶକ୍ତି ଆପଣାଇବା ଦିଗରେ ଉପଭୋକ୍ତାଙ୍କୁ ଉତ୍ସାହିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ବେଦଭୂଷଣ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, କନ୍ଧମାଳ ଏବଂ ଅମିତ କୁମାର ଗର୍ଗ , ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲଙ୍କ ସମେତ ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ଉପସ୍ଥିତିରେ ମିଳିତ ଭାବେ ପତାକା ଦେଖାଇ "ସୋଲାର ରଥ'ର ଶୁଭାରମ୍ଭ ହୋଇଛି । "ସୋଲାର ରଥ' କନ୍ଧମାଳ ଜିଲ୍ଲାର ସମସ୍ତ ୧୨ଟି ବ୍ଲକ୍-ବାଲିଗୁଡ଼ା, ଚକାପାଦ, ଦାରିଙ୍ଗବାଡ଼ି, ଜି. ଉଦୟଗିରି, କେ. ନୂଆଗାଁ, ଖଜୁରୀପଡ଼ା, କୋଟଗଡ଼, ଫିରିଙ୍ଗିଆ, ଫୁଲବାଣୀ, ରାଇକିଆ, ଟିକାବାଲି ଏବଂ ତୁମୁଡ଼ିବନ୍ଧ-ପରିକ୍ରମା କରିବ । ଏହି ଅବସରରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, ସୋଲାର ରଥ ମାଧ୍ୟମରେ କନ୍ଧମାଳର ବିଭିନ୍ନ ଅଞ୍ଚଳର ଉପଭୋକ୍ତା ଓ ସମୁଦାୟଙ୍କ ନିକଟରେ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନର ବାର୍ତ୍ତା ପହଞ୍ଚାଯାଉଛି । ଏହି ପଦକ୍ଷେପ ମାଧ୍ୟମରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫ୍‌ତ ବିଜୁଳି ଯୋଜନା ସମ୍ପର୍କିତ ସୂଚନାକୁ ସରଳ ଭାବେ ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବା, ସେମାନଙ୍କ ପ୍ରଶ୍ନର ସମାଧାନ କରିବା ଏବଂ ଅଧିକରୁ ଅଧିକ ପରିବାରକୁ ସୌର ଶକ୍ତିର ଲାଭ ବିଷୟରେ ଜାଣିବାକୁ ଉତ୍ସାହିତ କରିବା ଆମର ଲକ୍ଷ୍ୟ । "ସୋଲାର ରଥ', ଆଇଇସି ସାମଗ୍ରୀ, ରେଡିଓ ଜିଙ୍ଗଲ୍ ଏବଂ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କ ସହ ସିଧାସଳଖ ଯୋଡ଼ି ହୋଇ ସୌର ପ୍ୟାନେଲ୍ ଲଗାଇବାର ଲାଭ, ପ୍ରକ୍ରିୟା ଓ ଉପଲବ୍ଧ ସୁବିଧା ବିଷୟରେ ସଚେତନ କରାଯିବ ଏବଂ ଅଧିକରୁ ଅଧିକ ପରିବାରକୁ ସୌର ଶକ୍ତି ଆପଣାଇବା ପାଇଁ ଉତ୍ସାହିତ କରାଯିବ ।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ "ଆଇଟି ଅନ୍ ହ୍ୱିଲ୍ସ' କାର୍ଯ୍ୟକ୍ରମ

# ୧୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଖାପାଖି ୮୦୦ ଛାତ୍ରଛାତ୍ରୀ ହେବେ ଉପକୃତ

ଛତ୍ରପୁର, (ସବ୍ୟୁ): ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଡିଜିଟାଲ୍ ଶିକ୍ଷା ସହ ଯୋଡ଼ିବା ଲକ୍ଷ୍ୟରେ ଗୋପାଳପୁର ବନ୍ଦରର ସିଏସ୍‌ଆର୍ କାର୍ଯକ୍ରମ ମାଧ୍ୟମରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ "ପ୍ରୋଜେକଫ ଉତ୍ଥାନ୍' ଅନ୍ତର୍ଗତ "ଆଇଟି ଅନ୍ ହ୍ୱିଲ୍ସ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଚମାଖଣ୍ଡି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏବଂ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ପ୍ରଭାତୀ ମହାପାତ୍ର ଏବଂ ଚମାଖଣ୍ଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ମୋବାଇଲ୍ କମ୍ପ୍ୟୁଟର ଲାବୋରେଟୋରିରେ ମୋଟ ୩୦ଟି ଲାପଟପ୍ ରହିବ ଏବଂ ପ୍ରତିଦିନ ଦୁଇଟି ବିଦ୍ୟାଳୟ ପରିଦର୍ଶନ କରିବଛ ଜଣେ ପ୍ରଶିକ୍ଷିତ ପ୍ରଶିକ୍ଷକଙ୍କ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟରର ବ୍ୟବହାରିକ ଶିକ୍ଷା ଦିଆଯିବ ।



ଫଳରେ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ହାତପାଖରେ ଡିଜିଟାଲ୍ ଉପକରଣ ବ୍ୟବହାରର ଅଭିଜ୍ଞତା ହାସଲ କରିପାରିବେ । ପ୍ରଥମ ପର୍ଯ୍ୟାୟରେ ଗୋପାଳପୁର ବନ୍ଦରର ପାଶ୍ୱର୍ବର୍ତ୍ତୀ ଅଞ୍ଚଳର ପାଞ୍ଚଟି ପଞ୍ଚାୟତ ଅଧୀନରେ ଥିବା ୧୨ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ଷ୍ଠରୁ ୮ମ ଶ୍ରେଣୀର ପାଖାପାଖି ୮୦୦ ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରୁ ଉପକୃତ ହେବେ । "ଆଇଟି ଅନ୍ ହ୍ୱିଲ୍ସ' ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ଆଧାରରେ ପର୍ଯ୍ୟାୟକ୍ରମେ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯିବ । ଏଥିରେ କମ୍ପ୍ୟୁଟରର ମୌଳିକ ଜ୍ଞାନ ସହିତ ଏମ୍‌ଏସ୍ ଓ୍ୱାର୍ଡ, ଏମ୍‌ଏସ୍ ଏକ୍ସେଲ୍ ଓ ଏମ୍‌ଏସ୍ ପାଓ୍ୱାର ପଏଣ୍ଟର ବ୍ୟବହାର ଏବଂ ଡିଜିଟାଲ୍ ପ୍ରଯୁକ୍ତିର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ଶିକ୍ଷା ଦିଆଯିବ । ପାଠ୍ୟକ୍ରମରେ ଉଭୟ ତଥ୍ୟାତ୍ମକ ଓ ବ୍ୟବହାରିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ଏହାଦ୍ୱାରା ଛାତ୍ରଛାତ୍ରୀ କମ୍ପ୍ୟୁଟର ଓ ଡିଜିଟାଲ୍ ଉପକରଣ ବ୍ୟବହାରରେ ଦକ୍ଷ ହେବା ସହ ଶିକ୍ଷା ଓ ଦୈନନ୍ଦିନ ଜୀବନରେ ପ୍ରଯୁକ୍ତିର ସଠିକ୍ ବ୍ୟବହାର କରିପାରିବେ । ଆଦାନୀ ଫାଉଣ୍ଡେସନର "ଆଇଟି ଅନ୍ ହ୍ୱିଲ୍ସ' ଏକ ଡିଜିଟାଲ୍ ସାକ୍ଷରତା କାର୍ଯ୍ୟକ୍ରମ । ବିଶେଷକରି ଗ୍ରାମାଞ୍ଚଳ ଓ ସୁବିଧାରୁ ବଞ୍ଚିତ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ନିକଟରେ କମ୍ପ୍ୟୁଟର ଶିକ୍ଷା ପହଞ୍ଚାଇବା ଏହାର ଲକ୍ଷ୍ୟ । ବିଦ୍ୟାଳୟ ଦ୍ୱାରକୁ ଡିଜିଟାଲ୍ ଶିକ୍ଷା ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କ ଡିଜିଟାଲ୍ ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ଭବିଷ୍ୟତର ପ୍ରଯୁକ୍ତି ନିର୍ଭର ଶିକ୍ଷା ଓ ଜୀବନ ପାଇଁ ପ୍ରସ୍ତୁତ କରିବ ।

## ପାର୍ବଣ ପୂର୍ବରୁ ସହରର ବିପର୍ଯ୍ୟସ୍ତ ବ୍ୟବସ୍ଥା ସୁଧାରିବାକୁ

# ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ଓଜେସି

କଟକ, (ସ୍ୱପ୍ର): ଆଗାମୀ ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା ଓ ଐତିହାସିକ ବାଲିଯାତ୍ରା ଭଳି ମହାପାର୍ବଣ ପାଇଁ ଭାଇଚାରାର ସହର କଟକ ପ୍ରସ୍ତୁତ ହେଉଥିବା ବେଳେ ପ୍ରଶାସନର ଚରମ ଉଦାସୀନତା ଯୋଗୁଁ ନାଗରିକଙ୍କ ଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏହି ପରିପ୍ରେକ୍ଷୀରେ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟ, ଅଚଳ ଆଲୋକ ଓ ପରିମଳ ସମସ୍ୟାର ଯୁଦ୍ଧକାଳୀନ ସମାଧାନ ଦାବି କରି ଆଜି "ଓଡ଼ିଶା ଜନତା କଂଗ୍ରେସ, କଟକ ସହର ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି



। ଏହି ଅବସରରେ ସଭାପତି ଶ୍ରୀମତୀ ବେହେରା କହିଛନ୍ତି ଯେ, କଟକ ଏକ ଐତିହ୍ୟସମ୍ପନ୍ନ ସହର ହୋଇଥିବା ସେ‰ ଆଜି ପ୍ରଶାସନିକ ଅବହେଳା ଯୋଗୁଁ ଏଠାକାର ବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ । ପାର୍ବଣ ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବା ବେଳେ ପ୍ରଶାସନ ଏବେ ବି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି । ଯଦି ତୁରନ୍ତ ଏହିସବୁ ସମସ୍ୟାର ସମାଧାନ କରାନଯାଏ, ତେବେ ଦଳ ରାଜରାସ୍ତାକୁ ଓହ୍ଲାଇବା ସହ ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସେ ଦୃଢ଼ ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଓଜେସି ନେତା ନିକୁଞ୍ଜ ପସାୟତ, କିଶୋର କୁମାର କର, ଶରତ ଚନ୍ଦ୍ର ଶେଠୀ, ସୁଷମା ଦାସ, ସେକ ସମିମଉଲ୍ଲା, କାଞ୍ଚନ ଦାସ, ସୁରଜିତ ସାହ, ଶୋନୁ ସ୍ୱାଇଁ, ସ୍ୱାଗତିକା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ଜାଓ୍ୱା, ୟେଜଦି ଓ ବିଏସ୍‌ଏ ମଡେଲରେ ନୂଆ ଅପଡେଟ

ଯୋଡା, (ସବ୍ୟୁ) ପାର୍ବଣ ଋତୁକୁ ଦୃଷ୍ଟିରେ ରଖି କ୍ଲାସିକ୍ ଲିଜେଣ୍ଡସ୍ ପକ୍ଷରୁ ଜାଓ୍ୱା, ୟେଜଦି ଓ ବିଏସ୍‌ଏର ସମସ୍ତ ମଡେଲରେ ନୂଆ ଅପଡେଟ ଓ ପରିବର୍ତ୍ତନ ଅଣାଯାଇଛି । ଏଥିରେ ଜାଓ୍ୱା ୪୨ର ନବୀକରଣ, ୟେଜଦିର ତିନୋଟି ନୂଆ ରୂପ ଏବଂ ବିଏସ୍‌ଏର ନୂତନ ମଡେଲ୍ ସାମିଲ ରହିଛି । ଏହି ପରିବର୍ତ୍ତନ ମାଧ୍ୟମରେ ତିନୋଟି ବ୍ରାଣ୍ଡର ଐତିହ୍ୟ ଓ ସ୍ୱତନ୍ତ୍ର ପରିଚୟକୁ ବଜାୟ ରଖିବା ସହ ଚାଳକଙ୍କୁ ଉନ୍ନତ ଯାତ୍ରା ଅନୁଭୂତି ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି । କମ୍ପାନୀର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି ଯେ, ଏହି ଅପଡେଟଗୁଡ଼ିକ ତିନୋଟି ବ୍ରାଣ୍ଡକୁ ନୂଆ ପିଢ଼ିର ବାଇକ୍ ପ୍ରେମୀଙ୍କ ସହ ଯୋଡ଼ିବାରେ ସହାୟକ ହେବ ।

## ସମ୍ପାଦକୀୟ

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଦୁର୍ନୀତିର ଗନ୍ଧ

ଭାରତ ସରକାର ସବୁଦିନିଆ ଗ୍ରାମ୍ୟ ସଡ଼କ ସଂଯୋଗ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (PMGASY) ଆରମ୍ଭ କରିଥିଲେ । ଆମ ରାଜ୍ୟ ଓଡ଼ିଶାରେ ଏହି ଯୋଜନା ୨୦୧୯-୨୪ ଅବଧି ମଧ୍ୟରେ ସଂପନ୍ନ ହୋଇ ଥାଆନ୍ତା । ମାତ୍ର ଏହି କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ତୃଟିବିଚ୍ୟୁତି ପରିଲକ୍ଷିତ ହୋଇଥିବା କଥା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (CAG) ରିପୋର୍ଟରେ ଦର୍ଶାଯାଇଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମନେ ହୋଇଥାଏ ।

**ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ପରି ଆହୁରି ମଧ୍ୟ ଜଣାଯାଇଛି ଯେ ଯୋଗ୍ୟତା ନଥିବା ଠିକାଦାରଙ୍କୁ କାମ ଦିଆଯାଇଥିଲା ଏବଂ ୪୦ କୋଟି ୫୫ ଲକ୍ଷ ଟଙ୍କାର ପୂର୍ବ ନିର୍ଦ୍ଧାରିତ କ୍ଷତିପୂରଣକୁ ଆଦାୟ କରା ଯାଇ ନଥିଲା କି ନିୟମିତ ଭାବେ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇ ନଥିବାରୁ ୨୩ କୋଟି ୨ ଲକ୍ଷ ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା । ପୁଣି ତୃଟିପୂର୍ଣ୍ଣ ରାସ୍ତାଗୁଡ଼ିକର ମରାମତି କରା ନଯିବାରୁ ୧୫ କୋଟି ୧୯ ଲକ୍ଷ ଟଙ୍କାର ଅଯଥା ବ୍ୟୟ ହୋଇଥିଲା ଏବଂ ରାସ୍ତାଗାଡ଼ିକର ମାନ ମଧ୍ୟ ଠିକ୍ ଭାବେ ନଥିଲା । ଯଦି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏପରି ଦୁର୍ନୀତିର ଗନ୍ଧ ପ୍ରକାଶ ପାଏ, ତାହେଲେ ସ୍ୱାଧୀନତାର ଅଶୀ ବର୍ଷରେ ଦେଶର ଉନ୍ନତି କିପରି ହେବ ଏବଂ ୨୦୪୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନର ବିକଶିତ ଭାରତ ସତରେ କ'ଣ ଅସମ୍ପୂର୍ଣ୍ଣ ରହିଯିବ ?**

ଜଣାଯାଇଛି ଯେ ଏହି ଯୋଜନାର ତୃତୀୟ ନମ୍ବରକୁ ଅନୁମୋଦନ ମିଳିଥିବା ସତ୍ତ୍ୱେ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପାଇଁ ଉଦ୍ଦିଷ୍ଟ ସୀମା ଗତ ବର୍ଷ ୨୦୨୫ ମାର୍ଚ୍ଚମାସ ସୁଦ୍ଧା ୨୦ ଲକ୍ଷ ୭୧ ହଜାର ଜନସଂଖ୍ୟାବିଶିଷ୍ଟ ୨,୪୨୮ଟି ଜନବସତି (ଗ୍ରାମ)କୁ ସଡ଼କ ପଥଦ୍ୱାରା ସଂଯୋଗ କରି ପାରି ନଥିଲା । ଏଥିପାଇଁ ଡିପିଆର (ବିସ୍ତୃତ ପ୍ରକଳ୍ପ ରିପୋର୍ଟ) ଗ୍ରାମ୍ୟ ଉନ୍ନୟନ ବିଭାଗ କରି ପାରି ନଥିଲା । ପୁଣି ଏହି ବିସ୍ତୃତ ରିପୋର୍ଟ ପ୍ରସ୍ତୁତି ସମୟରେ ଠିକାଦାରମାନଙ୍କ ଲାଭ ସମେତ ଅତିରିକ୍ତ ଖର୍ଚ୍ଚକୁ ଅତ୍ୟଧିକ (Excess) ଦର୍ଶାଇବା ଫଳରେ ଠିକାଦାରମାନେ ୩୨ କୋଟି ୩୭ ଲକ୍ଷ ଟଙ୍କାର ଅନୁଚିତ ଲାଭ ପାଇଥିଲେ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି । ତେବେ ଏହି ଅର୍ଥକୁ ଠିକାଦାରମାନେ ଉପରିସ୍ଥ ଅଧିକାରୀ ଓ ନିମ୍ନ କର୍ମଚାରୀମାନଙ୍କୁ ଭାଗବାଣ୍ଟି ଦେଇଥିବେ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ ବୋଲି ମନେ ହୋଇଥାଏ ।

କେବଳ ଏତିକି ନୁହେଁ, ଏହି ଅଡିଟ ରିପୋର୍ଟରୁ ମଧ୍ୟ ଧରା ପଡ଼ିଛି ଯେ ଠିକାଦାରମାନଙ୍କୁ କାମ ଦେବା ପୂର୍ବରୁ ଜମିର ଉପଲବ୍ଧି ଓ ଜଙ୍ଗଲ ଅନୁମତିକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ସୁନିଶ୍ଚିତ ନ କରିବା ଯୋଗୁଁ ଏହି ଯୋଜନାରେ ୪୮ କୋଟି ୫୨ ଲକ୍ଷ ଟଙ୍କାର ଖର୍ଚ୍ଚ ଅପବ୍ୟୟ ହୋଇଥିବା ଧରାପଡ଼ିଛି । ଆହୁରି ମଧ୍ୟ ଅଭିଯୋଗ ହୋଇଛି ଯେ ଅନାବଶ୍ୟକ ପରିବହନ ଦୂରତା ଭାର ଅନ୍ତର୍ଭୁକ୍ତ କରିବାରୁ ପ୍ରକଳ୍ପର ଅଟକଳ ୨୧ କୋଟି ୬୬ ଲକ୍ଷକୁ ବୃଦ୍ଧି ପାଇଥିଲା । ଏ ସବୁ କରାଯାଇଥିବା ଯୋଗୁଁ ଦୁର୍ବଳ ବା କୋହଳ ଚୁକ୍ତି ନିୟମରେ ଏହି ପ୍ରକଳ୍ପକୁ ପରିଚାଳନା କରାଯିବାରୁ, ପ୍ରକଳ୍ପ ଅଧାରେ ବନ୍ଦ ହୋଇ ଯାଇଥିଲା । ଫଳରେ ବିକାଶ ପ୍ରକ୍ରିୟାର ଅତ୍ୟନ୍ତ ମନ୍ଥର ଗତି ଥିଲା ବୋଲି ଏହି ଅଡିଟ ରିପୋର୍ଟରେ ଦର୍ଶାଯାଇ ତଦ୍ୱାରା, ଏହି ପ୍ରକଳ୍ପରେ ୩୨ କୋଟି ୨୭ ଲକ୍ଷ ଟଙ୍କାର ନିଷ୍ଫଳ ବ୍ୟୟ କରାଯାଇଥିଲା ବୋଲି ଦୋଷାରୋପ କରାଯାଇଛି ।

ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ପରି ଆହୁରି ମଧ୍ୟ ଜଣାଯାଇଛି ଯେ ଯୋଗ୍ୟତା ନଥିବା ଠିକାଦାରଙ୍କୁ କାମ ଦିଆଯାଇଥିଲା ଏବଂ ୪୦ କୋଟି ୫୫ ଲକ୍ଷ ଟଙ୍କାର ପୂର୍ବ ନିର୍ଦ୍ଧାରିତ କ୍ଷତିପୂରଣକୁ ଆଦାୟ କରା ଯାଇ ନଥିଲା କି ନିୟମିତ ଭାବେ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇ ନଥିବାରୁ ୨୩ କୋଟି ୨ ଲକ୍ଷ ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା । ପୁଣି ତୃଟିପୂର୍ଣ୍ଣ ରାସ୍ତାଗୁଡ଼ିକର ମରାମତି କରା ନଯିବାରୁ ୧୫ କୋଟି ୧୯ ଲକ୍ଷ ଟଙ୍କାର ଅଯଥା ବ୍ୟୟ ହୋଇଥିଲା ଏବଂ ରାସ୍ତାଗୁଡ଼ିକର ମାନ ମଧ୍ୟ ଠିକ୍ ଭାବେ ନଥିଲା ।

ଯଦି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏପରି ଦୁର୍ନୀତିର ଗନ୍ଧ ପ୍ରକାଶ ପାଏ, ତାହେଲେ ସ୍ୱାଧୀନତାର ଅଶୀ ବର୍ଷରେ ଦେଶର ଉନ୍ନତି କିପରି ହେବ ଏବଂ ୨୦୪୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନର ବିକଶିତ ଭାରତ ସତରେ କ'ଣ ଅସମ୍ପୂର୍ଣ୍ଣ ରହିଯିବ ?

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ –ରଣନୈତିକ ଶକ୍ତିର ମୂଳଦୁଆ

## (Critical Minerals -The Foundation of Strategic Power)



**ଡକ୍ଟର ଚିତ୍ତରଂଜନ ମିଶ୍ର**

କ୍ରିଟିକାଲ୍ ମିନେରାଲ୍‌ସ ବା ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡିକ ସମ୍ବଳ ନୀତିର ସୀମା ସରହଦକୁ ଡେଇଁ ସଂପ୍ରତି ଶିଳ୍ପଗତ କୌଶଳ ଏବଂ ଜାତୀୟ ସୁରକ୍ଷାର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟି ଯାଇଛି । ଲିଥିୟମ, କୋବାଲ୍ଟ, ନିକେଲ୍, ଗ୍ରାଫାଇଟ୍, କପର୍ ଏବଂ ବିରଳ ମୃତ୍ତିକା ମୌଳିକବସ୍ତୁଗୁଡିକ ବୈଦ୍ୟୁତିକ ଯାନ, ଷ୍ଟୋରେଜ୍, ଅଣପାରମ୍ପରିକ ଶକ୍ତି, ସେମିକଣ୍ଡକ୍ଟର୍ସ, ଦେଶରକ୍ଷା ଏବଂ ଆଡଭାନ୍ସଡ ମାନୁଫ୍ୟାକଚରିଂର ମୂଳଦୁଆ ପାଲଟିଯାଇଛି । ଯେହେତୁ ଦିନପରେ ଦିନ କାର୍ବନୀକରଣ ଏବଂ ଡିଜିଟାଲାଇଜେସନ୍ ବା କମ୍ପ୍ୟୁଟର ଏବଂ ଇଣ୍ଟରନେଟ ପ୍ରଯୁକ୍ତିବିଦ୍ୟାର ଗତି ତ୍ୱରାନ୍ୱିତ ହେଉଛି, ଖଣିଜ ସୁରକ୍ଷା ଏବେ ସେତିକି ଗୁରୁତ୍ୱପୂର୍ଣ୍ଣ ହେବାରେ ଲାଗିଛି, ଯେମିତି କି ଦିନେ ଅଶୋଧିତ ତୈଳ ଥିଲା । ବିଶ୍ୱସ୍ତରୀୟ ଯୋଗାଣ ଚିତ୍ର କେନ୍ଦ୍ରୀଭୂତ ଅଟେ । କପର୍, ଲିଥିୟମ୍, ନିକେଲ୍, କୋବାଲ୍ଟ, ଗ୍ରାଫାଇଟ୍ ଏବଂ ବିରଳ ମୃତ୍ତିକା ମୌଳିକବସ୍ତୁ ପାଇଁ ବିଶ୍ୱର ତିନୋଟି ପ୍ରମୁଖ ବିଶୋଧନକାରୀ ରାଷ୍ଟ୍ରର ହାରାହାରି ବଜାରରେ ଅଂଶଧନ ପରିମାଣ ୨୦୨୦ ମସିହାରେ ୮୨ ପ୍ରତିଶତ ଥିଲାବେଳେ ୨୦୨୪ରେ ତାହା ୮୬ ପ୍ରତିଶତକୁ ବୃଦ୍ଧି ଘଟିଛି । ବର୍ଦ୍ଧିତ ଯୋଗାଣ କେବଳ କିଛି ନିର୍ଦ୍ଦିଷ୍ଟ କେନ୍ଦ୍ର ବା ପଏଣ୍ଟ ସହ ଜଡିତ ଯେପରିକି – ନିକେଲ୍ ପାଇଁ ଇଣ୍ଡୋନେସିଆ ଏବଂ କୋବାଲ୍ଟ, ଗ୍ରାଫାଇଟ୍ ଏବଂ ବିରଳ ମୃତ୍ତିକା ମୌଳିକବସ୍ତୁ ପାଇଁ ଚୀନ । ୨୦ଟି ଷ୍ଟ୍ରାଟେଜିକ୍ ମିନେରାଲ୍ସ ବା ସାମରିକ ତଥା ଜାତୀୟ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ମଧ୍ୟରୁ ଚୀନ ୧୯ଟି ଖଣିଜ ପଦାର୍ଥର ପ୍ରମୁଖ ବିଶୋଧନକାରୀ ରାଷ୍ଟ୍ର ଅଟେ ଏବଂ ହାରାହାରି ବଜାର ଅଂଶଧନ ୭୦ପ୍ରତିଶତର ଅଧିକାରୀ ହୋଇଅଛି ଏବଂ ଖଣିଜ ପଦାର୍ଥକୁ କେବଳ ବାଣିଜ୍ୟିକ ନୁହେଁ ବରଂ ଏକ ଭୂ-ରାଜନୈତିକ ରୂପରେଖ ପ୍ରଦାନ କରିଛି । ଅର୍ଥାତ୍, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡିକ କେବଳ କିଣାବିକା ବା ଲାଭ-କ୍ଷତିର ମାଧ୍ୟମ ହୋଇ ଆଉ ରହି ନାହିଁ, ବରଂ ଏହାକୁ ବିଭିନ୍ନ ଦେଶମାନେ ନିଜର ରାଜନୈତିକ କ୍ଷମତା, ସୁରକ୍ଷା, ଏବଂ ବିଶ୍ୱସ୍ତରରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଏକ ରଣନୀତିକ ହତିଆର ଭାବେ ବ୍ୟବହାର କରୁଛନ୍ତି ।

**ଭୂ-ରାଜନୈତିକ ବିପଦ:-**

ସ୍ୱଚ୍ଛ ଶକ୍ତିର ରୂପାନ୍ତରଣ କିମ୍ବା ପରିବର୍ତ୍ତନ ପାଇଁ ଆଜିର ଉତ୍ପାଦନ ବ୍ୟବସ୍ଥା ତୁଳନାରେ ବହୁ ଅଧିକ ପରିମାଣର ଖଣିଜ ପଦାର୍ଥ ଆବଶ୍ୟକ ହେବ । ୨୦୩୫ ମସିହା ସୁଦ୍ଧା ତମ୍ବା (କପର୍)ର ଆବଶ୍ୟକତା ତୁଳନାରେ ୩୦ ପ୍ରତିଶତ କମ୍ ଯୋଗାଣ ବା ଅଭାବ ହେବ ବୋଲି ବର୍ତ୍ତମାନର ଖଣି ପ୍ରକଳ୍ପଗୁଡିକର ସ୍ଥିତି ସୂଚାଉଛି । ଲିଥିୟମ୍‌ର ଯୋଗାଣ ନିକଟ ଭବିଷ୍ୟତରେ ଭଲ ରହିବ ବୋଲି ଜଣାପଡୁଛି, କିନ୍ତୁ ବର୍ଦ୍ଧିତ ଚାହିଦା ଯୋଗୁଁ ୨୦୩୦ ଦଶକ ସୁଦ୍ଧା ବଜାରରେ ଏହାର୍ ଅଭାବ ପରିଲକ୍ଷିତ ହେବ ବୋଲି ଆଶା କରାଯାଉଛି । ପବନ ଶକ୍ତି, ଇଲେକଟ୍ରାନିକ୍ସ ଓ ଚୁମ୍ବକର ବ୍ୟବହାର ବୃଦ୍ଧି ପାଇବା ସହିତ ବିରଳ ମୃତ୍ତିକା ଉପାଦାନର ଚାହିଦା ଦ୍ରୁତ ଗତିରେ ବଢିବ ।

ଭୂ-ରାଜନୈତିକ ବିପଦ ବା ଆନ୍ତର୍ଜାତିକ ରାଜନୀତିକ ଜଟିଳତା ଏହି ଚାପଗୁଡିକୁ ଆହୁରି ବଢାଇ ଦେଉଛି । ଚୀନ ଦ୍ୱାରା ୨୦୨୫ ମସିହାରେ ଘୋଷିତ 'ରେୟାର ଆର୍ଥ ଏକ୍ସପୋର୍ଟ କଣ୍ଟ୍ରୋଲ' (ବିରଳ ମୃତ୍ତିକା ରପ୍ତାନି ନିୟନ୍ତ୍ରଣ) ଶକ୍ତି, ଅଟୋମୋବାଇଲ, ପ୍ରତିରକ୍ଷା, ମହାକାଶ, କୃତ୍ରିମ ପ୍ରଜ୍ଞା ଏବଂ ସେମିକଣ୍ଡକ୍ଟର ଭଳି ପ୍ରମୁଖ କ୍ଷେତ୍ରଗୁଡିକ ପାଇଁ ଗଭୀର ଚିନ୍ତା ସୃଷ୍ଟି କରିଛି । ମୁଖ୍ୟ ଅର୍ଥ ବ୍ୟବସ୍ଥାଗୁଡିକ ଶୀଘ୍ର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ୟୁରୋପୀୟ ୟୁନିୟନର 'କ୍ରିଟିକାଲର' ମ୍ୟାରେରିଆଲ୍ସ ଆକ୍ଟ' ଅନୁଯାୟୀ ୨୦୩୦ସୁଦ୍ଧା ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ସୁରକ୍ଷିତ ହେବା ପାଇଁ ଏହି ମାନଦଣ୍ଡଗୁଡିକ ସ୍ଥିର କରାଯାଇଛି । ସେଗୁଡିକ ହେଲା -(୧) ୧୦ ପ୍ରତିଶତ ଆଭ୍ୟନ୍ତରୀଣ ଉତ୍ତୋଳନ:- ୟୁରୋପ ନିଜ ଭୂମିରୁ ଏହାର ବାର୍ଷିକ ଆବଶ୍ୟକତାର ସର୍ବନିମ୍ନ ୧୦ ପ୍ରତିଶତ ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥ ଖନନ ବା ଉତ୍ତୋଳନ କରିବ (୨) ୪୦ ପ୍ରତିଶତ ପ୍ରକ୍ରିୟାକରଣ:- ସେହି ଖଣିଜ ପଦାର୍ଥଗୁଡିକର ସର୍ବନିମ୍ନ ୪୦ ପ୍ରତିଶତ ପ୍ରକ୍ରିୟାକରଣ ବା ଶୁଦ୍ଧିକରଣ (ରିଫାଇନିଂ) କେବଳ ୟୁରୋପୀୟ ଅଞ୍ଚଳ ଭିତରେ କରାଯିବ । (୩) ୨୫ ପ୍ରତିଶତ ପୁନଃଚକ୍ରଣ:- ବ୍ୟବହୃତ ସାମଗ୍ରୀରୁ ସର୍ବନିମ୍ନ ୨୫ ପ୍ରତିଶତ ଖଣିଜ ପଦାର୍ଥ ପୁନଃଚକ୍ରଣ ମାଧ୍ୟମରେ ପୁନଃପ୍ରାପ୍ତ କରାଯିବ ଏବଂ (୪) ଗୋଟିଏ ଦେଶ ଉପରେ ସର୍ବାଧିକ ୬୫ପ୍ରତିଶତ ନିର୍ଭରଶୀଳତା:-ୟୁରୋପ ତା'ର ବାର୍ଷିକ ଆବଶ୍ୟକତା ପାଇଁ କୌଣସି ଗୋଟିଏ ବାହ୍ୟ ଦେଶ ଉପରେ ୬୫ପ୍ରତିଶତରୁ ଅଧିକ ନିର୍ଭର କରିବ ନାହିଁ, ଯାହାଦ୍ୱାରା କୌଣସି ଏକକ ଦେଶର ଏକାଧିକାର ବା ଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କା କମିବ । ଯୁକ୍ତରାଷ୍ଟ୍ର ଆମେରିକା ଭାଗିଦାରୀ ବା ପାର୍ଟନରସିପ୍ ମାଧ୍ୟମରେ ଏହାର ଯୋଗାଣ ଶୃଙ୍ଖଳା (ସପ୍ଲାଇଚେନ)କୁ ବିବିଧ କରୁଛି । ଆମେରିକା ନିଜର ଦରକାରୀ ଜିନିଷ ପାଇଁ କେବଳ ଗୋଟିଏ ବା ଦୁଇଟି ଦେଶ ଉପରେ ନିର୍ଭର ନକରି, ଅନ୍ୟ ବନ୍ଧୁରାଷ୍ଟ୍ରମାନଙ୍କ ସହ ହାତ ମିଳାଇ ବେପାର ବୃଦ୍ଧି କରୁଛି, ଯାହାଦ୍ୱାରା ଭବିଷ୍ୟତରେ କୌଣସି ସଙ୍କଟ ଦେଖାଗଲେ ମଧ୍ୟ ବାଣିଜ୍ୟ ବ୍ୟାହତ ହେବନାହିଁ ।

ଭାରତର ସ୍ୱଚ୍ଛଶକ୍ତି ଏବଂ ଉତ୍ପାଦନ ଆକାଂକ୍ଷା ହେଉଛି ଖଣିଜ-ନିର୍ଭରଶୀଳ । ଅର୍ଥାତ୍ ଭାରତ ସ୍ୱଚ୍ଛ ଶକ୍ତି ଏବଂ ମାନୁଫ୍ୟାକଚରିଂ କ୍ଷେତ୍ରରେ ଯେଉଁ ଉନ୍ନତି କରିବାକୁ ଚାହୁଁଛି ତାହା ପାଇଁ ବହୁତ ଅଧିକ ମାତ୍ରାରେ ଖଣିଜ ସଂପଦର ଆବଶ୍ୟକତା ରହିଛି, ଏକ ନେଟ ଜିରୋ (ଶୂନ୍ୟ ଅଙ୍ଗାରକ ନିର୍ଗମନ) ପରିସ୍ଥିତିରେ, ଗୁରୁତ୍ୱପୂର୍ଣ୍ଣ ଶକ୍ତି ରୂପାନ୍ତରଣ ଖଣିଜ ପଦାର୍ଥର ସାମଗ୍ରିକ ଚାହିଦା ୨୦୭୦ ସୁଦ୍ଧା ପ୍ରାୟ ୧୬୯ ମିଲିୟନ ଟନରେ ପହଞ୍ଚିପାରେ, ଯାହା ବର୍ତ୍ତମାନର ନୀତି ପଥ ତୁଳନାରେ ପ୍ରାୟ ୫୧ ପ୍ରତିଶତ ଅଧିକ । ବିଦ୍ୟୁତ ଶକ୍ତି ପ୍ରଣାଳୀ (ପାୱାର ସିଷ୍ଟମ) ସହିତ ତମ୍ବାର ଚାହିଦା ବଢିବ ଏବଂ ପବନଶକ୍ତି (ଉଇଣ୍ଡ ଏନର୍ଜି) ଓ ଉନ୍ନତ ବିନିର୍ମାଣ (ଆଡଭାନ୍ସଡ ମାନୁଫ୍ୟାକଚରିଂ)ସହିତ ବିରଳ ମୃତ୍ତିକା ଧାତୁର ଚାହିଦା ମଧ୍ୟ ବୃଦ୍ଧି ପାଇବ ।

**୨୦୨୩ ମସିହା ପରଠାରୁ ଭାରତର ନୀତିଗତ ପଦକ୍ଷେପ ଏକ ପରିବର୍ତ୍ତନର ସଂକେତ ଦେଉଛି । ସରକାର ୩୦ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଚିହ୍ନଟ କରିଛନ୍ତି, ଆଇନଗତ ବ୍ୟବସ୍ଥାକୁ ଦୃଢ କରିଛନ୍ତି ଏବଂ ଖଣିଜ ଯୋଗାଣ ଶୃଙ୍ଖଳାକୁ ସୁଦୃଢ କରିବା ପାଇଁ 'ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ'ର ଶୁଭାରମ୍ଭ କରିଛନ୍ତି । ଏହି ମିଶନର ଲକ୍ଷ୍ୟ ହେଉଛି ୨୦୩୦-୩୧ ସୁଦ୍ଧା ଭାରତର ୧୨୦୦ଟି ଘରୋଇ ଖଣି ଅନ୍ୱେଷଣ ପ୍ରକଳ୍ପ କରିବା, ଅତିକମ୍‌ରେ ୧୫ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉତ୍ପାଦନ କରିବା ଏବଂ ଭାରତୀୟ କମ୍ପାନୀଗୁଡିକ ଦ୍ୱାରା ବିଦେଶରେ ୫୦ଟି ଖଣି ସଂପତ୍ତି ହାତକୁ ନେବା ।**

ଭାରତର ଯଥେଷ୍ଟ ଆଭ୍ୟନ୍ତରୀଣ କ୍ଷମତା ରହିଛି ଏବଂ ଭାରତ ପାଖରେ ୪୪.୯ ନିୟୁତ ଟନର କୋବାଲ୍ଟ, ୧୬୩.୯ ନିୟୁତ ଟନର ତମ୍ବା, ୨୧୧.୬ ନିୟୁତ ଟନର ଗ୍ରାଫାଇଟ୍ ଏବଂ ୧୮୯ ନିୟୁତ ଟନର ନିକେଲ୍ ମଧ୍ୟ ଗଚ୍ଛିତ ଅଛି ଏବଂ ତତ୍‌ସହ ବିରଳ ମୃତ୍ତିକା ଅକ୍ସାଇଡ ଥିବା ମୋନାଜାଇଟ୍ ଖଣିଜ ସଂପଦ ମଧ୍ୟ ପ୍ରଚୁର ପରିମାଣରେ ଉପଲବ୍ଧ ଅଛି । ଏକବିଂଶ ଶତାବ୍ଦୀର ମଧ୍ୟ ଭାଗ(୨୦୫୦)ସୁଦ୍ଧା ରିସାଇକ୍ଲିଂ (ପୁନରୁଦ୍ଧାର ବା ପୁନର୍ବ୍ୟବହାର) ମାଧ୍ୟମରେ ତମ୍ବା ଏବଂ ଗ୍ରାଫାଇଟ ଚାହିଦାର ପ୍ରାୟ ଏକ-ଚତୁର୍ଥାଂଶ (୨୫ଭାଗ) ପୂରଣ କରାଯାଇ ପାରିବ । ତଥାପି ମହଜୁଦ ଭଣ୍ଡାର ଯୋଗାଣ ସୁରକ୍ଷା ନିଶ୍ଚିତ କରିପାରି ନାହିଁ । ଭାରତ ଲିଥିୟମ, କୋବାଲ୍ଟ ଏବଂ ନିକେଲ ପରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପାଇଁ ସଂପୂର୍ଣ୍ଣରୂପେ ଆମଦାନୀ ଉପରେ ନିର୍ଭର କରିଥାଏ ।

**ଅନ୍ୟପକ୍ଷରେ, ଗ୍ରାଫାଇଟ ଏବଂ ଏହାର ପ୍ରକ୍ରିୟାକରଣ ଉପରେ ଚୀନର ଏକଚାଟିଆ ପ୍ରଭାବ ରହିଛି । ଯେହେତୁ ଦେଶରେ ଏହି ସବୁ ସାମଗ୍ରୀର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି, ଭାରତର ଏହି ଅଧିକ ନିର୍ଭରଶୀଳତା ଭବିଷ୍ୟତରେ ଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି କରୁଛି । ଗୁରୁତର ବ୍ୟବଧାନ ବା ମୁଖ୍ୟ ଅଭାବ ହେଲା ପ୍ରକ୍ରିୟାକରଣ ଓ ବିଶୋଧନ । ଭାରତର ଆଭିମୁଖ୍ୟ (ବା ସ୍ଥିତି), ୟୁରୋପୀୟ ସଂଘ, ଆମେରିକା ଏବଂ ଅଷ୍ଟ୍ରେଲିଆ ଠାରୁ ଭିନ୍ନ ଯେଉଁମାନେ କି ବିଭିନ୍ନ ନିର୍ଦ୍ଦେଶନାମା, ସହଭାଗିତା ଏବଂ ପ୍ରକ୍ରିୟାକରଣ ନିବେଶ ମାଧ୍ୟମରେ ଏକ ସମନ୍ୱିତ ଯୋଗାଣ ଶୃଙ୍ଖଳା (ସପ୍ଲାଇ ଚେନ୍) ଗଠନ କରୁଛନ୍ତି । ଭାରତ ଏବେ ମଧ୍ୟ ନିଜର ମୌଳିକ ସାମର୍ଥ୍ୟ କିମ୍ବା ଦକ୍ଷତା ବିକଶିତ କରୁଛି । ଯଦିଓ ଅନେକ ଖଣିଜ ପଦାର୍ଥ ଘରୋଇ ଭାବରେ ପ୍ରକ୍ରିୟାକରଣ କରାଯାଉଛି, ତଥାପି କାର୍ଯ୍ୟକ୍ଷମତା ଏବଂ ଉଚ୍ଚ ଗୁଣବତ୍ତା ସଂପନ୍ନ ବା ସଂପୂର୍ଣ୍ଣ ବିଶୁଦ୍ଧ ସାମଗ୍ରୀ ଉତ୍ପାଦନ କରିବା ସୀମିତ ରହିଛି । ଭାରତ ପାଖରେ ବିପୁଳ ପରିମାଣରେ ଖଣିଜ ପଦାର୍ଥ ଉତ୍ପାଦନର ଅଭିଜ୍ଞତା ଅଛି, କିନ୍ତୁ ଉଚ୍ଚ-ଶୁଦ୍ଧତା ବିଶିଷ୍ଟ ଗୁରୁତ୍ୱପୂର୍ଣ୍ଣ ଖଣିଜ ଉତ୍ପାଦ ପାଇଁ ଭାରତ ଏବେ ବି ଆମଦାନୀ ଉପରେ ନିର୍ଭର କରିଥାଏ ।**

ଚୀନ ୨୦୨୪ ମସିହା ସୁଦ୍ଧା ବିରଳ ମୃତ୍ତିକା ଉପାଦାନ ଏବଂ ଗ୍ରାଫାଇଟ ପ୍ରକ୍ରିୟାକରଣର ୯୦ ପ୍ରତିଶତରୁ ଅଧିକ, କୋବାଲ୍ଟ ପ୍ରାୟ ୭୫ ପ୍ରତିଶତ ଏବଂ ଲିଥିୟମ ରସାୟନର ୭୦ ପ୍ରତିଶତ ନିଜ ଅଧିନରେ ରଖିଛି । ଅର୍ଥାତ୍ ଆଧୁନିକ ପ୍ରଯୁକ୍ତିବଦ୍ୟା, ବୈଦ୍ୟୁତିକ ଯାନ ଏବଂ ବ୍ୟାଟେରୀ ତିଆରି ପାଇଁ ଆବଶ୍ୟକ ହେଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡିକୁ ଶୁଦ୍ଧ କରିବା ଏବଂ ବ୍ୟବହାର ଉପଯୋଗୀ କରିବା କାରଖାନା କ୍ଷେତ୍ରରେ ଚୀନ ଏକଛତ୍ରବାଦ ସୃଷ୍ଟି କରିଛି । ଅନ୍ୟ ଦେଶମାନେ କଞ୍ଚାମାଲ ଖଣିରୁ ବାହାର କଲେ ମଧ୍ୟ ଏହାକୁ ପ୍ରକ୍ରିୟାକରଣ ବା ପରିଷ୍କାର କରିବା ପାଇଁ ବହୁପରିମାଣରେ ଚୀନ ଉପରେ ନିର୍ଭର କରିଥାଆନ୍ତି । ବିଶ୍ୱ ଯୋଗାଣ ଶୃଙ୍ଖଳାର ପୁନର୍ବିନ୍ୟାସରେ ସାର୍ଥକ ଭାବେ ଭାଗ ନେବା ପାଇଁ ଭାରତକୁ ମଧ୍ୟମସ୍ତରୀୟ କ୍ଷମତା ନିର୍ମାଣ କରିବାକୁ ହେବ । ବର୍ତ୍ତମାନ ସାରା ବିଶ୍ୱରେ କମ୍ପାନୀଗୁଡିକ କେବଳ ଗୋଟିଏ ଦେଶ (ଯେପରିକି ଚୀନ) ଉପରେ ନିର୍ଭର ନକରି ନିଜର କଞ୍ଚାମାଲ ଏବଂ ସାମଗ୍ରୀ ଉତ୍ପାଦନର କେନ୍ଦ୍ରଗୁଡିକୁ ଅନ୍ୟଦେଶକୁ ବଦଳାଉଛନ୍ତି । ଯେ କୌଣସି ଶିଳ୍ପର ତିନୋଟି ସ୍ତର ଥାଏ ଅପଷ୍ଟ୍ରିମ୍ (କଞ୍ଚାମାଲ ସଂଗ୍ରହ), ମିଡଷ୍ଟ୍ରିମ୍ (କଞ୍ଚାମାଲକୁ ପ୍ରକ୍ରିୟାକରଣ ବା ରିଫାଇନ୍ କରିବା ଏବଂ ପରିବହନ) ଏବଂ ଡାଉନଷ୍ଟ୍ରିମ୍ (ଶେଷ ସାମଗ୍ରୀ ପ୍ରସ୍ତୁତ କରି ଗ୍ରାହକଙ୍କୁ ବିକ୍ରୀ କରିବା) । ଏଠାରେ 'ମିଡଷ୍ଟ୍ରିମ କ୍ଷମତା'ର ଅର୍ଥ ହେଉଛି କଞ୍ଚାମାଲକୁ ବ୍ୟବହାର ଉପଯୋଗୀ କରିବା ପାଇଁ ପ୍ରକ୍ରିୟାକରଣ କାରଖାନା ଏବଂ ଭିତ୍ତିଭୂମି ପ୍ରସ୍ତୁତ କରିବା ।

**ସଂରଚନାଗତ ପ୍ରତିବନ୍ଧକ:-**

ଏକାଧିକ ପ୍ରତିବନ୍ଧକ ପ୍ରଗତିରେ ବାଧକ ସାଜିଥାଏ । ଖଣିଜ ପଦାର୍ଥର ଅନ୍ୱେଷଣ ଏ ପର୍ଯ୍ୟନ୍ତ ସୀମିତ ରହିଛି, ନିୟାମକ ମଞ୍ଜୁରୀ (ସରକାରୀ ଅନୁମତି) ମିଳିବାରେ ଅଧିକ ସମୟ ଲାଗିପାରେ, ବେସରକାରୀ ସହଭାଗିତା ସୀମିତ ଅଟେ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ପ୍ରକଳ୍ପର ଅର୍ଥନୀତି ଆହ୍ୱାନପୂର୍ଣ୍ଣ ଅଟେ । ପ୍ରକ୍ରିୟାକରଣ ଏକ ବଡ ପ୍ରତିବନ୍ଧକ ଅଟେ । ଭାରତରେ କେତେକ ଉଚ୍ଚ ଶୁଦ୍ଧତାବିଶିଷ୍ଟ ଇନ୍‌ପୁଟ ସୁବିଧାର ଅଭାବ ରହିଛି, ଯେଉଁଠାରେ କି ତମ୍ବା ଏବଂ ଗ୍ରାଫାଇଟ୍ କ୍ଷେତ୍ରରେ ତରଳାଇବା, ବିଶୋଧନ ଏବଂ ବ୍ୟାପକ ସ୍ତରରେ ଉତ୍ପାଦନ କରିବାରେ ପ୍ରତିବନ୍ଧକ ରହିଛି । ରିସାଇକ୍ଲିଂ (ପୁନର୍ବ୍ୟବହାର) ଏକ ଭୂମିକା ଗ୍ରହଣ କରିବ ସତ, କିନ୍ତୁ ଏହା ନିକଟ ଭବିଷ୍ୟତରେ ପ୍ରାଥମିକ ଯୋଗାଣର ବିକଳ୍ପ ହୋଇପାରିବ ନାହିଁ, କାରଣ କଞ୍ଚାମାଲ, ସଂଗ୍ରହ ଏବଂ ପ୍ରଯୁକ୍ତିବିଦ୍ୟା ଏବେ ମଧ୍ୟ ସୀମିତ ଅଛି ।

୨୦୨୩ ମସିହା ପରଠାରୁ ଭାରତର ନୀତିଗତ ପଦକ୍ଷେପ ଏକ ପରିବର୍ତ୍ତନର ସଂକେତ ଦେଉଛି । ସରକାର ୩୦ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଚିହ୍ନଟ କରିଛନ୍ତି, ଆଇନଗତ ବ୍ୟବସ୍ଥାକୁ ଦୃଢ କରିଛନ୍ତି ଏବଂ ଖଣିଜ ଯୋଗାଣ ଶୃଙ୍ଖଳାକୁ ସୁଦୃଢ କରିବା ପାଇଁ 'ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ'ର ଶୁଭାରମ୍ଭ କରିଛନ୍ତି । ଏହି ମିଶନର ଲକ୍ଷ୍ୟ ହେଉଛି ୨୦୩୦-୩୧ ସୁଦ୍ଧା ଭାରତର ୧୨୦୦ଟି ଘରୋଇ ଖଣି ଅନ୍ୱେଷଣ ପ୍ରକଳ୍ପ କରିବା, ଅତିକମ୍‌ରେ ୧୫ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉତ୍ପାଦନ କରିବା ଏବଂ ଭାରତୀୟ କମ୍ପାନୀଗୁଡିକ ଦ୍ୱାରା ବିଦେଶରେ ୫୦ଟି ଖଣି ସଂପତ୍ତି ହାତକୁ ନେବା । 'ଦି ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ' ଲିଥିୟମ ଅନ୍ୱେଷଣ ପାଇଁ ଆର୍ଜେଣ୍ଟିନାର କାଟାମାର୍କା ପ୍ରଦେଶରେ ୧୫,୭୦୩ ହେକ୍ଟର ଜମି ହାସଲ କରିଛି, ଅନ୍ୟପଟେ ୨୦୨୬-୨୭ ବଜେଟରେ ଓଡିଶା, କେରଳମ୍, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁରେ ବିରଳ ମୃତ୍ତିକା କରିଡର ପ୍ରତିଷ୍ଠା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି । ନୂଆଦିଲ୍ଲୀଠାରେ ଭାରତ ଓ ଆମେରିକା ମଧ୍ୟରେ ୨୦୨୬ ମେ ୨୬ ତାରିଖରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଓ ବିରଳ ମୃତ୍ତିକା ଫ୍ରେମୱାର୍କକୁ ନେଇ ସଂପାଦିତ ହୋଇଥିବା ଚୁକ୍ତି ଦ୍ୱାରା ଦୁଇଦେଶ ପରସ୍ପର ସହ ଆଲୋଚନା କରିବା, ନିଜର ସଂପର୍କକୁ ଅଧିକ ମଜବୁତ କରିବା ଏବଂ ବିଶ୍ୱସ୍ତରରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଏକ ଅତିରିକ୍ତ, କୂଟନୈତିକ ମାଧ୍ୟମ ଲାଭ କରିଛନ୍ତି ।

**ଲକ୍ଷ୍ୟରୁ କାର୍ଯ୍ୟାନ୍ୱୟନ:-**

ପରବର୍ତ୍ତୀ ପର୍ଯ୍ୟାୟ ହେଉଛି କାର୍ଯ୍ୟାନ୍ୱୟନ ବା ନିଷ୍ପାଦନ । ପ୍ରକ୍ରିୟାକରଣ ଏବଂ ବିଶୋଧନକୁ ଏକ ଜାତୀୟ ଶିଳ୍ପ ପ୍ରାଥମିକତା ପ୍ରଦାନ କରାଯିବା ଉଚିତ, ଯାହାକୁ ଭିତ୍ତିଭୂମି ଏବଂ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ ଦ୍ୱାରା ସମର୍ଥନ ମିଳିବା ଆବଶ୍ୟକ । ବେସରକାରୀ ପୁଞ୍ଜି ପାଇଁ ନୂତନ ଭୂ-ତାତ୍ତ୍ୱିକ ତଥ୍ୟ, ପୂର୍ବାନୁମାନ ଯୋଗ୍ୟ ମଞ୍ଜୁରୀ ଏବଂ ବିପଦର ସହଭାଗିତା ଆବଶ୍ୟକ । ଅର୍ଥାତ୍ ମାଟି ତଳେ କେଉଁଠି କେତେ ପରିମାଣର ଖଣିଜ ପଦାର୍ଥ ବା ପ୍ରାକୃତିକ ସଂପଦ ଅଛି ସେ ବିଷୟରେ ଠିକ ଓ ଭଲ ରିପୋର୍ଟ ମିଳିବା ଦରକାର, ଯାହାଦ୍ୱାରା ନିବେଶକମାନେ ନିଶ୍ଚିତ ହୋଇପାରିବେ । ସରକାରୀ କାଗଜପତ୍ର କାମ ବା ଅନୁମତି କେତେଦିନରେ ଏବଂ କେଉଁ ନିୟମ ଆଧାରରେ ମିଳିବ, ତାହା ସ୍ପଷ୍ଟ ଜଣାଥିବା ଦରକାର । ଏଥିରେ କୌଣସି ଅନିଶ୍ଚିତତା ରହିବା ଉଚିତ ନୁହେଁ । ବ୍ୟବସାୟ ବା ପ୍ରୋଜେକ୍ଟରେ ଯଦି କିଛି କ୍ଷତି ବା ବିପଦ ଆସେ, ତେବେ ସେହି ବୋଝ କେବଳ କମ୍ପାନୀ ଉପରେ ନପଡି ସରକାର ଏବଂ ବେସରକାରୀ ସଂସ୍ଥା ଉଭୟ ମିଶି ବାଣ୍ଟିବା ଉଚିତ୍ ।

ଭାରତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପାଇଁ ରଣନୀତିକ ମହଜୁଦ କାର୍ଯ୍ୟକ୍ଷମ କରିବା ଉଚିତ୍, ଶିଳ୍ପ ସହଭାଗିତା ମାଧ୍ୟମରେ ପ୍ରାୟୋଗିକ ଗବେଷଣା ଓ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉଚିତ୍, ଘରୋଇ ଦକ୍ଷଦା ବୃଦ୍ଧି କରିବା ଉଚିତ୍ ଏବଂ ବିଶ୍ୱସନୀୟ ଅଂଶୀଦାର ଓ ମଞ୍ଚ (ପ୍ଲାଟଫର୍ମ) ମାଧ୍ୟମରେ ବିଦେଶୀ ଯୋଗାଣରେ ମଧ୍ୟ ବିବିଧତା ଆଣିବା ଉଚିତ୍ । ଅର୍ଥାତ୍, ସଙ୍କଟ ସମୟ ପାଇଁ ଅତି ଜରୁରୀ ଥିବା ଖଣିଜ ପଦାର୍ଥଗୁଡିକୁ ସୁରକ୍ଷିତ ଭାବେ ଗଚ୍ଛିତ କରି ରଖିବା । ବିଭିନ୍ନ ଶିଳ୍ପ ଓ କମ୍ପାନୀଗୁଡିକ ସହ ମିଶି ନୂତନ ଜ୍ଞାନ କୌଶଳର ବ୍ୟବହାରିକ ଗବେଷଣାକୁ ଆଗକୁ ବଢାଇବା । ଦେଶ ଭିତରେ ଥିବା ଉତ୍ପାଦନ ଓ ପ୍ରକ୍ରିୟାକରଣ କ୍ଷମତାକୁ ବଡ ସ୍ତରରେ ବିକଶିତ କରିବା ଏବଂ କେବଳ ଗୋଟିଏ ଦେଶ ଉପରେ ନିର୍ଭର ନକରି, ବିଶ୍ୱସନୀୟ ବନ୍ଧୁ ଦେଶଗୁଡିକ ମାଧ୍ୟମରେ ବିଦେଶରୁ ଆସୁଥିବା କଞ୍ଚାମାଲର ଯୋଗାଣକୁ ବହୁମୁଖୀ କରିବା ଉପରେ ଆମକୁ ଧ୍ୟାନ ଦେବାକୁ ପଡିବ ।

ଭାରତ ଶକ୍ତି ରୂପାନ୍ତରଣ, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ପ୍ରତିରକ୍ଷା ଉତ୍ପାଦନ ଏବଂ ଉନ୍ନତ ଶିଳ୍ପାୟନ –ଏହି ସବୁକ୍ଷେତ୍ରରେ ଏକ ସୁରକ୍ଷିତ ଖଣିଜ ନୀତି ଓ ଯୋଗାଣ ଉପରେ ନିର୍ଭର କରିଥାଏ । ଯଦିଓ ବ୍ୟକ୍ତିଗତ ବା ପୃଥୁଳ ପଦକ୍ଷେପଗୁଡିକ ଆବଶ୍ୟକ, ତଥାପି ସେଗୁଡିକ ଯଥେଷ୍ଟ ନୁହେଁ । ଏକ ବ୍ୟାପକ ରଣନୀତିରେ ଖଣିଜ –ନିର୍ଦ୍ଦିଷ୍ଟ ବିପଦ ସୀମା ନିର୍ଦ୍ଧାରଣ କରାଯିବା ଉଚିତ୍, ଯୋଗାଣ ଯୋଜନାରେ ପୁନଃଚକ୍ରଣକୁ ସାମିଲ କରାଯିବା ଉଚିତ୍, ମାପଯୋଗ୍ୟ ମାଇଲଖୁଣ୍ଟ ବା ଲକ୍ଷ୍ୟ ସ୍ଥିର କରାଯିବା ଉଚିତ ଏବଂ ତତ୍‌ସହ ଏକ ସମନ୍ୱିତ ପ୍ରାତିଷ୍ଠାନିକ ଢାଞ୍ଚା ମଧ୍ୟ ପ୍ରସ୍ତୁତ କରାଯିବା ଉଚିତ୍ । ବର୍ତ୍ତମାନର ପ୍ରାଥମିକତା ହେଉଛି ନିରନ୍ତର କାର୍ଯ୍ୟକାରିତା ମାଧ୍ୟମରେ ସମ୍ଭାବନାକୁ ସାମର୍ଥ୍ୟରେ ପରିଣତ କରିବା ଏବଂ ରଣନୀତିକ ଦୁର୍ବଳତାକୁ ହ୍ରାସ କରିବା ।

**ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି,କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର,ବି-୩, ଏଚ.ଆଇ.ଜି କଲୋନୀ, ବରମୁଣ୍ଡା ହାଉସିଂ ବୋର୍ଡ, ଭୁବନେଶ୍ୱର-୭୫୧୦୦୩, ମୋ-୯୩୩୮୨୦୪୯୯୩**
Email-crmishra49@yahoo.in

# ପଚାଶର ପ୍ରଭାବ



**ଦେବଯାନୀ ସ୍ୱାଇଁ**

କେଉଁଠି ଗୋଟେ ପଢ଼ିଥିଲି-ପଚାଶ ବର୍ଷ ବୟସଟା ଟିକେ ଦୁଷ୍ଟାମିଆ ହୋଇଥାଏ!

ସେତେବେଳେ କଥାଟାକୁ ବିଶେଷ ଗୁରୁତ୍ୱ ଦେଇନଥିଲି । କିନ୍ତୁ ଯେବେ ନିଜେ ପଚାଶର ଦ୍ୱାରଦେଶରେ ପହଞ୍ଚିଲି, ନିଜର ଅନୁଭୂତି, ଅଭିଜ୍ଞତା, ପରିପକ୍ୱତା, ସର୍ବୋପରି କିଛି ପରିମାଣରେ ଆର୍ଥିକ ସ୍ୱଚ୍ଛଳତାର ଅସରରୁ ମନ ଭିତରେ ସବୁବେଳେ କେମିତି ଗୋଟିଏ ଉତ୍ସୁକତା ଜାଗିଲା ।

ସତରେ କ'ଣ ପଚାଶ ବୟସର କିଛି ଅଲଗା ପ୍ରଭାବ ଅଛି?

ତା'ପରେ ଯେତେବେଳେ ନିଜ ସମବୟସୀ ବନ୍ଧୁମାନଙ୍କ ସହ କଥା ହୁଏ, ଅଜାଣତେ ଏହି ପ୍ରଶ୍ନଟା ସେମାନଙ୍କ ଆଗରେ ରଖିଦିଏ ।

କାହାର ଉତ୍ତର- ଏହାକୁ ଠିକ୍ ଭାବରେ ବୁଝାଇବା ଟିକେ କଷ୍ଟକର ।

କେହି କହନ୍ତି- ହଁ, କିଛି ଅଲଗା ଉତ୍ସାହ ଅନୁଭବ ହୁଏ ।

କେହି ପୁଣି କହନ୍ତି- ଏହି ବୟସରେ ମନ ଓ ଶରୀରରେ ଏକ ନୂଆପଣ ଅନୁଭବ ହୁଏ ।

ହେଲେ ମୋର ଜଣେ ପ୍ରିୟ ବନ୍ଧୁ ଯେଉଁ କଥାଟି କହିଲେ, ତାହା ମୋତେ ସବୁଠାରୁ ଅଧିକ ଚିନ୍ତାରେ ପକାଇ ଦେଲା ।

ସେ କହିଲେ- ପଚାଶ ହେଉଛି ସେହି ବୟସ ଯେଉଁଠି ମଣିଷ, ଜୀବନର ପ୍ରକୃତ ସ୍ୱାଦ ପାଇବାକୁ ଆରମ୍ଭ କରେ ।

କଥାଟା ଶୁଣି ମୋ ମନରେ ଆଉ ଗୋଟିଏ ପ୍ରଶ୍ନ ଉଠିଲା- ଜୀବନର 'ପ୍ରକୃତ ସ୍ୱାଦ' ବୋଲି କ'ଣ?

ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ କେତେ ଦାର୍ଶନିକ, ଚିନ୍ତକ ଓ ମନୀଷୀ, ଜୀବନର ଅର୍ଥ ଖୋଜି ଚାଲିଛନ୍ତି । ଜୀବନ କ'ଣ, ତାହାର ପ୍ରକୃତ ଉଦ୍ଦେଶ୍ୟ କ'ଣ-ଏହାର ଏକ ସନ୍ତୋଷଜନକ ଉତ୍ତର ଆଜି ମଧ୍ୟ କାହା ପାଖରେ ନାହିଁ । ତେବେ ପଚାଶ ବର୍ଷରେ ଆସି ଆମେ କିପରି ଜୀବନର ସେହି 'ଠିକ୍ ସ୍ୱାଦ'କୁ ପରଖିବା?

ନା'କି ପଚାଶ ହେଉଛି ସେହି ମୋଡ଼, ଯେଉଁଠି ଜୀବନକୁ ବଦଳାଇବା ଠାରୁ ଅଧିକ, ଜୀବନକୁ ବୁଝିବା, ଅନୁଭବ କରିବା ଓ ଉପଭୋଗ କରିବା ଆମେ ଶିଖିଥାଉ ଏବଂ ନିଜକୁ ନୂଆ ଭାବରେ ଆବିଷ୍କାର କରିବାର ଏହା ଏକ ସୁନ୍ଦର ଅଧ୍ୟାୟ ବୋଧହୁଏ !

ତେଣୁ ମୋର ସମସ୍ତ ପଚାଶିଆ ବନ୍ଧୁମାନଙ୍କୁ ଗୋଟିଏ ଛୋଟ ପ୍ରଶ୍ନ- ଆପଣଙ୍କ ପାଇଁ 'ପଚାଶ' କ'ଣ ?

କେବଳ ଏକ ବୟସର ସଂଖ୍ୟା, ନା'କି ଜୀବନକୁ ଦେଖିବାର ଏକ ନୂଆ ଦୃଷ୍ଟିକୋଣ ?

ଆସନ୍ତୁ, ନିଜ ନିଜ ଅନୁଭୂତି ଓ ମତାମତ ବାଣ୍ଟିବା । ହୁଏତ ଆମ ସମସ୍ତଙ୍କ ଅନୁଭବକୁ ମିଶାଇଲେ ପଚାଶର ପ୍ରକୃତ ସ୍ୱାଦ'ଟା ଟିକେ ଭଲ ଭାବରେ ଜାଣିହେବ !

ଦେବଯାନୀ ସ୍ୱାଇଁ

**ଗୋରେଗାଓଁ, ମୁମ୍ବାଇ
ମୋ-୯୯୩୦୫୯୦୬୬୧**

# ଶିକ୍ଷକ ବଦଳିକୁ ନେଇ ଅସନ୍ତୋଷ, ସ୍କୁଲରେ ତାଲା



ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ସ୍ଥିତ ରଙ୍ଗାବାହାଲ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ବାତିଲ ସହ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକ ଓ ଛାତ୍ର ଛାତ୍ରୀ ବିଦ୍ୟାଳୟରେ ତାଲା ପକାଇ ଥିବା ଘଟଣା ଘଟିଛି ।

ଅଭିଭାବକଙ୍କ ଅଭିଯୋଗ ଅନୁସାରେ, ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୪୦ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ହେଲେ ସେମାନଙ୍କ ପାଇଁ ମାତ୍ର ୩ ଜଣ ଶିକ୍ଷକ ରହିଛନ୍ତି । ଏଭଳି ସ୍ଥିତିରେ ଜଣେ ଶିକ୍ଷକଙ୍କ ବଦଳି ହେବାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଶ୍ରେଣୀ ଥିଲା ବେଳେ ଶିକ୍ଷକ ଅଭାବ ଯୋଗୁଁ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେଉଥିବା ଅଭିଯୋଗ କରି ଅଭିଭାବକ ଓ ଛାତ୍ରଛାତ୍ରୀ ସ୍କୁଲ ଗେଟରେ ତାଲା ପକାଇ ଗେଟ ବାହାରେ ବସି ପ୍ରତିବାଦ କରିଥିଲେ । ବଦଳି ବାତିଲ ସହ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଅଭିଭାବକମାନେ ଦାବି କରିଛନ୍ତି । ଏନେଇ ଶିକ୍ଷା ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଉଛି, ତାହା ଉପରେ ନଜର ରହିଛି।ନଚେତ ଯେଉଁ ଦିନ ପର୍ଯ୍ୟନ୍ତ ସ୍କୁଲ ରେ ସମସ୍ତ ଶିକ୍ଷକ ନିଯୁକ୍ତି କରା ନଯାଇଛି ସେ ପର୍ଯ୍ୟନ୍ତ ବିଦ୍ୟାଳୟ ମୁଖ୍ୟ ଫାଟକ ସାମ୍ନାରେ ଧାରଣାରେ ବସି ରହିବୁ ବୋଲି ବିଦ୍ୟାଳୟ ସଭାପତି ବଦ୍ରୀନାଥ ଗୋପାଳ ତଥା ଅଭିଭାବକ ମାନେ ଦାବି ରଖିଛନ୍ତି । ଏହି ଧାରଣରେ ବଦ୍ରୀନାଥ ଗୋପାଳ, ସନ୍ତୋଷ କୁମାର ପାଢ଼ୀ, ଅଭିରାମ ଖରସେଲ, ପରମାନନ୍ଦ ଦଣ୍ଡସେନା, ନିରୁପମା ଗୋପାଳ, ଲୋଚନୀ ନାଏକ, ଦେବିସିଂ ଗୋପାଳ, ତୁଳାରାମ ପଟେଲ, ଯଦୁମଣି ଗୋପାଳ, ମଧୁସୁଦନ ଗୋପାଳ, ଗୁପ୍ତେଶ୍ୱର ନିଆଲ, ରଞ୍ଜିତ ଦାସ, ପରମାନନ୍ଦ ଗୋପାଳ ପ୍ରମୁଖ ସାମିଲ ଥିଲେ ।

## ଲିଖିତ ପ୍ରତିଶ୍ରୁତି ପରେ ଭାଙ୍ଗିଲା ୭ ଦିନର ଅନଶନ

# ସର୍ଜରୀ ଡାକ୍ତର ଓ ୫୦% ନର୍ସ ପଦ ପୂରଣ ହେବ



ପଦ୍ମପୁର,(ସବ୍ୟୁ) : ପଦ୍ମପୁର ଉପଖଣ୍ଡର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସୁଧାର ଦାବିରେ କୋଶଲ ସେନା ପକ୍ଷରୁ ଚାଲିଥିବା ଆମରଣ ଅନଶନ ସାତ ଦିନ ପରେ ଶେଷ ହୋଇଛି । ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଅନଶନକାରୀମାନେ ଆନ୍ଦୋଳନରୁ ଓହରିଛନ୍ତି । ପଦ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଏହି ଅନଶନରେ ହସ୍ପିଟାଲରେ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଅଭାବ, ଆବଶ୍ୟକ ଚିକିତ୍ସା ସୁବିଧା ନଥିବା ଏବଂ ରୋଗୀଙ୍କୁ ଅନାବଶ୍ୟକ ଭାବେ ଅନ୍ୟତ୍ର ରେଫର୍ କରାଯିବା ଭଳି ସମସ୍ୟା ଉଠାଯାଇଥିଲା । ଗୁରୁବାର ଦୀର୍ଘ ସମୟ ଧରି ପ୍ରଶାସନ ପକ୍ଷରୁ ଆଲୋଚନା ନ ହେବାରୁ କୋଶଲ ସେନା, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ପଦ୍ମପୁର ଓ ଆଖପାଖ ଅଞ୍ଚଳର ଶତାଧିକ ମହିଳା ପଦ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତାଲା ପକାଇଥିଲେ । ପରେ ପ୍ରଶାସନ ପକ୍ଷରୁ ଅଧିକାରୀମାନେ ଆନ୍ଦୋଳନକାରୀ ଓ ମହିଳାମାନଙ୍କ ସହ ଆଲୋଚନା କରିଥିଲେ ।

ଆଲୋଚନାରେ ବରଗଡ଼ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଅଶୋକ କୁମାର ଦାସ, ବରଗଡ଼ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକାରୀ ଡୋଲାମଣି ଭୋଇ, ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରଶନ୍ନ କୁଲୁ, ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ, ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର ଏବଂ ପଦ୍ମପୁର ଉପଖଣ୍ଡ ଚିକିତ୍ସା ଅଧିକାରୀ ଆଶୁତୋଷ ହୋତା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଲିଖିତ ପ୍ରତିଶ୍ରୁତି ଅନୁଯାୟୀ, ଆସନ୍ତା ଡିସେମ୍ବର ୨୬ ସୁଦ୍ଧା ପଦ୍ମପୁର ହସ୍ପିଟାଲରେ ଜଣେ ସର୍ଜରୀ ଡାକ୍ତରଙ୍କ ପଦ ପୂରଣ କରାଯିବ। ସେହିପରି ଖାଲି ଥିବା ନର୍ସ ପଦର ଅନ୍ୟୁନ ୫୦ ପ୍ରତିଶତ ପଦ ଡିସେମ୍ବର ସୁଦ୍ଧା ପୂରଣ କରାଯିବ । ଅନ୍ୟପକ୍ଷରେ, ଅକ୍ଟୋବର ୧୫ ସୁଦ୍ଧା ହସ୍ପିଟାଲର ଆଖି ବିଭାଗର ଅପରେସନ ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯିବ । ଜେନେରାଲ ଓପିଡି ଓ ସ୍ପେଶାଲିଷ୍ଟ ଓପିଡିକୁ ପୃଥକ କରାଯାଇ ସକାଳ ୮ଟାରୁ ଦ୍ୱିପ୍ରହର ୧୨ଟା ପର୍ଯ୍ୟନ୍ତ ଚାଲୁ କରାଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ରହିଛି । ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଲେ ଅତିରିକ୍ତ ବେଡ ବ୍ୟବସ୍ଥା କରାଯିବ । ରୋଗୀଙ୍କୁ ଅନାବଶ୍ୟକ ଭାବେ ଅନ୍ୟତ୍ର ରେଫର୍ ନ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ । ଏଥିସହ ହସ୍ପିଟାଲ କର୍ମଚାରୀଙ୍କ ରୋଗୀଙ୍କ ପ୍ରତି ବ୍ୟବହାରରେ ସୁଧାର ଆଣିବାକୁ ଆବଶ୍ୟକ ପଦକ୍ଷେପ ନିଆଯିବ । ପଦ୍ମପୁର ଅଞ୍ଚଳବାସୀଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ହସ୍ପିଟାଲର ବିଭିନ୍ନ ସମସ୍ୟା ନେଇ ବୈଠକ ଆୟୋଜନ ପାଇଁ ମଧ୍ୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତିରେ ଉଲ୍ଲେଖ ରହିଛି । ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଦୀର୍ଘ ୭ ଦିନ ଧରି ଚାଲିଥିବା ଆମରଣ ଅନଶନରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଏବେ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକ କେତେଦୂର କାର୍ଯ୍ୟକାରୀ ହେଉଛି, ତାହା ଉପରେ ଅଞ୍ଚଳବାସୀଙ୍କ ନଜର ରହିଛି ।

# ସ୍କୁଲରେ ପଡ଼ିଲା ତାଲା, ଧାରଣାରେ ଅଭିଭାବକ



କନ୍ଧମାଳ,(ସବ୍ୟୁ) : ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଇବାକୁ ବିରୋଧ କରି ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଘଣ୍ଟାପଡ଼ା କ୍ଲଷ୍ଟର ଅଧୀନ ତେନ୍ତୁଳିଖୁଣ୍ଟି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ତାଲା ପଡ଼ିଛି । ସୂଚନା ଅନୁଯାୟୀ, ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିବାବେଳେ ୪ ଜଣ ଶିକ୍ଷକ ରହିଛନ୍ତି। ତେବେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଯିବା ଖବର ପାଇ ଅଭିଭାବକ-ଅଭିଭାବିକା ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ମିଳିତ ଭାବେ ବିଦ୍ୟାଳୟ ଗେଟରେ ତାଲା ପକାଇ ଧାରଣାରେ ବସିଛନ୍ତି । ଶିକ୍ଷକଙ୍କ ଡେପୁଟେସନ ବାତିଲ କରିବା ସହ ବିଦ୍ୟାଳୟରେ ବିକଳ୍ପ ଶିକ୍ଷକ ନିଯୁକ୍ତି ଦାବିରେ ଆନ୍ଦୋଳନକାରୀମାନେ ନାରାବାଜି କରିଛନ୍ତି । ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ବିଭାଗୀୟ ଅଧିକାରୀ ବିଦ୍ୟାଳୟକୁ ଆସି ନଥିବା ଜଣାପଡ଼ିଛି । ଏନେଇ କନ୍ଧମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପ୍ରତିକ୍ରିୟା ପାଇଁ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମୋବାଇଲ ବନ୍ଦ ଥିବାରୁ ଯୋଗାଯୋଗ ସମ୍ଭବ ହୋଇନଥିଲା । ବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ହରି ରଣା କହିଛନ୍ତି, ଶିକ୍ଷକଙ୍କୁ ଡେପୁଟେସନରେ ପଠାଇବା ପୂର୍ବରୁ ବିକଳ୍ପ ଶିକ୍ଷକ ଦିଆଯାଉ । ନଚେତ ଡେପୁଟେସନ ବାତିଲ କରାଯାଉ। ବିକଳ୍ପ ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଶ୍ରୀ ରଣା କହିଛନ୍ତି । ସେହି ସେହିପରି ଆପ ନେତା ପାଣ୍ଡବ କହଁର ପ୍ରତିକ୍ରିୟା ରଖି କହିଛନ୍ତି ସରକାର ସଭେ ପଢନ୍ତୁରେ ଏହା ବିକଳ୍ପ କି ବୋଲି ପ୍ରଶ୍ନ କରିଛନ୍ତି ।

# ବଜ୍ରକାପ୍ତା ଉଦ୍ଧାର

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା ବାଲିମେଳା ବନାଞ୍ଚଳ ଅଧୀନ ଏମ୍ଭି-୫୩ ଗାଁରୁ ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଛି । ବୁଧବାର, ୩୦ ସେପ୍ଟେମ୍ବର ୨୦୨୬ରେ ସୋମନାଥପୁର ସେକ୍ସନ ଅଧୀନ ପୁଷପାଲି ବିଟ୍ର ବନ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସୂଚନା ଆଧାରରେ ଏହି ବଜ୍ରକାପ୍ତାକୁ ସୁରକ୍ଷିତ ଉଦ୍ଧାର କରିଛନ୍ତି ।

ସୂଚନା ଅନୁଯାୟୀ, ଏମ୍ଭି-୫୩ ଗ୍ରାମର ବାସିନ୍ଦା ରବି ରାୟ ନିଜ ଘର ବାରିପଟେ କୁକୁର ଦୀର୍ଘ ସମୟ ଧରି ଭୁକୁଥିବା ଦେଖି ସେଠାକୁ ଯାଇଥିଲେ। ଏହି ସମୟରେ ସେ ଏକ ବଜ୍ରକାପ୍ତାକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଘର ପଛପଟେ ଜଙ୍ଗଲ ଥିବାରୁ ବଜ୍ରକାପ୍ତାଟି ବାଟବଣା ହୋଇ ଗାଁ ଅଞ୍ଚଳକୁ ଆସିଥାଇପାରେ ବୋଲି ରବି ରାୟ କହିଛନ୍ତି । ଖବର ପାଇବା ପରେ ପୁଷପାଲି ବିଟ୍ର ବନ କର୍ମଚାରୀମାନେ ଗାଁରେ ପହଞ୍ଚି ବଜ୍ରକାପ୍ତାଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ବର୍ତ୍ତମାନ ଏହାକୁ ଚିକିତ୍ସା ନିରୀକ୍ଷଣରେ ରଖାଯାଇଛି। ସମ୍ପୂର୍ଣ୍ଣ ସୁସ୍ଥ ଓ ମୁକ୍ତି ପାଇଁ ଉପଯୁକ୍ତ ବୋଲି ନିଶ୍ଚିତ ହେବା ପରେ ବନ ବିଭାଗର ନିୟମାନୁସାରେ ଏହାକୁ ପୁଣି ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯିବ।ବାଲିମେଳା ରେଞ୍ଜର ଲିସମିତା କହଁର କହିଛନ୍ତି ଯେ, ଉଦ୍ଧାର ହୋଇଥିବା ସ୍ଥାନ ନିକଟବର୍ତ୍ତୀ ଜଙ୍ଗଲ ଅଞ୍ଚଳରେ ମଧ୍ୟ ଖୋଜାଖୋଜି କରାଯିବ। ସେଠାରେ ଆଉ କୌଣସି ବଜ୍ରକାପ୍ତା ଥିବା ସମ୍ଭାବନା ଥିଲେ ତାହା ଜଣାପଡ଼ିପାରେ ବୋଲି ସେ କହିଛନ୍ତି ।

# ଜଗନ୍ନାଥ ଦର୍ଶନରେ ଗଲେ ୪୫ ବରିଷ୍ଠ ନାଗରିକ



କୋକସରା,(ସବ୍ୟୁ) :ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର କୋକସରା ବ୍ଲକରୁ ଦିତୀୟ ପର୍ଯ୍ୟାୟରେ ୪୫ ଜଣ ବରିଷ୍ଠ ନାଗରିକଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ବସ ଯୋଗେ ଭବାନୀପାଟଣା ପଠାଯାଇଛି। ଭବାନୀପାଟଣାରୁ ପୁରୀ ଅଭିମୁଖେ ଏହି ଶ୍ରଦ୍ଧାଳୁ ମାନେ ଯାତ୍ରା କରିବେ । ସେମାନଙ୍କ ଯାତ୍ରା, ରହଣୀ, ଖାଦ୍ୟପେୟ ଓ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିବା ନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଲୋକନାଥ ଭାଟି ସୂଚନା ଦେଇଛନ୍ତି । ରାଜ୍ୟ ସରକାରଙ୍କ ଏହି ଯୋଜନାରେ ସାମିଲ ହୋଇ ଜଗନ୍ନାଥ ଦର୍ଶନ ଆମ ପାଇଁ ସୌଭାଗ୍ୟ ପ୍ରାପ୍ତିର ସୁଯୋଗ ବୋଲି ଜଗନ୍ନାଥ ଦର୍ଶନ ପାଇଁ ଯାଉଥିବା ବରିଷ୍ଠ ନାଗରିକ ମାନେ ପ୍ରକାଶ କରିବା ସହ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି ।

## ଟ୍ରକ୍ ଧକ୍କାରେ ଯୁବକ ମୃତ୍ୟୁ

# କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତା ଅବରୋଧ



ବଙ୍ଗୋମୁଣ୍ଡା,(ସବ୍ୟୁ): ନିଜ ପୁଅକୁ ମାମୁ ଘରେ ଛାଡି ଆଉ କିଛି ମିନିଟର ବ୍ୟବଧାନ ପରେ ଗାଁ କୁ ଫେରିଥାନ୍ତେ ଯୁବକ । ହେଲେ ବିଧିର ବିଧାନ ଥିଲା ଅଲଗା । ନିଜ ଗାଁ କୁ ଯାଉଥିବା ବେଳେ ରାସ୍ତାରେ ହେଲା ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଲା । ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିଲା । ଗୁରୁବାର ଦିବା ୧୨ଟାରେ ମୃତ ଯୁବକଙ୍କ ଶବ ରଖି କ୍ଷତିପୂରଣ ଦାବରେ ଉତ୍ୟକ୍ତ ଲୋକଙ୍କ ପକ୍ଷରୁ ରାସ୍ତାରୋକ କରାଯାଇଛି । ବୁଧବାର ସନ୍ଧ୍ୟାରେ ସିମେଣ୍ଟ ବୋଝେଇ ଟ୍ରକ – ବାଇକ ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଥିଲା । ପ୍ରତିବାଦରେ ବଙ୍ଗୋମୁଣ୍ଡା– ଖରିଆର ୫୯ ନମ୍ବର ଜାତୀୟ ରାଜପଥ ବରବାହଲ ଗାଁ ଠାରେ ରାସ୍ତା ଅବରୋଧ କରିଥିଲେ । ଶବ ବ୍ୟବଚ୍ଛେଦ ପରେ ଦୁର୍ଘଟଣା ସ୍ଥଳରେ ପରିବାର ଲୋକେ ଓ ବରୋତୁଣ୍ଡା ଗ୍ରାମବାସୀ ମୃତ୍ୟୁ ପରିବାର ଲୋକଙ୍କୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି ନେଇ ଆନ୍ଦୋଳନ କରିଛନ୍ତି । ଆନ୍ଦୋଳନ କାରୀ ମାନଙ୍କୁ ବୁଝାସୁଝା ପରେ ମଧ ଜିଦରେ ଅଟଳ ରହିଥିଲେ । ଏଥିରେ ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ପଞ୍ଚାୟତ ପୂର୍ବତନ ସରପଞ୍ଚଙ୍କ ସହ ମୃତ୍ୟୁ ପରିବାର ଓ ଗ୍ରାମବାସୀ ମାନେ ସାମିଲ ହୋଇଥିଲେ । ରାସ୍ତାରୋକ ସ୍ଥଳରେ କଣ୍ଟାବାଞ୍ଜି ଏସଡ଼ିପିଓ, ବଙ୍ଗୋମୁଣ୍ଡା ଏଡିସନାଲ ତହସିଲଦାର, ବଙ୍ଗୋମୁଣ୍ଡା ଥାନା ଆଇଆଇସି ପହଂଚି ବୁଝାସୁଝା କରିବା ସହ ରେଡ଼କ୍ରସ ପାଣ୍ଠି ରେ ସହାୟତା କରିବା ସହ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା । ଦୀର୍ଘ ୫ ଘଣ୍ଟା ଧରି ରାସ୍ତାରୋକ ହେବା ପରେ ରାସ୍ତାରେ ଶହ ଶହ ଗାଡି ଅଟକି ରହିଥିଲା । ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଟ୍ରକ ଓ ବାଇକକୁ ଜବତ କରି ଅଧିକ ତଦନ୍ତ ଆରମ୍ଭ କରୁଛି ।

# ପୋଖରୀରେ ବୁଡି ଯୁବକ ମୃତ

ରେଢ଼ାଖୋଲ,(ସବ୍ୟୁ): ପୋଖରୀରେ ଗାଧୋଇବାକୁ ଯାଇ ଜଣେ ବ୍ୟକ୍ତି ମୃତ୍ୟୁ ବରଣ କରିଥିବା ଜଣାପଡିଛି । ଏଭଳି ଘଟଣା ଘଟିଛି ରେଢ଼ାଖୋଲ ଥାନା ସାମସିଙ୍ଗା ଗ୍ରାମରେ । ମୃତକ ଜଣଙ୍କ ହେଲେ ବୁଧୁ ବିଶି । ଖବର ପାଇ ରେଢ଼ାଖୋଲ ଅଗ୍ନିଶମ ବିଭାଗ ପହଂଚି ମୃତକର ଶବ ଉଦ୍ଧାର କରିଥିଲା । ମୃତକ ବୁଧୁ ବିଶି ଗାଁ ପୋଖରୀକୁ ଗାଧୋଇ ଯାଇଥିବା ବେଳେ ଗୋଡ ଖସି ଗଭୀର ପାଣିରେ ବୁଡିଯାଇଥିଲେ । ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ।

# ହୁମା ବୃଦ୍ଧାଶ୍ରମରେ ବରିଷ୍ଠ ନାଗରିକ ପୂଜନ କାର୍ଯ୍ୟକ୍ରମ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ହୁମା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୃଦ୍ଧାଶ୍ରମ ଠାରେ ବରିଷ୍ଠ ନାଗରିକ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୌରଚନ୍ଦ୍ର ପାଣିଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସୁକୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାଜରେ ବୃଦ୍ଧାଶ୍ରମର ଆବଶ୍ୟକତା ତଥା ବୃଦ୍ଧ ପିତାମାତାଙ୍କ ସନ୍ତାନ ମାନଙ୍କ କର୍ତ୍ତବ୍ୟ ଓ ସେବାଯତ୍ନ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ବରିଷ୍ଠ ନାଗରିକ ଦିବସ ସମ୍ପର୍କରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ହୁମା ବୃଦ୍ଧାଶ୍ରମର ସମ୍ପାଦକ ସତ୍ୟନାରାୟଣ ମେଣ୍ଡଲୀ ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ମେଣ୍ଡଲୀ ଉପସ୍ଥିତ ରହି ବରିଷ୍ଠ ନାଗରିକଙ୍କୁ ପୂଜାର୍ଚ୍ଚନା କରିବା ସହ ଆର୍ଶିବାଦ ଭିକ୍ଷା କରିଥିଲେ । ଶେଷରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଭାଗ୍ୟଶ୍ରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ପ୍ରଦ୍ୟୋତ ମିଶ୍ର, ଜେନାମଣି ସାହୁ, ପ୍ରମୋଦ ପଟ୍ଟନାୟକ, ସ୍ୱର୍ଣ୍ଣମଞ୍ଜରୀ ଦାସ, ସୂର୍ଯ୍ୟ ପଣ୍ଡା, ରାଧେଶ୍ୟାମ ପଣ୍ଡାଙ୍କ ସମେତ ବୃଦ୍ଧାଶ୍ରମର ଅନ୍ତେବାସୀ ସହଯୋଗ କରିଥିଲେ ।

# ବ୍ୟବସ୍ଥିତ ପଦୋନ୍ନତି, ଖୁସିର ଲହରୀ



ଜୟପାଟଣା,(ସବ୍ୟୁ): ପ୍ରତୀକ୍ଷାର ଅନ୍ତ ହୋଇଛି । ଦୀର୍ଘ ଦିନ ପରେ ସରକାରଙ୍କ ନିଷ୍ପତି କ୍ରମେ କଳାହାଣ୍ଡି ଜିଲ୍ଲା ଜୟପାଟଣାବ୍ଲକ ଅନ୍ତର୍ଗତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁନକରେ କାର୍ଯ୍ୟରତ ବହୁ ସହକାରୀ ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କୁ ପଦୋନ୍ନତି କରାଯାଇଛି । ବ୍ୟବସ୍ଥିତଭାବେ ଏହି ପଦୋନ୍ନତି ଯୋଗୁଁ ଶିକ୍ଷକ ଶିକ୍ଷୟତ୍ରୀ ମହଲରେ ଖୁସିର ଲହରୀ ଖେଳି ଯାଇଛି । ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଜାରିହୋଇଥିବା ଆଦେଶନାମା ଅନୁଯାୟୀ ଜୟପାଟଣା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ସମସ୍ତ ପଦୋନ୍ନତି ପ୍ରକ୍ରିୟାକୁ ଶୃଙ୍ଖଳିତ ଏବଂ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ସମ୍ପୂର୍ଣ୍ଣ କରାଯାଇଥିବା ଯୋଗୁଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ଠାକୁର, ସମ୍ପାଦକ ଲଳିତ କୁମାର ନାଏକ, ଜୟପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ କୁମାର ଭାଟି ତଥା ଜିଲ୍ଲା ଶିକ୍ଷାଧିକାରୀ ଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୂଚିତ ଆଦେଶନାମା ଅନୁଯାୟୀ ଏହିବ୍ଲକ ର ୫୯ଜଣ କନିଷ୍ଠ ଶିକ୍ଷକ ଲେଭଲ -୫(ଏ )ରୁ ଲେଭଲ୫(ବି )କୁ ପଦୋନ୍ନତି ହୋଇଥିବାବେଳେ, କ୍ୟାଟେଗୋରି -୧ରେ ୨୭ଜଣ, ଓ କ୍ୟାଟେଗୋରି ୨ରେ ୩୨ଜଣ ସ୍ଥାନ ପାଇଛନ୍ତି.। ସେହିପରି ଲେଭଲ -୫(ବି )ରୁ ୫ଜଣ ପ୍ରଧାନ ଶିକ୍ଷକ ପ୍ରାଥମିକ ବିଦ୍ୟାଳୟ ଓ ୧୯ଜଣ ସ୍ନାତକ ଶିକ୍ଷକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାବେ ୨୪ଜଣ ଏବଂ ଲେଭଲ -୩ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାବେ ୨୫ଜଣ, ଓ ବରିଷ୍ଠ ପ୍ରଧାନ ଶିକ୍ଷକ ପ୍ରାଥମିକ ୧ଜଣ ଏହିପରି ବରିଷ୍ଠ ଲେଭଲ -୪ଜଣ ପଦୋନ୍ନତି ପାଇସର୍ବମୋଟ ୧୦୧ଜଣ ଶିକ୍ଷକ ଶିକ୍ଷୟତ୍ରୀ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଯୋଗ ଦେଇଥିବା ବିଷୟ ଜୟପାଟଣା ଗୋଷ୍ଠୀ କାର୍ଯ୍ୟାଳୟ ରୁ ଜଣାପଡେ। ଏହି କାର୍ଯ୍ୟକ୍ରମରେ ଜୟପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶକୁମାର ଭାଟି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଳିତ କୁମାର ନାଏକ, ଏ. ବି. ଇ. ଓ ମାଧବ ଚନ୍ଦ୍ର ପଣ୍ଡା, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଅତି ଶୃଙ୍ଖଳିତ ଭାବେ ପଦୋନ୍ନତି ଆଦେଶନାମା କାଗଜାତ ପ୍ରଦାନ କରିଥିବାଯୋଗୁଁ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସରକାର ଏବଂ ଶିକ୍ଷା ବିଭାଗ ଙ୍କୁ ଆନ୍ତରିକ କୃତଜ୍ଞତା ଜଣେଇବା ସହ ନୂଆ ଦାୟିତ୍ୱକୁ ନିଷ୍ଠାରସହ ତୁଲେଇବେ ବୋଲି ମତ ପ୍ରକାଶ ପାଇଛି ।

# ଜୁନିଅର ରେଡ୍‌କ୍ରସ ସୋସାଇଟି ପକ୍ଷରୁ ମେଗା ରକ୍ତଦାନ ଶିବିର

ବୌଦ୍ଧ,(ସବ୍ୟୁ): ଜିଲ୍ଲା ସେବା ସଂକଳ୍ପ ଅଭିଯାନ ଓ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗ ଅନ୍ତର୍ଗତ ଜୁନିଅର ରେଡ଼କ୍ରସ ସୋସାଇଟି ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ବ୍ଲକ ଅଧିନସ୍ଥ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଜହ୍ନାପଙ୍କ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧକ୍ଷତାରେ ଏହା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜୁନିଅର ରେଡ଼କ୍ରସ ପତାକା ଉତ୍ତୋଳନ କରି ଉକ୍ତ ଶିବିରକୁ ଉଦଘାଟନ କରିଥିଲେ । ସେବା ମନୋଭାବ ନେଇ ରକ୍ତଦାନ କରି ଅଞ୍ଚଳବାସୀଙ୍କୁ ସାହାଯ୍ୟ କରିବାକୁ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଅଭିଭାବିକା ଓ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଏସପି କୁଲଦୀପ ମୀନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ମହେନ୍ଦ୍ର କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଓ ଭାସ୍କର ଲେଙ୍କା, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ବରୁଣ କୁମାର ପ୍ରଧାନ, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ କେଶବ ମଲ୍ଲିକ, କନ୍ଧମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା, ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପ୍ରଧାନ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ସମସ୍ତ ରକ୍ତଦାତାଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ରକ୍ତଦାତା ମାନଙ୍କୁ ସମ୍ମାନିତ କରିଥିଲେ । ଜହ୍ନାପଙ୍କ ମେଡିକାଲ ଅଧିକାରୀ ଡାକ୍ତର ଦିବ୍ୟରଞ୍ଜନ ମେହେର, ବାଉଁଶୁଣୀ ଆୟୁଷ ଡାକ୍ତର ଚମୁରୁ ମାନସିଂ, ବୌଦ୍ଧ ଜିଲ୍ଲା ଡାକ୍ତରଖାନାର ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡାକ୍ତର ଭଂଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଦନ୍ତ ଚିକିତ୍ସକ ଡାକ୍ତର ବର୍ଷା ପ୍ରିୟଦର୍ଶିନୀ,ଏଚ ଆଇ ଭି /ଏଡ଼ସ ପରାମର୍ଶଦାତା ବନୋଜ କୁମାର ପ୍ରଧାନ, ଯୌନରୋଗ ପରାମର୍ଶଦାତା ପ୍ରମୋଦ କୁମାର ମହାରଣା, ଲବ୍ରୋଟାରୀ ଟେକନିସିଆନ ଦିଲ୍ଲୀପ କୁମାର ଭୋଇ, ଦେବଦତ୍ତ କିଷାନ, ନର୍ସିଙ୍ଗ ଅଧିକାରୀ ଜୁଦା ଶବର, ସବିତା କୁଲୁ ଏବଂ ସହାୟକ ଭାବରେ ସୁରଜ ଭୋକ୍ରା ଓ ମହେନ୍ଦ୍ର କଲତା ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ପରିଚାଳନା କରିଥିଲେ ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ



ଭବାନୀପାଟଣା,(ସବ୍ୟୁ): ସ୍ଥାନୀୟ ଟାଉନ ହଲ ଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ୨୦୨୬ ପାଳିତ ହୋଇଥିଲା । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ, ଗରିମା, କଲ୍ୟାଣ ଏବଂ ସାମାଜିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା । ଉତ୍ସବର ଅଂଶ ସ୍ୱରୂପ, ସକାଳେ ବରିଷ୍ଠ ନାଗରିକମାନଙ୍କୁ ସୁସ୍ଥ ଏବଂ ସକ୍ରିୟ ଜୀବନଶୈଳୀ ଅନୁସରଣ କରିବାକୁ ଉତ୍ସାହିତ କରିବା ପାଇଁ ଏକ ଯୋଗ ସତ୍ର ଆୟୋଜିତ ହୋଇଥିଲା । ପରିବେଶ ସୁରକ୍ଷାର ଗୁରୁତ୍ୱକୁ ଉଦ୍ଘାଟିତ କରିବା ଏବଂ ଅଂଶଗ୍ରାହୀମାନଙ୍କୁ ଅଧିକ ସବୁଜ ଓ ସୁସ୍ଥ ସମାଜ ଗଠନରେ ଅବଦାନ ଦେବାକୁ ପ୍ରେରିତ କରିବା ପାଇଁ ଏକ ପେଡ ମାଁ କେ ନାମ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦର ଅଧ୍ୟକ୍ଷ ପୁଷ୍ପେନ୍ଦୁ ସିଂଦେଓ ଉପସ୍ଥିତ ଥିଲେ । ଅନ୍ୟାନ୍ୟ ଉପସ୍ଥିତ ଗଣମାନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ)ର ସଚିବ ସ୍ନିଗ୍ଧା ପଣ୍ଡା ଏବଂ ସାଇବର ସୁରକ୍ଷାର ଡିଏସପି ଅଳକାନନ୍ଦା ସାହୁ, ଶ୍ରୀକାନ୍ତ ଦଳେଇ, ଉପ ନିର୍ଦ୍ଦେଶକ , ଜିଲ୍ଲା ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟ , ନିହାରେନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଜୟଶଙ୍କର ନାଏକ, ସାଂସଦ ପ୍ରତିନିଧି ବିଜୟ କୁମାର ହୋତା ଏବଂ ସଭାପତି ବରିଷ୍ଠ ନାଗରିକ ସଂଘ ଶରତ ଚନ୍ଦ୍ର ନାୟକ, ସଭାପତି ଓଡ଼ିଶା ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କଳାହାଣ୍ଡି ଆଦି ଯୋଗ ଦେଇ ଥିଲେ ।

## ଚିଖିଲି ବନ୍ୟାଞ୍ଚଳ ପରିଦର୍ଶନ କଲେ ରାଜସ୍ୱ ମନ୍ତ୍ରୀ

# ବିପନ୍ନଙ୍କ ଦୁର୍ଦ୍ଦଶା ଅନୁଧ୍ୟାନ, କ୍ଷୟକ୍ଷତି ଆକଳନ ଉପରେ ଗୁରୁତ୍ୱ



ଅମ୍ବାଭୋନା,(ସବ୍ୟୁ): ମହାନଦୀର ବନ୍ୟାରେ କ୍ଷତିଗ୍ରସ୍ତ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଚିଖିଲି ଗ୍ରାମରେ ପହଞ୍ଚି ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଗୁରୁବାର ମନ୍ତ୍ରୀ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଦୁର୍ଦ୍ଦଶା ସମ୍ପର୍କରେ ଅବଗତ ହୋଇଥିଲେ । ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା, ରିଲିଫ ବଣ୍ଟନ, ଜୀବନଯାପନର ସ୍ୱାଭାବିକତା ଫେରାଇ ଆଣିବା ଏବଂ କ୍ଷୟକ୍ଷତିର ଆକଳନ କରି ସରକାରୀ ସହାୟତା ପ୍ରଦାନ ଉପରେ ଏହି ଗସ୍ତରେ ଗୁରୁତ୍ୱ ଦିଆଯାଇଥିଲା । ମହାନଦୀରେ ବନ୍ୟାଜଳ ପ୍ରବେଶ ଯୋଗୁଁ ଚିଖିଲି ସମେତ ଆଖପାଖ ଅଞ୍ଚଳର ଜନଜୀବନ ପ୍ରଭାବିତ ହୋଇଛି । ଚାଷଜମି ଜଳମଗ୍ନ ହେବା ସହ ଯାତାୟାତ ଓ ଦୈନନ୍ଦିନ ଜୀବନଯାପନରେ ବିଭିନ୍ନ ସମସ୍ୟା ଦେଖାଦେଇଛି । ଏଭଳି ସ୍ଥିତିରେ ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରଭାବିତ ଅଞ୍ଚଳ ବୁଲି ଦେଖିବା ସହ ସ୍ଥାନୀୟ ଲୋକଙ୍କଠାରୁ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଉପଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।ବନ୍ୟାର ବର୍ତ୍ତମାନ ସ୍ଥିତି, ପ୍ରଭାବିତ ପରିବାରଙ୍କ ଆବଶ୍ୟକତା ଏବଂ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ରିଲିଫ ଓ ଉଦ୍ଧାରମୂଳକ ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀ ଅଧିକାରୀମାନଙ୍କଠାରୁ ତଥ୍ୟ ନେଇଥିଲେ । ବିପନ୍ନଙ୍କୁ ଖାଦ୍ୟ, ପାନୀୟ ଜଳ ଓ ଆବଶ୍ୟକ ଜରୁରୀକାଳୀନ ସହାୟତା ଯୋଗାଇବା ସହ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଆଲୋଚନା ହୋଇଥିଲା । ଏଥିସହ ବନ୍ୟାଜଳ ହ୍ରାସ ପରେ କ୍ଷୟକ୍ଷତିର ଆକଳନ କରି ସରକାରୀ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ପ୍ରସଙ୍ଗ ମଧ୍ୟ ଗୁରୁତ୍ୱ ପାଇଥିଲା ।

ଗାନ୍ଧି ଜୟନ୍ତୀ ଓ ଦୈନିକ ସମୟର
୩୦ ତମ ସ୍ୱନକ୍ଷତ୍ର ଅବସରରେ
ଶୁଭେଚ୍ଛା ଓ ଅଭିନନ୍ଦନ



-: ଶୁଭେଚ୍ଛା ସହ :-
ପ୍ରଫେସର
ଶ୍ରୀ ଅକ୍ଷୟ କୁମାର ସାମଲ
ଅଧ୍ୟକ୍ଷ
ଜଗନ୍ନାଥ ଜୀଉ ମହାବିଦ୍ୟାଳୟ
ଚଢ଼େଇଧରା, ଯାଜପୁର

ପବିତ୍ର ଗାନ୍ଧି ଜୟନ୍ତୀ ଓ ଦୈନିକ ସମୟର
୩୦ତମ ଜନ୍ମତିଥି ଅବସରରେ
ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ମାନସ କୁମାର ତ୍ରିପାଠୀ
ବର୍ଚ୍ଚଣ, ଯାଜପୁର

ଗାନ୍ଧି ଜୟନ୍ତୀ ଓ ଦୈନିକ ସମୟର ୩୦ ତମ
ସ୍ୱନକ୍ଷତ୍ର ଅବସରରେ ମୋର ପ୍ରିୟ ବଡ଼ଚଣାବାସୀଙ୍କୁ
ଅଜସ୍ର ଶୁଭେଚ୍ଛା ଓ ଅଭିନନ୍ଦନ
-: ଶୁଭେଚ୍ଛା ସହ :-
ଶ୍ରୀ ଅରବିନ୍ଦ ସାମଲ (ଅରୁ)
ଜିଲ୍ଲା ପରିଷଦ ସଭ୍ୟ
ବଡ଼ଚଣା, ଯାଜପୁର

ପବିତ୍ର ଗାନ୍ଧି ଜୟନ୍ତୀ ଓ ଦୈନିକ 'ସମୟ'ର
୩୦ତମ ସ୍ୱନକ୍ଷତ୍ର ଅବସରରେ
ଅଭିନନ୍ଦନ ଓ ଶୁଭେଚ୍ଛା
ଶୁଭେଚ୍ଛା ସହ :
ମହାବିନାୟକ ଲଘୁ ଖଣିଜ
ପରିବହନ ମାଲିକ ସଂଘ
ଚଣ୍ଡିଖୋଲ, ଯାଜପୁର
ଶ୍ରୀ ଅକାୟର ସାହୁ — ସଭାପତି
ଶ୍ରୀ ଅମିତ୍ କୁମାର ସାହୁ — ସଂପାଦକ

ଶୁଭେଚ୍ଛା ବାର୍ତ୍ତା



ଗାନ୍ଧି ଜୟନ୍ତୀ ତଥା ପବିତ୍ର ଦଶହରା ପର୍ବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ପ୍ରେମାନନ୍ଦ ମିଶ୍ର
ସଭାପତି
ଭାରତୀୟ ଜନତା ପାର୍ଟି
ବୌଦ୍ଧ ଜିଲ୍ଲା

ଶୁଭେଚ୍ଛା ବାର୍ତ୍ତା
ଗାନ୍ଧି ଜୟନ୍ତୀ ତଥା ପବିତ୍ର ଦଶହରା ପର୍ବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଭୈରବୀ ରାଇସ୍ ମିଲ
ଶ୍ରୀ ସଞ୍ଜିବ କୁମାର ଅଗ୍ରୱାଲା
ଲାଣ୍ଡିବନ୍ଧ, ବୌଦ୍ଧ

ଶୁଭେଚ୍ଛା ବାର୍ତ୍ତା
ଗାନ୍ଧି ଜୟନ୍ତୀ ତଥା ପବିତ୍ର ଦଶହରା ପର୍ବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଗୋପୀନାଥ ରାଇସ୍ ମିଲ
ଶ୍ରୀ କମଳ କୁମାର ଅଗ୍ରୱାଲା
ଲାଣ୍ଡିବନ୍ଧ, ବୌଦ୍ଧ

ଗାନ୍ଧୀ ଜୟନ୍ତୀ ଓ 'ସମୟ'ର ୩୦ତମ ସ୍ୱନକ୍ଷତ୍ର ଅବସରରେ
କୋରାପୁଟ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
: ଶୁଭେଚ୍ଛା ବାର୍ତ୍ତା :



PRO's UNION
Borigumma Block
Koraput Dist

ଶୁଭେଚ୍ଛା ବାର୍ତ୍ତା
ପବିତ୍ର ଗାନ୍ଧି ଜୟନ୍ତୀ ଓ ଦୈନିକ 'ସମୟ'ର ୩୦ତମ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
Banisree Higher Secondary School
Borigumaa
Dist- Koraput

ଦୈନିକ ଖବରକାଗଜ ସମୟର
୩୦ତମ ସ୍ୱନକ୍ଷତ୍ର ଦିବସ, ଗାନ୍ଧିଜୟନ୍ତୀ ଓ
ଶାରଦୀୟ ଦୁର୍ଗାପୂଜା ଅବସରରେ ବାଲେଶ୍ୱର
ସହରବାସୀଙ୍କୁ
ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



ଶ୍ରୀମତୀ ସରୋଜିନୀ ଦାସ
ସମାଜସେବୀ
ଭୋଇସାହି, ବାଲେଶ୍ୱର

ନିରପେକ୍ଷ ଖବରକାଗଜ 'ସମୟ'ର ୩୦ତମ ସ୍ୱନକ୍ଷତ୍ର ଅବସରରେ
ରାୟଗଡ଼ା ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
କୃଷି ଋଣ ସମ୍ପର୍କିତ ସୂଚନା
: ଖରିଫ ଋଣ ପ୍ରଦାନ ସମୟ :
ଏପ୍ରିଲ ଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ।
ଋଣ ପରିଶୋଧର ଶେଷ ସମୟ: ମାର୍ଚ୍ଚ ୨୫ ତାରିଖ ।
ରବି ଋଣ ପ୍ରଦାନ ସମୟ: ସେପ୍ଟେମ୍ବର ଠାରୁ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ।
ଋଣ ପରିଶୋଧର ଶେଷ ସମୟ: ଜୁନ ୨୫ ତାରିଖ ।
ନିୟମିତ ଋଣ ପରିଶୋଧ କରନ୍ତୁ,
ବିଭିନ୍ନ ସୁବିଧା ଓ ସୁଯୋଗର ଲାଭ ଉଠାନ୍ତୁ ।
: ବିଶେଷ ସୂଚନା :
ଆମ ସମିତିରେ ସମସ୍ତ ପ୍ରକାରର ଅମାନତ (ଜମା) ସଂଗ୍ରହ କରାଯାଏ ।
ସଭାପତି
ବୃହଦାକାର ସମବାୟ ସମିତି ଲିଃ
କୋଲନରା, ଜିଲ୍ଲା- ରାୟଗଡ଼ା

Best Compliments form :
JSW
Utkal Steel Ltd.

'ସମୟ'ର ୩୦ତମ ସ୍ୱନକ୍ଷତ୍ର ଉପଲକ୍ଷେ
ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ
ସାଂସଦ, କନ୍ଧମାଳ

ନିରପେକ୍ଷ ଖବରକାଗଜ 'ସମୟ'ର ୩୦ତମ ସ୍ୱନକ୍ଷତ୍ର ଅବସରରେ
ରାୟଗଡ଼ା ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
କୃଷି ଋଣ ସମ୍ପର୍କିତ ସୂଚନା
ଖରିଫ ଋଣ ପ୍ରଦାନ ସମୟ:
ଏପ୍ରିଲ ଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ।
ଋଣ ପରିଶୋଧର ଶେଷ ସମୟ: ମାର୍ଚ୍ଚ ୨୫ ତାରିଖ ।
ରବି ଋଣ ପ୍ରଦାନ ସମୟ: ସେପ୍ଟେମ୍ବର ଠାରୁ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ।
ଋଣ ପରିଶୋଧର ଶେଷ ସମୟ: ଜୁନ ୨୫ ତାରିଖ ।
ନିୟମିତ ଋଣ ପରିଶୋଧ କରନ୍ତୁ,
ବିଭିନ୍ନ ସୁବିଧା ଓ ସୁଯୋଗର ଲାଭ ଉଠାନ୍ତୁ ।
: ବିଶେଷ ସୂଚନା :
ଆମ ସମିତିରେ ସମସ୍ତ ପ୍ରକାରର ଅମାନତ (ଜମା) ସଂଗ୍ରହ କରାଯାଏ ।
ସଭାପତି
ବୃହଦାକାର ସମବାୟ ସମିତି ଲିଃ
ରାୟଗଡ଼ା, ଜିଲ୍ଲା- ରାୟଗଡ଼ା

# ଜନସେବାକୁ ପ୍ରାଥମିକତା, ନିଯୁକ୍ତି ସଂସ୍କାରକୁ ଗୁରୁତ୍ୱ



**ନୂଆଦିଲ୍ଲୀ:** କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସସି)ର ୧୦୦ ବର୍ଷ ପୂର୍ତ୍ତି ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପଠାରେ ଆୟୋଜିତ ଶତବାର୍ଷିକୀ ସମାରୋହରେ ଯୋଗଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ଅବସରରେ ସେ ଦେଶର ପ୍ରଶାସନିକ ବ୍ୟବସ୍ଥା ଓ ଜନସେବା କ୍ଷେତ୍ରରେ ୟୁପିଏସସିର ଏକ ଶତାବ୍ଦୀର ଅବଦାନକୁ ପ୍ରଶଂସା କରିବା ସହ ଭବିଷ୍ୟତର ଆହ୍ୱାନ ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନ ଆଣିବାକୁ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ୟୁପିଏସସିର ଶତବାର୍ଷିକୀ କେବଳ ଏକ ସଂସ୍ଥାର ୧୦୦ ବର୍ଷ ପୂର୍ତ୍ତି ନୁହେଁ, ବରଂ ପ୍ରତିବର୍ଷ ଲକ୍ଷ ଲକ୍ଷ ଯୁବକଯୁବତୀଙ୍କ ସ୍ୱପ୍ନ ଓ ଏହି ସଂସ୍ଥା ଉପରେ ଦେଶବାସୀଙ୍କ ରହିଥିବା ବିଶ୍ୱାସର ଉତ୍ସବ। ପିଢ଼ି, ସରକାର, ପ୍ରଯୁକ୍ତିବିଦ୍ୟା ଓ ପାଠ୍ୟକ୍ରମରେ ପରିବର୍ତ୍ତନ ସତ୍ତ୍ୱେ ଆୟୋଗ ନିଜର ବିଶ୍ୱସନୀୟତା ବଜାୟ ରଖିଛି। ଏହି ଅବସରରେ ଏକ ସ୍ମାରକୀ ଡାକ

## ୟୁପିଏସ୍‌ସିର ଶତବାର୍ଷିକୀ ସମାରୋହରେ ପ୍ରଧାନମନ୍ତ୍ରୀ

ଟିକଟ, ସ୍ୱତନ୍ତ୍ର ମୁଦ୍ରା ଏବଂ ୧୦୦ଟି ଗୁରୁତ୍ୱପୂର୍ଣ୍ଣ ଆଇନଗତ ରାୟର ସଂକଳନ ଉନ୍ମୋଚନ କରାଯାଇଥିଲା। ସ୍ୱାଧୀନତା ପରବର୍ତ୍ତୀ ଭାରତର ପ୍ରଶାସନିକ ବ୍ୟବସ୍ଥା ଗଠନରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନକୁ ସ୍ମରଣ କରି ମୋଦୀ କହିଥିଲେ ଯେ ଏକ ନୂତନ ରାଷ୍ଟ୍ରର ପୁନଗଠନ ଓ ସୁଶାସନ ପାଇଁ ଏକ ଦୃଢ଼ ପ୍ରଶାସନିକ ବ୍ୟବସ୍ଥା ଗଠନ କରିବାରେ ପଟେଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୨୬ରେ ବ୍ରିଟିଶ ଶାସନ ସମୟରେ ଆରମ୍ଭ ହୋଇଥିବା ଏହି ସଂସ୍ଥା ସ୍ୱାଧୀନତା ପରେ ଦେଶର ଆବଶ୍ୟକତା ଓ ଆକାଂକ୍ଷା ପୂରଣ ଦିଗରେ ନିଜର କାର୍ଯ୍ୟଧାରାକୁ ପରିବର୍ତ୍ତନ କରିଥିଲା। ବିକଶିତ ଭାରତ ଗଠନରେ ଯୁବପିଢ଼ିଙ୍କ ଭୂମିକା ଉପରେ ଜୋର ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ନିଯୁକ୍ତ ହେଉଥିବା ଯୁବ ଅଧିକାରୀମାନେ ଭବିଷ୍ୟତର ଭାରତ ଗଠନରେ ପ୍ରମୁଖ ଭୂମିକା ନେବେ। ତେଣୁ ନିଯୁକ୍ତି ପ୍ରକ୍ରିୟାରେ 'ରାଷ୍ଟ୍ର ପ୍ରଥମ ଓ 'ନାଗରିକ ପ୍ରଥମ ନୀତିକୁ ଗୁରୁତ୍ୱ ଦେବା ଆବଶ୍ୟକ। କେବଳ ସରକାରୀ ପଦବି ପାଇବା ପାଇଁ ନୁହେଁ, ଜନସେବା କରିବାର ଉଦ୍ଦେଶ୍ୟ ନେଇ ଯୁବକଯୁବତୀମାନେ ପ୍ରଶାସନିକ ସେବାକୁ ଆସିବା ଉଚିତ। ତେଣୁ ପରୀକ୍ଷାରେ ପ୍ରାର୍ଥୀଙ୍କ ଜ୍ଞାନ ସହ ଜନସେବା ପ୍ରତି ତାଙ୍କର ଆଗ୍ରହ ଓ ଉଦ୍ଦେଶ୍ୟକୁ ମଧ୍ୟ ମୂଲ୍ୟାୟନ କରିବା ଦରକାର।



## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ରାଜ୍ୟପାଳ

ନୂଆଦିଲ୍ଲୀ: ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଭେଟି ରାଜ୍ୟର ବିକାଶ ସମ୍ବନ୍ଧୀୟ ବିଷୟ ଉପରେ ଆଲୋଚନା କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

## ସମୁଦ୍ରରେ ବୁଡ଼ିଗଲେ ୮ କଲେଜ ଛାତ୍ର

**ରାୟଗଡ଼:** ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲା ଦିବେଆଗର ସମୁଦ୍ରରେ ଗୁରୁବାର ଏକ ବଡ଼ ଅଘଟଣ ଘଟିଛି। ପିକନିକ୍ ପାଇଁ ଯାଇଥିବା ପୁଣେର ଆଳନ୍ଦୀ ଅଞ୍ଚଳର ଏକ କଲେଜର ଛାତ୍ରମାନେ ଭୟଙ୍କର ଦୁର୍ଘଟଣାର ସାମ୍ନା କରିଛନ୍ତି। ଗାଧୋଇବା ସମୟରେ ସମୁଦ୍ରରେ ବୁଡ଼ିଯାଇ ୮ ଜଣ ଛାତ୍ରଙ୍କର ମୃତ୍ୟୁ ଘଟିଛି। ଘଟଣା ସଂପର୍କରେ ଜାଣିବା ପରେ ସ୍ଥାନୀୟ ଲୋକ ଏବଂ ପ୍ରଶାସନ ମଧ୍ୟରେ ଚିନ୍ତାର କାରଣ ପାଲଟିଛି। ସ୍ଥାନୀୟ ୱାଟର ସ୍ପୋର୍ଟ୍ସ ଚାଳକ ଏବଂ ତାଙ୍କର ଟିମ୍ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଦେଇଥିଲେ। ପୁଣେର ଆଳନ୍ଦୀ ଅଞ୍ଚଳରୁ ଏକ କଲେଜର ଛାତ୍ରମାନେ ଦିବେଆଗର ପହଞ୍ଚି ଥିଲେ।









## ଏସିଆନ୍ ଗେମ୍ସରେ ଭାରତର ଚମକ

# ସେଲିଂ, କୁସ୍ତିରେ ରୌପ୍ୟ, କ୍ରିକେଟ୍ ଓ ହକିରେ ପଦକ ନିଶ୍ଚିତ

ନାଗୋୟା, ୧/୧୦(ଏଜେନ୍ସି): ଜାପାନର ଆଇଚି-ନାଗୋୟାରେ ଚାଲିଥିବା ଏସିଆନ୍ ଗେମ୍ସରେ ଭାରତୀୟ କ୍ରୀଡ଼ାବିତମାନେ ଗୁରୁବାର ଦିନ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି । ସେଲିଂ ଓ ଗ୍ରୀକୋ-ରୋମାନ୍ କୁସ୍ତିରେ ଭାରତକୁ ଦୁଇଟି ରୌପ୍ୟ ପଦକ ମିଳିଥିବା ବେଳେ ପୁରୁଷ କ୍ରିକେଟ୍ ଓ ହକି ଦଳ ନିଜ ନିଜ ଫାଇନାଲରେ ପ୍ରବେଶ କରିଛନ୍ତି । ଏହା ସହ ସ୍କ୍ୱାଶ ଓ କମ୍ପାଉଣ୍ଡ ଆର୍ଚେରୀରେ ଭାରତକୁ କାଂସ୍ୟ ପଦକ ମିଳିଛି । ଦିନ ଶେଷରେ ଭାରତର ମୋଟ ପଦକ ସଂଖ୍ୟା ୬୫ରେ ପହଞ୍ଚିଛି । ଏଥିରେ ୧୦ ସ୍ୱର୍ଣ୍ଣ, ୨୩ ରୌପ୍ୟ ଓ ୩୨ କାଂସ୍ୟ ପଦକ ରହିଛି ।




ଦିନର ଆରମ୍ଭ ଭାରତ ପାଇଁ ସେଲିଂରେ ରୌପ୍ୟ ପଦକ ସହ ହୋଇଥିଲା । ପୁରୁଷ ସ୍କିଫ୍ ଇଭେଣ୍ଟରେ କେରଳର ଦୁଇ ଭାଇ-ଭାଇ ସମ୍ପର୍କୀୟ ପ୍ରିନ୍ସ କୁରିସିଙ୍କାଲ୍ ନୋବଲ୍ ଓ ମନୁ ଫ୍ରାନ୍ସିସ୍ ଦମଦାର ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ଚୀନ୍ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ହଂକଂ କାଂସ୍ୟ ପଦକ ପାଇଛି । ୯ଟି ରେସ୍ ମଧ୍ୟରୁ ଭାରତୀୟ ଯୋଡ଼ି ଗୋଟିଏ ରେସରେ ପ୍ରଥମ ଓ ତିନୋଟି ରେସରେ ଦ୍ୱିତୀୟ ସ୍ଥାନରେ ରହିଥିଲେ । ଚଳିତ ଏସିଆନ୍ ଗେମ୍ସରେ ସେଲିଂରୁ ଭାରତର ଏହା ପ୍ରଥମ ପଦକ । ମହିଳା ସ୍କିଫରେ ମଧ୍ୟ ଭାରତର ହର୍ଷିତା ତୋମର ଓ ଶୀତଲ ବର୍ମା କାଂସ୍ୟ ପଦକ ହାସଲ କରିଛନ୍ତି ।

ଗ୍ରୀକୋ-ରୋମାନ୍ କୁସ୍ତିରେ ଭାରତକୁ ମିଳିଛି ଆଉ ଏକ ରୌପ୍ୟ । ୯୭ କେଜି ବର୍ଗର ଫାଇନାଲରେ ଭାରତର ନିତେଶ ସିୱାଚ୍ ଜାପାନର ୟୁରି ନାକାଜାଟୋଙ୍କ ବିପକ୍ଷରେ ୦-୪ରେ ପରାଜିତ ହୋଇ ରୌପ୍ୟ ପଦକରେ ଅଭିଯାନ ଶେଷ କରିଛନ୍ତି । ଗ୍ରୀକୋ-ରୋମାନ୍ କୁସ୍ତିରେ ଭାରତ ପାଇଁ ରୌପ୍ୟ ପଦକ ମଧ୍ୟ ଏକ ବିରଳ ସଫଳତା ଭାବେ ବିବେଚିତ ହୋଇଛି ।

ସ୍କ୍ୱାଶରେ ଭାରତର ମହିଳା ଓ ପୁରୁଷ ଦଳ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । ମହିଳା ସେମିଫାଇନାଲରେ ଭାରତ ହଂକଂଠାରୁ ୧-୨ରେ ପରାଜିତ ହୋଇଥିଲା । ଅନାହତ ସିଂହ ନିଜ ମ୍ୟାଚରେ ବିଜୟର ନିକଟରେ ପହଞ୍ଚିଥିଲେ ମଧ୍ୟ ଚାରିଟି ମ୍ୟାଚ୍ ପଏଣ୍ଟର ସୁଯୋଗ ହାତଛଡ଼ା କରିଥିଲେ । ପରେ ତନଭୀ ଖାନ୍ନା ଦମଦାର ପ୍ରତ୍ୟାବର୍ତ୍ତନ କରି ଭାରତକୁ ଆଶା ଦେଇଥିଲେ । କିନ୍ତୁ ଅଭିଜ୍ଞ ଜୋଶନା ଚିନ୍ନାପ୍ପା ସିଧାସଳଖ ଗେମରେ ପରାଜିତ ହେବାରୁ ଭାରତ ଫାଇନାଲରୁ ବଞ୍ଚିତ ହୋଇଥିଲା ।

ପୁରୁଷ ସ୍କ୍ୱାଶ ଦଳ ମଧ୍ୟ ମାଲେସିଆ ବିପକ୍ଷରେ ୧-୨ରେ ପରାଜିତ ହୋଇ କାଂସ୍ୟରେ ଅଭିଯାନ ଶେଷ କରିଛି । ଅଭୟ ସିଂହ, ଭେଲାଭନ୍ ସେନ୍ଥିଲ କୁମାର, ବୀର ଚୋଟ୍ରାନୀ ଓ ସୂରଜ ଚାନ୍ଦଙ୍କୁ ନେଇ ଗଠିତ ଭାରତୀୟ ଦଳ ପୂର୍ବ ଏସିଆନ୍ ଗେମ୍ସର ଚାମ୍ପିଅନ୍ ଥିଲା । ଏଥର ଦଳକୁ ତୃତୀୟ ସ୍ଥାନରେ ରହିବାକୁ ପଡ଼ିଛି ।

କମ୍ପାଉଣ୍ଡ ଆର୍ଚେରୀରେ ମଧ୍ୟ ଭାରତକୁ କାଂସ୍ୟ ପଦକ ମିଳିଛି । ପୁରୁଷ ବ୍ୟକ୍ତିଗତ ବିଭାଗରେ ଗଣେଶ ମଣି ରତ୍ନମ୍ ଥିରୁମୁରୁ ଭିଏତନାମର କଙ୍ଗ ଡୁକ୍ ଡାଙ୍ଗଙ୍କୁ ୧୪୯-୧୪୪ରେ ପରାସ୍ତ କରି କାଂସ୍ୟ ଜିତିଥିଲେ । ୨୦ ବର୍ଷୀୟ ଗଣେଶ ୧୫ଟି ସଟରୁ ୧୪ଟିରେ ଲକ୍ଷ୍ୟଭେଦ କରି ଚମତ୍କାର ପ୍ରଦର୍ଶନ କରିଥିଲେ । ଏହାର ଗୋଟିଏ ଦିନ ପୂର୍ବରୁ ସେ ଭାରତୀୟ ପୁରୁଷ କମ୍ପାଉଣ୍ଡ ଦଳର ସ୍ୱର୍ଣ୍ଣ ପଦକ ବିଜୟୀ ଦଳର ସଦସ୍ୟ ଥିଲେ ।

### ଫାଇନାଲରେ ଭାରତ-ପାକିସ୍ତାନ କ୍ରିକେଟ୍ ମୁକାବିଲା

ପୁରୁଷ କ୍ରିକେଟରେ ଭାରତ ଦମଦାର ପ୍ରଦର୍ଶନ ସହ ଫାଇନାଲରେ ପ୍ରବେଶ କରିଛି । ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଭାରତୀୟ ଟି-୨୦ ଦଳ ସେମିଫାଇନାଲରେ ଶ୍ରୀଲଙ୍କାକୁ ଏକପାଖିଆ ଭାବେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୧୬୯/୭ ରନ୍ କରିଥିଲା । ଇଶାନ କିଶନ୍ ୪୬ ବଲ୍ରୁ ଅପରାଜିତ ୮୦ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ୍ ଖେଳିଥିଲେ ।

ଭାରତୀୟ ବୋଲରମାନେ ଏହା ପରେ ଶ୍ରୀଲଙ୍କାର ବ୍ୟାଟିଂକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେଇଥିଲେ । ଶ୍ରୀଲଙ୍କା ମାତ୍ର ୪୫ ରନରେ ଅଲଆଉଟ୍ ହୋଇଥିଲା । ଯଶପ୍ରୀତ ବୁମରା ଓ ଅକ୍ଷର ପଟେଲ୍ ଦୁଇଟି ଲେଖାଏଁ ୱିକେଟ୍ ନେଇ ଭାରତର ବିଜୟକୁ ସୁନିଶ୍ଚିତ କରିଥିଲେ । ଅନ୍ୟ ସେମିଫାଇନାଲରେ ପାକିସ୍ତାନ ବାଂଲାଦେଶକୁ ପରାସ୍ତ କରିବାରୁ ଫାଇନାଲରେ ଭାରତ-ପାକିସ୍ତାନ ମୁକାବିଲା ନିଶ୍ଚିତ ହୋଇଛି ।

### ହକିରେ ଶେଷ ୪୫ ସେକେଣ୍ଡରେ ରୋମାଞ୍ଚ

ହକିରେ ଭାରତ ଓ ପାକିସ୍ତାନ ମଧ୍ୟରେ ସେମିଫାଇନାଲ୍ ଅତ୍ୟନ୍ତ ରୋମାଞ୍ଚକର ହୋଇଥିଲା । ଭାରତ ୪-୩ରେ ପାକିସ୍ତାନକୁ ହରାଇ ଫାଇନାଲ୍ରେ ପହଞ୍ଚିଛି । ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂହ ପଞ୍ଚମ ଓ ୧୩ତମ ମିନିଟ୍ରେ ଦୁଇଟି ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିଥିଲେ । ୨୩ତମ ମିନିଟରେ ସୁଖଜିତ ସିଂହ ଫିଲ୍ଡ ଗୋଲ୍ କରି ଭାରତକୁ ଆଗୁଆ କରିଥିଲେ । ତେବେ ଦ୍ୱିତୀୟାର୍ଦ୍ଧରେ ପାକିସ୍ତାନ ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲା । ଅବୁ ମହମୁଦ୍ ୩୦ତମ ମିନିଟରେ, ହାନାନ୍ ଶାହିଦ୍ ୪୫ତମ ମିନିଟରେ ଓ ୱାହିଦ୍ ରାଣା ୪୯ତମ ମିନିଟରେ ଗୋଲ୍ କରି ମ୍ୟାଚକୁ ୩-୩ରେ ନେଇଯାଇଥିଲେ । ଲାଗୁଥିଲା ମ୍ୟାଚ୍ ପେନାଲ୍ଟି ସୁଟ୍ଆଉଟକୁ ଯିବ । କିନ୍ତୁ ଖେଳ ଶେଷ ହେବାକୁ ମାତ୍ର ୪୫ ସେକେଣ୍ଡ ବାକି ଥିବାବେଳେ ଅଭିଷେକ ନିର୍ଣ୍ଣାୟକ ଗୋଲ୍ କରି ଭାରତକୁ ୪-୩ର ରୋମାଞ୍ଚକ ବିଜୟ ଦେଇଥିଲେ । ଫାଇନାଲ୍ରେ ଭାରତର ସାମ୍ନା ଦକ୍ଷିଣ କୋରିଆ-ମାଲେସିଆ ସେମିଫାଇନାଲରେ ବିଜେତା ସହ ହେବ ।










Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି

# ସମୟ ସ୍ରୋତରେ 'ସମୟ'ର ସଫଳ ଯାତ୍ରା



**ପ୍ରହଲାଦ କୁମାର ସିଂହ**

ଗାନ୍ଧିଜୀ ଥିଲେ ସତ୍ୟ ଓ ଅହିଂସାର ପୂଜାରୀ । ସେହି ପଥରେ ସାମ୍ବାଦିକତାକୁ ଆଗେଇ ନେବା ଲାଗି "ସମୟ' ଜନ୍ମ ନେଇଛି ଅକ୍ଟୋବର ୨ରେ ଏବଂ ଏହାକୁ ପାଥେୟ କରି "ସମୟ'କୁ ଢେର ଲମ୍ବା ପଥ ଅତିକ୍ରମ କରିବାର ଅଛି । ଆମ ଦେଶରେ ବହୁ ସମ୍ବାଦପତ୍ର ୧୦୦ ବର୍ଷରୁ ଅଧିକ ସମୟ ଧରି ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ସାଧାରଣ ଲୋକଙ୍କ ଆସ୍ଥାଭାଜନ ହୋଇଛନ୍ତି । "ସମୟ' ୩ ଦଶନ୍ଧି ଅତିକ୍ରମ କରିସାରିଥିବାବେଳେ ଆଗକୁ ଶତାବ୍ଦୀ ଅତିକ୍ରମ କରୁ । 'ଆଗରେ ପଡିଛି ପଥ ବହୁଦୂର ଆହୁରି କେତେ ଯେ ବାକି / ଚାଲିବି ଚାଲିବି ନପଡ଼ିବି ଥକି' ହେଉ "ସମୟ' ପରିବାରର ମହାମନ୍ତ୍ର ।

ସ୍ରୋତର ଅନୁକୂଳ ଦିଗରେ କୁଟା, କାଠି, ପଥର ଆଦି ଭାସିଯାଏ । କିନ୍ତୁ ସ୍ରୋତର ପ୍ରତିକୂଳ ଦିଗରେ ସନ୍ତରଣ କରିବାରେ ସାର୍ଥକତା ଥାଏ । ସେମିତି ସମୟ ସୁଅର ପ୍ରତିକୂଳ ଦିଗରେ ବାରମ୍ବାର ସନ୍ତରଣ କରି ସୁନାମଧନ୍ୟ ରାଜନେତା ତଥା ସାମାଜିକ କର୍ମୀ ବସନ୍ତ କୁମାର ବିଶ୍ୱାଳ ଅନେକ କିଛି ନୂଆ କରିବାକୁ ସଂକଳ୍ପ ନେଇଥିଲେ ଏବଂ ତାହାକୁ ସଫଳ କରି ଦେଖାଉଥିଲେ ।

ବସନ୍ତବାବୁ ସାମ୍ବାଦିକ କି ସାହିତ୍ୟିକ ନଥିଲେ। କିନ୍ତୁ ସେ ଥିଲେ ସାହିତ୍ୟାନୁରାଗୀ ଏବଂ ସମ୍ବାଦ ପ୍ରିୟ ବ୍ୟକ୍ତିତ୍ୱ । ବହୁ ସାଂସ୍କୃତିକ ଅନୁଷ୍ଠାନ ସହିତ ସେ ଜଡ଼ିତ ଥିଲେ । ଆଦିକବି ଶାରଳା ଦାସଙ୍କର ସାଧନାର ପୀଠ ଝଙ୍କଡ଼ବାସିନୀ ମା'ଶାରଳାଙ୍କ ପ୍ରତି ତାଙ୍କର ଥିଲା ଅଗାଧ ଭକ୍ତି । ସଂଯୋଗକ୍ରମେ ଯେଉଁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ବସନ୍ତବାବୁ ବହୁବାର ପ୍ରତିନିଧିତ୍ୱ କରିଥିଲେ ତାହାରି ଭିତରେ ମା' ଶାରଳାଙ୍କ ପୀଠ ଅନ୍ୟତମ । ଓଡ଼ିଆ ସାହିତ୍ୟର ଆଦିକବି ଶାରଳା ଦାସଙ୍କ ସ୍ମୃତି ରକ୍ଷା ପାଇଁ ପରିକଳ୍ପନା କରାଯାଇଥିବା "ଶାରଳା ସାହିତ୍ୟ ସଂସଦ' ଓ "ଶାରଳା ଭବନ'ର ବିକାଶ ପାଇଁ ଏହାର ସଂଗଠକ ଇଞ୍ଜିନିୟର ପ୍ରଭାକର ସ୍ୱାଇଁ ବସନ୍ତବାବୁଙ୍କ ପିଛା ପଡ଼ିଗଲେ ଏବଂ ତାଙ୍କରି ଉଦ୍ୟମରେ ହିଁ କଟକରେ ପ୍ରତିଷ୍ଠା କରାଗଲା ଶାରଳା ଭବନ । ଏହାଛଡ଼ା ସେ ମନ୍ତ୍ରୀ ଥିବାବେଳେ ତାଙ୍କ ସରକାରୀ ନିବାସରେ ବହୁ ସମୟରେ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକମାନଙ୍କ ଆସର ଜମୁଥିଲା ଏବଂ ତାହାରି ଭିତରୁ ପରିକଳ୍ପନା କରାଯାଇଥିଲା ଏକ ସାହିତ୍ୟ ପତ୍ରିକା ସୃଷ୍ଟି ପାଇଁ ।

ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ସେ ପ୍ରଜାତନ୍ତ୍ର ପ୍ରଚାର ସମିତି ସହିତ ଯୋଡ଼ି ହେବା ସଙ୍ଗେ ସଙ୍ଗେ ଏହାର ବିକାଶ ପାଇଁ ତନ-ମନ-ଧନ ଦେଇ ଅନେକ କାମ କରିଥିଲେ । ଏହାଛଡ଼ା ବହୁ ପତ୍ରପତ୍ରିକାକୁ ବି ସେ ଅକୁଣ୍ଠିତ ଚିତ୍ତରେ ସହାୟତା ଯୋଗାଉଥିଲେ। ଏହି ଭିତ୍ତିଭୂମିରେ ଏକ ରୁଚିପୂର୍ଣ୍ଣ ରଙ୍ଗିନ ଓଡ଼ିଆ ଦୈନିକ ଖବରକାଗଜ ପ୍ରକାଶ ପାଇଁ ସେ ପରିକଳ୍ପନା କଲେ । ଥରେ ବସନ୍ତ ବିଶ୍ୱାଳ ଯେଉଁ କାମରେ ହାତ ଦିଅନ୍ତି ଓ ଯେଉଁ କଥା ଚିନ୍ତା କରନ୍ତି ତାହାକୁ ସାକାର ନକରିବା ପର୍ଯ୍ୟନ୍ତ ସେ ନିରବରେ ବସିପାରନ୍ତି ନାହିଁ। ଏହି ଭିତ୍ତିଭୂମିରେ ସେ "ଆଶୀର୍ବାଦ ପ୍ରକାଶନ ଟ୍ରଷ୍ଟ' ନାମରେ ଏକ ସଂସ୍ଥା ଗଢ଼ି ସେଥିରେ କେତେକ ଘନିଷ୍ଠ ସହଯୋଗୀଙ୍କୁ ସଂପୃକ୍ତ କଲେ । ଆଶୀର୍ବାଦ ପ୍ରକାଶନ ଟ୍ରଷ୍ଟର ଲକ୍ଷ୍ୟ ଥିଲା ବସନ୍ତବାବୁଙ୍କ କଳ୍ପନାର ରଙ୍ଗିନ ଦୈନିକ ଓଡ଼ିଆ ଖବର କାଗଜ ପ୍ରକାଶ ପାଇଁ । ୧୯୯୬ ଅକ୍ଟୋବର ୨ ପବିତ୍ର ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଏହି ଭିତ୍ତିଭୂମିରେ ଜନ୍ମ ନେଲା ଦୈନିକ ଖବରକାଗଜ "ସମୟ' । ତେବେ ୧୯୯୭ ମାର୍ଚ୍ଚ ୧୯ ତାରିଖରେ ଏହି ଖବରକାଗଜ ଓଡ଼ିଶାର ପ୍ରଥମ ରଙ୍ଗିନ ସମ୍ବାଦପତ୍ର ଭାବେ ଆତ୍ମପ୍ରକାଶ କରିଥିଲା ।

ବସନ୍ତବାବୁ କଥାର ନୁହେଁ, କାମର ମଣିଷ । ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ "ସମୟ' ଖବରକାଗଜ ପ୍ରକାଶନ ପାଇଁ ଜମି ନିଆଯିବା ସହିତ ଅତ୍ୟାଧୁନିକ ମୁଦ୍ରଣ ଯନ୍ତ୍ର ମଧ୍ୟ ସ୍ଥାପନ କରାଗଲା । ମନ୍ତ୍ରୀ ଥାଆନ୍ତୁ ବା ନଥାଆନ୍ତୁ, ଭୁବନେଶ୍ୱରରେ ଥିଲେ ପ୍ରାୟ ସବୁଦିନ ବସନ୍ତବାବୁ "ସମୟ' ପରିସରକୁ ଆସନ୍ତି ଏବଂ ଏହାର ବିଭିନ୍ନ ବିଭାଗରେ କାମ କରୁଥିବା ବ୍ୟକ୍ତିମାନଙ୍କ କାର୍ଯ୍ୟଶୈଳୀ ଅନୁଧ୍ୟାନ କରନ୍ତି । ଛପା ସରିବା ପରେ ପରେ ଏହା କିଭଳି ସାରା ଓଡ଼ିଶାରେ ବିତରିତ ହେବ ତାର ମଧ୍ୟ ସେ ତତ୍ତ୍ୱାବଧାନ କରିଥାନ୍ତି । ସମ୍ବାଦପତ୍ର "ସମୟ' ସହିତ "ସିନେ ସମୟ' ଓ "ସାପ୍ତାହିକ ସମୟ' ସେ ସମୟରୁ ପ୍ରକାଶ ପାଇ ଆସୁଥିଲା । ଠିକଣା ସମୟରେ "ସମୟ' ଯେଉଁଳି ନିୟମିତ ପ୍ରକାଶ ପାଏ ଏବଂ ଏଥିରେ ନିର୍ଭୁଲ ଓ ନିରପେକ୍ଷ ସମ୍ବାଦ ପ୍ରକାଶ କରାଯାଏ ତାହା ଉପରେ ସେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ମଝିରେ ମଝିରେ "ସମୟ' ଦପ୍ତରରୁ ଏହି କାଗଜ ଓ ତାର ପତ୍ରିକା ମଧ୍ୟ ପଇସା ଦେଇ କିଣି ନେଉଥିଲେ । "ସମୟ' ପୃଷ୍ଠାରେ ଓଡ଼ିଆ ଭାଷା ଓ ସାହିତ୍ୟକୁ କିଭଳି ଗୁରୁତ୍ୱ ଦିଆଯିବ ତାହା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରୁଥିଲେ ।

"ସମୟ' ଜନ୍ମ ନେବାର ଇତିମଧ୍ୟରେ ୩ ଦଶନ୍ଧି ଅତିକ୍ରମ କରିଛି । ଏହି କାଳଖଣ୍ଡ ଭିତରେ ସମୟ ସୁଅରେ "ସମୟ' ଖବରକାଗଜ ଅନେକ ବାଧାବିଘ୍ନ ଅତିକ୍ରମ କରିଛି । କୁହାଯାଏ- ଆବଶ୍ୟକତା ହିଁ ଉଦ୍‌ଭାବନର ଜନନୀ । ପୁଣି କୁହାଯାଏ- ସୁନା ବାରମ୍ବାର ପୋଡ଼ି ହେଲେ ଅଧିକରୁ ଅଧିକ ଶୁଦ୍ଧ ହୁଏ । ସେହିଭଳି କୋଇଲା ଉପରେ ଚାପ ପ୍ରୟୋଗ କରାଗଲେ ହୀରା ପାଖରେ ପହଞ୍ଚିବାକୁ ପଡ଼େ । ସମୟର କଷଟି ପଥରରେ "ସମୟ' ବାରମ୍ବାର ଅଗ୍ନି ପରୀକ୍ଷା ଦେଇଛି । ବିଶିଷ୍ଟ ସାହିତ୍ୟିକ ସାତକଡ଼ି ହୋତାଙ୍କଠାରୁ ଗୁରୁକଲ୍ୟାଣ ମହାପାତ୍ରଙ୍କ ପର୍ଯ୍ୟନ୍ତ ଅନେକ ବ୍ୟକ୍ତିତ୍ୱ ଏହି ଖବରକାଗଜର ମୁଖ୍ୟ ସଂପାଦକ ଦାୟିତ୍ୱ ତୁଲାଇ ଆସିଛନ୍ତି । ଅନ୍ୟତମ ସଂପାଦକ ପପୁ ମହାନ୍ତିଙ୍କ ସଂଯୋଜନାରେ "ସମୟ' ଲାଇଭ୍ ଚ୍ୟାନେଲ୍ ମଧ୍ୟ ଗ୍ରହଣୀୟ ହୋଇଛି । ବିଶେଷକରି ସଂପାଦନା ବିଭାଗ ଓ ସାମ୍ବାଦିକମାନେ ଖବରକାଗଜକୁ ସମୃଦ୍ଧ କରିବା ପାଇଁ ଉଦ୍ୟମ କରିଥିବାବେଳେ ବିଜ୍ଞାପନ ଓ ପ୍ରସାରଣ ବିଭାଗ ମଧ୍ୟ ତାଙ୍କର ଦାୟିତ୍ୱ ନିର୍ବାହ କରି ଚାଲିଛନ୍ତି ।

ଇତିମଧ୍ୟରେ କର୍ମବୀର ବସନ୍ତ ବିଶ୍ୱାଳଙ୍କ ସ୍ୱର୍ଗାରୋହଣ ହୋଇସାରିଛି । ତେବେ ତାଙ୍କ ସାର୍ଥକ ଦାୟଦମାନେ ଏହି ଖବରକାଗଜକୁ ମର୍ଯ୍ୟାଦାର ସହ ଚଳାଇ ରଖିଛନ୍ତି । କୁହାଯାଏ- ସମ୍ବାଦପତ୍ର ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । ଗଣତନ୍ତ୍ରକୁ ସୁରକ୍ଷିତ ଓ ସୁଦୃଢ଼ କରି ରଖିବାରେ ସମ୍ବାଦପତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ବିଶେଷକରି ଲୋକଙ୍କ ସମସ୍ୟା ଉପସ୍ଥାପନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା, ସରକାରୀ କାର୍ଯ୍ୟକ୍ରମର ସଫଳତା ଓ ଏହାର ତ୍ରୁଟି ବିଚ୍ୟୁତି ସଂକ୍ରାନ୍ତରେ ଜନସାଧାରଣଙ୍କୁ ନିର୍ଭୁଲ ଓ ନିରପେକ୍ଷ ଭାବେ ଅବହିତ କରିବାର ଗୁରୁ ଦାୟିତ୍ୱ ଗଣମାଧ୍ୟମର । ଏଯାବତ୍ "ସମୟ' ସମୟୋପଯୋଗୀ ପଦକ୍ଷେପ ନେଇ ଏହି ଆଭିମୁଖ୍ୟକୁ ସାର୍ଥକ କରିଆସିଛି । ବିଭିନ୍ନ ପ୍ରସଙ୍ଗରେ ନିରପେକ୍ଷ ଆଲୋଚନା ଓ ନିର୍ଭୀକତାର ସହିତ ବ୍ୟବସ୍ଥା ତ୍ରୁଟି ବିଚ୍ୟୁତିର ଗଠନମୂଳକ ସମାଲୋଚନା କରିଆସୁଛି "ସମୟ' । ତେବେ କୁତ୍ସାରଟନାଠାରୁ ଏହା ନିଜକୁ ଦୂରରେ ରଖିଛି ।

ପ୍ରାକ୍ ସ୍ୱାଧୀନତା କାଳରେ ଉତ୍କଳ ଦୀପିକା, ସମ୍ବଲପୁର ହିତୈଷିଣୀ, ଆଶା, ସମାଜ, ପ୍ରଜାତନ୍ତ୍ର ଆଦି ଓଡ଼ିଆ ଖବରକାଗଜଗୁଡ଼ିକ ଦେଶର ସ୍ୱାଧୀନତା ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ସକାରତ୍ମକ ଭୂମିକା ତୁଲାଇଥିଲେ । ଜାତିର ଜନକ ମହାତ୍ମା ଗାନ୍ଧି, ଲୋକମାନ୍ୟ ବାଲ ଗଙ୍ଗାଧର ତିଲକ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ନିର୍ଭୀକ ତଥ୍ୟ ପରିବେଷଣ କରି ବହୁବାର ଜେଲ୍ ଯାଇଛନ୍ତି। କର୍ମବୀର ଗୌରୀଶଙ୍କର ରାୟ, ଶଶୀଭୂଷଣ ରଥ, ହରେକୃଷ୍ଣ ମହତାବ, ରାଧାନାଥ ରଥ ଆଦି ସାମ୍ବାଦିକତା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛନ୍ତି। ମହାଯୋଗୀ ଶ୍ରୀଅରବିନ୍ଦ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଭଳି ଯୁଗ ପୁରୁଷମାନେ ମଧ୍ୟ ସମ୍ବାଦପତ୍ର ସହ ଜଡ଼ିତ ଥିଲେ । ଏମାନଙ୍କ ଅବଦାନକୁ ଏ ଜାତି ଝୁରୁଥିବ । ସେହିଭଳି ସ୍ୱାଧୀନୋତ୍ତର ଭାରତବର୍ଷରେ ଅନେକ ଖବରକାଗଜ ସୃଷ୍ଟି ହୋଇଛି ଏବଂ ସେଥିରୁ ଅଧିକାଂଶ ସମୟ ସହ ତାଳ ଦେଇ ଚାଲି ନପାରି ବନ୍ଦ ହୋଇ ଯାଇଛନ୍ତି । ତେବେ "ସମୟ' ହେଉଛି ବ୍ୟତିକ୍ରମ। ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଧୈର୍ଯ୍ୟ ଓ ନିଷ୍ଠାର ସହ ସାମ୍ନା କରି ସମୟ ସହ ତାଳ ଦେଇ "ସମୟ' ତାର ଯାତ୍ରା ଅବ୍ୟାହତ ରଖିଛି । ଗାନ୍ଧିଜୀ ଥିଲେ ସତ୍ୟ ଓ ଅହିଂସାର ପୂଜାରୀ । ସେହି ପଥରେ ସାମ୍ବାଦିକତାକୁ ଆଗେଇ ନେବା ଲାଗି "ସମୟ' ଜନ୍ମ ନେଇଛି ଅକେଟାବର ୨ରେ ଏବଂ ଏହାକୁ ପାଥେୟ କରି "ସମୟ'କୁ ଢେର ଲମ୍ବା ପଥ ଅତିକ୍ରମ କରିବାର ଅଛି । ଆମ ଦେଶରେ ବହୁ ସମ୍ବାଦପତ୍ର ୧୦୦ ବର୍ଷରୁ ଅଧିକ ସମୟ ଧରି ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ସାଧାରଣ ଲୋକଙ୍କ ଆସ୍ଥାଭାଜନ ହୋଇଛନ୍ତି। "ସମୟ' ୩ ଦଶନ୍ଧି ଅତିକ୍ରମ କରିସାରିଥିବାବେଳେ ଆଗକୁ ଶତାବ୍ଦୀ ଅତିକ୍ରମ କରୁ । 'ଆଗରେ ପଡିଛି ପଥ ବହୁଦୂର ଆହୁରି କେତେ ଯେ ବାକି / ଚାଲିବି ଚାଲିବି ନପଡ଼ିବି ଥକି' ହେଉ "ସମୟ' ପରିବାରର ମହାମନ୍ତ୍ର ।

https://gandhibichar.com
ମୋ- ୯୪୩୭୦୧୭୩୯୫
(ଲେଖକ ଜଣେ ଗାନ୍ଧିବାଦୀ ଓ ସ୍ତମ୍ଭକାର ଭାବେ ଓଡ଼ିଶାରେ ପରିଚିତ)









# ଗାନ୍ଧିଜୀ ବିସ୍ମୃତ ନୁହେଁ, ଅପ୍ରାସଙ୍ଗିକ ଏବେ



ଡ. ଗୁରୁକଲ୍ୟାଣ ମହାପାତ୍ର

ପୁରା କାଳରେ ମୁନିଋଷିମାନଙ୍କ ବାଣୀ ହିଁ ଆପ୍ତବାଣୀ ଥିଲା । ତାହାକୁ ଲୋକେ ଈଶ୍ୱରଙ୍କ ପରି ମାନି ଚଳି ଆସୁଥିଲେ। ସମସ୍ତେ ପ୍ରାୟ ସମାଜ ସଚେତନ ଥିଲେ। ଫଳରେ ଆମ ସମାଜରେ ଭ୍ରଷ୍ଟାଚାର, ବ୍ୟଭିଚାର, ଦୁର୍ନୀତି, ଅନୀତି ବା ଦୁଷ୍କର୍ମ ପରି ବ୍ୟାଧିମାନ ପ୍ରାୟ ନଥିଲା। ଈଶ୍ୱରଙ୍କ ପ୍ରତି ଭୟ ଥିଲା, ଋଷିମାନଙ୍କ ଅଭିଶାପ ପ୍ରତି ମଧ୍ୟ ଭୟ ଥିଲା। ମାତ୍ର ଏବର ସମାଜରେ ଏ ସବୁର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଗାନ୍ଧିଜୀ ମହାମାନବ, ମହାତ୍ମା ଗାନ୍ଧି ବାପୁଜୀ ବା ଏ ରାଷ୍ଟ୍ରର ଜାତୀୟ ପିତା ହୋଇଥିଲେ ମଧ୍ୟ ଆମେମାନେ ଅଧିକାଂଶ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନଥାଉଁ। ତାଙ୍କ ନାମ, ନୀତି ଓ ଆଦର୍ଶର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଆମେମାନେ ପାରଦର୍ଶିତା ଲାଭ କରିଥିଲେ ହେଁ ତାଙ୍କର ପ୍ରଭାବ ପ୍ରାୟ ଆମମାନଙ୍କ ଉପରେ ନାହିଁ କହିଲେ ଚଳେ। ଗାନ୍ଧିବାଦୀମାନଙ୍କ ମଧ୍ୟରୁ ଅନେକ ଏବେ ସ୍ୱର୍ଗରେ। ଯେଉଁ ଅଳ୍ପ କେତେଜଣ ଅଛନ୍ତି, ସେମାନେ ଚଳତ୍‌ଶକ୍ତିହୀନ। ତେଣୁ ଆମ ଭିତରେ ସହଜ ଉପାୟରେ ଧନଲାଭ ପାଇଁ ଯେଉଁ ପ୍ରତିଯୋଗିତା ଆରମ୍ଭ ହୋଇଛି, ତାହା ଆମ ପାଇଁ ଏକ ଅଶୁଭ ଲକ୍ଷଣ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ।

ଆମେମାନେ ଗାନ୍ଧିଜୀଙ୍କ ଅହିଂସା ନୀତିକୁ ପରିହାର କରି ସର୍ବତ୍ର ହିଂସା ଓ ଦୁର୍ନୀତିର ଆଶ୍ରୟ ନେଇଛୁଁ। ପାରିବାରିକ, ସାମାଜିକ ଓ ଅନ୍ୟତ୍ର ଶାନ୍ତି ଓ ସଦ୍‌ଭାବ ପ୍ରାୟ ନାହିଁ। ତାଙ୍କର ପ୍ରିୟ ଆଶ୍ରମ ଭଜନ "ବୈଷ୍ଣବ ଜନ ତୋ ତେନେ କହିଏଁ' ଯାହାକୁ ପଞ୍ଚଦଶ ଶତାବ୍ଦୀରେ ଗୁଜରାଟର ସନ୍ଥକବି ସ୍ୱର୍ଗୀୟ ନରାସିୖୟା ମେହେଟା ରଚନା କରିଥିଲେ ଏବଂ ଯାହା ତଲିଙ୍ଗ ରାଗରେ ବୋଲା ଯାଇଥାଏ, ତାହାକୁ ଆମେ ଗାନ୍ଧିଜୀଙ୍କ ଜନ୍ମଦିବସରେ ବା ଶ୍ରାଦ୍ଧବାର୍ଷିକରେ ବୋଲି ଥାଉଁ ସିନା, ତା'ର ଭାବଦ୍ୱାରା ପ୍ରାୟ ଅନୁପ୍ରାଣୀତ ହୋଇ ନଥାଉଁ ।

ଏହି ସୁନ୍ଦର ଗୀତଟିର ପ୍ରଥମ ପଦଟି ହେଲା-"ବୈଷ୍ଣବ ଜନ ତୋ ତେନେ କହିଏଁ, ଯେ ପୀଡ଼ ପରାଏ ଜାଣରେ। ପର ଦୁଃଖେ ଉପକାର କରେ ତୋ ୟେ, ମନ ଅଭିମାନ ନ ଆଣେରେ।' ଏହାର ଅର୍ଥ ହେଲା, ଯେଉଁ ବ୍ୟକ୍ତି ପର ଦୁଃଖ ଜାଣିପାରେ ଓ ପରଦୁଃଖରେ ଉପକାର କରି ମଧ୍ୟ ଅଭିମାନ କରେ ନାହିଁ, ତାକୁ ହିଁ ବୈଷ୍ଣବ କୁହାଯାଏ। ' ଗାନ୍ଧିଜୀ ତାଙ୍କ ଜୀବନରେ ଗୀତାକୁ ଗୁରୁତ୍ୱ ଦେଇ ଆସୁଥିଲେ। ଅହିଂସା ଓ ଅନ୍ୟାନ୍ୟ ପରାମର୍ଶ ତାଙ୍କର ଏବେ ବି ବେଶ ପ୍ରାସଙ୍ଗିକ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ମନେହୁଏ। ସେଥିପାଇଁ ତ ଗତ ୨୦୦୭ରେ ତାଙ୍କର ଜନ୍ମଦିବସକୁ ସାରା ବିଶ୍ୱରେ ଅହିଂସା ଦିବସ ଭାବେ ପାଳନ କରାଯିବାକୁ ଜାତିସଂଘ ପକ୍ଷରୁ ସ୍ଥିର ହୋଇଥିଲା।

ଭାରତୀୟ ଜନଜୀବନକୁ ପ୍ରାକ୍ ସ୍ୱାଧୀନତା କାଳରେ ଗାନ୍ଧିଜୀ ହିଁ ପ୍ରଭାବିତ କରିଥିଲେ। ଆଉ କେହି ଦ୍ୱିତୀୟ ନେତା ସେତେ ପ୍ରଭାବଶାଳୀ ନଥିଲେ। ଗାନ୍ଧିଜୀଙ୍କ ରାଜନୀତିକ ଗୁରୁ ଗୋପାଳକୃଷ୍ଣ ଗୋଖଲେ, ଭାରତୀୟ ଜନଜୀବନକୁ ଅବଶ୍ୟ ଅଳ୍ପକାଳ ଲାଗି ଆଚ୍ଛନ୍ନ କରି ରଖିଥିଲେ। ସୁଭାଷ ଚନ୍ଦ୍ର ବୋଷ ଓ ଜବାହାରଲାଲ ନେହରୁ ମଧ୍ୟ ଗାନ୍ଧିଜୀଙ୍କ ଉତ୍ତରାଧିକାରୀ ଭାବେ ଭାରତୀୟ ଜନଜୀବନରେ ଆଲୋଡ଼ନ ସୃଷ୍ଟି କରିଥିଲେ। ମାତ୍ର ଗାନ୍ଧିଜୀଙ୍କ ଅହିଂସା ପଥରେ ନ ଯାଇ ସୁଭାଷ ବୋଷ "ଆଜାଦ ହିନ୍ଦ୍ ଫୌଜ' ଗଠନ କରି ଭାରତର ସ୍ୱାଧୀନତା ଚାହିଁଥିଲେ ଓ ଗାନ୍ଧିଜୀଙ୍କଠାରୁ ଅଲଗା ହୋଇ ଯାଇଥିଲେ। ନେହରୁ ଗାନ୍ଧିଜୀଙ୍କ ସହିତ ରହିଥିଲେ ମଧ୍ୟ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ଅକ୍ଷରେ ଅକ୍ଷରେ ପାଳନ କରି ମଧ୍ୟ କ୍ଷମତାସୀନ ହେବାକୁ ଉଦ୍ୟମ କରି ସଫଳ ହୋଇଥିଲେ। ଚତୁର ବ୍ରିଟିଶ ଭାରତକୁ ଭାଗ ଭାଗ କରିବାକୁ ଚାହିଁଥିଲେ ଏବଂ ନେହରୁ ଓ ଜିନ୍ନାଙ୍କୁ ହାତ କରି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥିଲ ।

ଗାନ୍ଧିଜୀଙ୍କ ଲକ୍ଷ୍ୟ ଥିଲା, ଭାରତର ସ୍ୱାଧୀନତା। ସ୍ୱାଧୀନତା ପୂର୍ବରୁ ଭାରତ



ସ୍ୱାବଲମ୍ବିଶୀଳ ହେଲେ ସ୍ୱାଧୀନତାର ଅର୍ଥ ସାର୍ଥକ ହେବ ବୋଲି ସେ ଭାବିଥିଲେ। ସ୍ୱାଧୀନତା ପୂର୍ବରୁ ଭାରତକୁ ଭାଗ ଭାଗ କରି ବା ବିଭାଜନ କରାଯିବାକୁ ଚକ୍ରାନ୍ତ ଆରମ୍ଭ ହୋଇଥିଲା । ସ୍ୱାଧୀନତା ପ୍ରାପ୍ତିର ଠିକ୍ ପୂର୍ବରୁ ବିଭାଜନ ସର୍ତ୍ତରେ ହିଁ ଭାରତକୁ ସ୍ୱାଧୀନତା ମିଳିଲା । ଗାନ୍ଧିଜୀ ଏଥିରେ ବ୍ୟଥିତ ହୋଇ ପଡ଼ିଥିଲେ । ତତ୍କାଳୀନ ବ୍ରିଟିଶ ବଡ଼ ଲାଟ ମାଉଣ୍ଟବ୍ୟାଟନ ୧୯୪୭ ମସିହା ଜୁନ୍ ୨ ତାରିଖରେ କଂଗ୍ରେସ, ମୁସ୍‌ଲିମ ଲିଗ ଓ ଶିଖ ନେତାମାନଙ୍କୁ ଧରି ଭାରତ ବିଭାଜନ ଚୁକ୍ତିକୁ କୌଶଳକ୍ରମେ ସ୍ୱାକ୍ଷରିତ କରାଇ ନେଇଥିଲେ। ଗାନ୍ଧିଜୀଙ୍କୁ ଜଣାଇ ନଥିଲେ। ଗାନ୍ଧିଜୀ ସେଥିପାଇଁ ପ୍ରକାଶ କରିଥିଲେ-" ମୁଁ ଯେଉଁ ବିପଦର ଆଶଙ୍କା କରୁଛି, ତାହା ଯଦି ଭାରତକୁ ଗ୍ରାସ କରେ ଏବଂ ତା'ର ସ୍ୱାଧୀନତା ସଙ୍କଟାପନ୍ନ ହୁଏ, ମୁଁ ତାହା ଦେଖିବା ପାଇଁ ହୁଏ ତ ବଞ୍ଚି ନଥିବି । କିନ୍ତୁ ଉତ୍ତରପୁରୁଷମାନେ ଜାଣନ୍ତୁ, କେତେ ପର୍ଯ୍ୟନ୍ତ ନିଦାରୁଣ ଯନ୍ତ୍ରଣା ମଧ୍ୟରେ ଏହି ବୃଦ୍ଧ ବ୍ୟକ୍ତିର ଆତ୍ମା ସେ କଥା ଚିନ୍ତା କରିଥିଲା। ଏ କଥା କୁହା ନ ଯାଉ ଯେ ଗାନ୍ଧି ଭାରତର ବ୍ୟବଚ୍ଛେଦ ପାଇଁ ପକ୍ଷଭୁକ୍ତ ।

ନୂତନ ପାକିସ୍ତାନ ଗଠନ ପାଇଁ ଭାରତ ରାଜକୋଷରୁ ୫୦ କୋଟି ଦେବା ଲାଗି ମଧ୍ୟ ଏହି ବିଭାଜନ ବେଳେ ସର୍ତ୍ତ ଆରୋପିତ ହୋଇଥିଲା। ମାତ୍ର ଭାରତର ତୁଙ୍ଗ କଂଗ୍ରେସ ନେତାମାନେ, ଏପରିକି ସର୍ଦ୍ଦାର ପଟେଲ ମଧ୍ୟ ଏହି ସର୍ତ୍ତରେ ରାଜି ନଥିଲେ। ସେମାନଙ୍କ ଯୁକ୍ତି ଥିଲା, ଭାରତ ଯେଉଁ ଏହି ବିପୁଳ ପରିମାଣର ଅର୍ଥ ପାକିସ୍ତାନକୁ ଦେବ, ପାକିସ୍ତାନ ସେହି ଅର୍ଥରେ ଯୁଦ୍ଧାସ୍ତ୍ର କିଣି ଭାରତ ବିରୋଧରେ ଯୁଦ୍ଧ କରିବ। ଶେଷରେ ଗାନ୍ଧିଜୀଙ୍କୁ ଏକଥା ପଚରାଗଲା। ସେ କହିଲେ, ଯେଉଁ ସର୍ତ୍ତରେ ଆମେ ସ୍ୱାଧୀନତା ପାଇବା, ସେହି ସର୍ତ୍ତ ପୂରଣ କରାଯିବା ଆବଶ୍ୟକ। ତା' ନ ହେଲେ ସମଗ୍ର ବିଶ୍ୱରେ ଭାରତର ସମ୍ମାନ ଓ ମର୍ଯ୍ୟାଦା ରହିବ ନାହିଁ। ମାତ୍ର ଗାନ୍ଧିଜୀଙ୍କ "ବିବେକ ରକ୍ଷକ' ଭାବେ ପରିଚିତ ରାଜାଜୀ (ରାଜଗୋପାଲାଚାରୀ) ସମସ୍ତଙ୍କୁ ବୁଝାସୁଝା କରିବାରୁ ସମସ୍ତେ ଗାନ୍ଧିଜୀଙ୍କ ପରାମର୍ଶ ମାନିବାକୁ ବାଧ୍ୟ ହୋଇଥିଲେ।

ଗାନ୍ଧିଜୀ ଯାହା ଚାହୁଁଥିଲେ, ଆମେମାନେ ତାହା ମାନି ନଥିଲୁ। କାରଣ ସ୍ୱାଧୀନତା ହାସଲ ପରେ ଗାନ୍ଧିଜୀ ଚାହିଁଥିଲେ, କଂଗ୍ରେସକୁ ଆଉ ଭୋଟ ପାଇଁ ରାଜନୀତିକ ଦଳ ଭାବେ ବ୍ୟବହାର କରା ନ ଯାଉ। ବରଂ ଏହାକୁ ଏକ ସେବାଦଳ ଭାବେ ବ୍ୟବହାର କରାଯାଉ ବୋଲି ଗାନ୍ଧିଜୀ ଚାହିଁଥିଲେ। ମାତ୍ର ନେହରୁ ତାହା ଚାହିଁ ନଥିଲେ ଓ କଂଗ୍ରେସକୁ ଏକ ରାଜନୀତିକ ଦଳରେ ପରିଣତ କରାଯାଇ ନିର୍ବାଚନରେ ବ୍ୟବହାର କରାଗଲା । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କିନ୍ତୁ ସେବା ଦଳ ଭାବେ କାର୍ଯ୍ୟ କରି ଆସୁଛି ଭାରତରେ, ବରଂ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶର ।

ଗାନ୍ଧିଜୀଙ୍କୁ ଭୁଲ ବୁଝି ନାଥୁରାମ ଗଡ଼ସେ ନାମକ ଜଣେ ଉଦ୍‌ଭ୍ରାନ୍ତ ଯୁବକ ହୁଏତ ଗୁଳିମାରି ଗାନ୍ଧିଜୀଙ୍କୁ ହତ୍ୟା କରିଥିଲା। ହତ୍ୟା କରି ନଥିଲେ ଏକଦା ଶହେ ଷାଠିଏ ବର୍ଷ ବଞ୍ଚିବାକୁ ଚାହିଁଥିବା ଗାନ୍ଧିଜୀ ହୁଏତ ଏ ଦେଶର ଅବସ୍ଥା ଦେଖି ସମ୍ଭବତଃ ଆତ୍ମହତ୍ୟା କରିଥାନ୍ତେ ।

ବିଶିଷ୍ଟ ଗାନ୍ଧିବାଦୀ, ପୂର୍ବତନ ମନ୍ତ୍ରୀ ଓ ସାହିତ୍ୟିକ ନିତ୍ୟାନନ୍ଦ ମହାପାତ୍ର ବଞ୍ଚିଥିବା ବେଳେ, ଲେଖକ ଅଭୟ ସିଂ (ଏବେ ସ୍ୱର୍ଗରେ) ଥରେ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ତାଙ୍କୁ ପ୍ରଶ୍ନ ପଚାରିଥିଲେ, "ଆମେ କେତେ ଦୂର ସ୍ୱାଧୀନ' ବୋଲି। ନିତ୍ୟାନନ୍ଦ ତାଙ୍କ ଉତ୍ତରରେ କହିଥିଲେ, "ଆମେ ସ୍ୱାଧୀନ ହୋଇ ପାରୁଁ । ମାତ୍ର ମୁଁ ସ୍ୱାଧୀନ ନୁହେଁ। କାରଣ ଭାରତବର୍ଷରୁ ଇଂରେଜ ଶାସନ ଚାଲିଗଲା ପରେ ଭାରତୀୟମାନଙ୍କ ରାଜୁତି ହେଲା ବୋଲି ଆମେ ଯେତେବେଳେ ଉଲ୍ଲସିତ, ହୋଇଥିଲୁଁ, ବାସ୍ତବ ସ୍ୱାଧୀନତାର ସ୍ୱାଦଟା ସେପରି ଲାଗିଲା ନାହିଁ ତା'ର ମୁଖ୍ୟ କାରଣ ହେଲା ଆମେ ଆଜି ଜାତିର ଜନକ ରୂପେ ସମ୍ମାନ ଦେଉଥିବା ମହାତ୍ମା ଗାନ୍ଧିଙ୍କ ନିର୍ଦ୍ଦେଶ ଅନୁସାରେ ସ୍ୱାଧୀନ ହୋଇ ପାରିଲୁ ନାହିଁ... ସବୁ ଦୃଷ୍ଟିରୁ ବିଚାର କଲେ ସବୁ କ୍ଷେତ୍ରରେ ଆମେ ନିଜସ୍ୱ ସ୍ୱାଧୀନତାକୁ ହରାଇ ଦେଇଛୁଁ। ମନେ ପଡୁଛି ମହାତ୍ମା ଗାନ୍ଧି କହିଥିଲେ-"ସେହିଦିନ ଭାରତ ସ୍ୱାଧୀନ ହେବ, ଯେଉଁ ଦିନ ହରିଜନ ବ୍ୟକ୍ତିଟିଏ ଦେଶର ରାଷ୍ଟ୍ରପତି ଆସନରେ ଅଧିରୂଢ଼ ହେବ। ଏ କଥାର ଅର୍ଥ ଯାହା ମୁଁ ବୁଝିଛି, ସମାଜର ନିମ୍ନବର୍ଗର ଦରିଦ୍ରତମ ବ୍ୟକ୍ତିଙ୍କୁ ଯୋଗ୍ୟ କରାଇ ଆମେ ତାଙ୍କ ହାତରେ ଶାସନ କ୍ଷମତା ଅର୍ପଣ କରି ପାରିଲେ, ସମସ୍ତଙ୍କୁ ସମାନ ଭାବରେ ଦେଖି ପାରିଲେ, ପ୍ରକୃତ ସ୍ୱାଧୀନତା ହାସଲ ହୋଇଛି ବୋଲି ବୁଝି ହେବ। କିନ୍ତୁ ଆମେ ଶାସନ ବିଧାନ ଓ ସମ୍ବିଧାନ ତିଆରି କରିଛୁଁ, ସୁବିଧାବାଦୀ ଗୋଷ୍ଠୀକୁ ଅଧିକ ସୁବିଧା ଦେବା ପାଇଁ ସେ ଧାରା ଚାଲିଛି।' ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିଁ ଜଣେ ଦଳିତ ବର୍ଗର ଓ ଆଉ ଜଣେ ଆଦିବାସୀ ବର୍ଗର ବ୍ୟକ୍ତିଙ୍କୁ ଭାରତର ରାଷ୍ଟ୍ରପତି କରାଇ ଭାରତକୁ ମର୍ଯ୍ୟାଦିତ କରିଛନ୍ତି।

ପ୍ରକୃତରେ ଏବେ ଦଳୀୟ ନିର୍ବାଚନ ପାଇଁ ଯେତେ ପ୍ରତିଯୋଗିତା ଚାଲିଛି, ଯେତେ ସବୁ ପ୍ରତିଯୋଗିତା ଅର୍ଥ ପାଇଁ ଚାଲିଛି, ଜଣେ ସାଧାରଣ ଲୋକଟିଏ ଦଳୀୟ ପ୍ରାର୍ଥୀ ହୋଇ ପାରିବ ନାହିଁ ଏବଂ ପ୍ରାର୍ଥୀ ହେଲେ ମଧ୍ୟ ବିପୁଳ ଅର୍ଥ ବ୍ୟୟ କରି ନିର୍ବାଚନର ବୈତରଣୀ ହୁଏ ତ ଅତିକ୍ରମ କରି ପାରିବ। ଏ କଥା ସଚେତନ ଲୋକେ ଜାଣୁଛନ୍ତି କିନ୍ତୁ କିଛି କରି ପାରୁ ନାହାନ୍ତି। ଗାନ୍ଧିଜୀ ଚାହିଁଥିଲେ ଭାରତର ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ ହୋଇ ପାରି ଥା'ନ୍ତେ, ମାତ୍ର ନ ହେଲେ କାହିଁକି ? ତାଙ୍କ ଇଛା ଅନୁସାରେ ନିମ୍ନ ବର୍ଗର ଲୋକେ ଭାରତର ରାଷ୍ଟ୍ରପତି ଏବେ ହୋଇଛନ୍ତି, ମାତ୍ର ଅବସ୍ଥା ସହଜରେ ବଦଳୁ ନାହିଁ। ଆମର ମାନସିକତା ସତେ ଯେପରି ପରାଧୀନ ରହିଛି। ଗାନ୍ଧିଜୀଙ୍କ ଜନ୍ମର ଏତେ ବର୍ଷ ପରେ ମଧ୍ୟ ତାଙ୍କ ନିର୍ଦ୍ଦେଶିତ ପଥରେ ଯାଇ ଆମର ପରିସ୍ଥିତି ପୂର୍ବବତ ଅପରିବର୍ତ୍ତନୀୟ ରହିଛି। ସ୍ୱାଧୀନ ଭାରତରେ, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ, ପ୍ରତିଟି ମୁହୂର୍ତ୍ତରେ ଆମେମାନେ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ଯେପରି ହତ୍ୟା କରି ଚାଲିଛୁଁ, ତାହା ଆମ ପାଇଁ ଶୁଭ ଲକ୍ଷଣ ନୁହେଁ। ଏ କଥା ସମସ୍ତେ ଚିନ୍ତା କରିବା ଉଚିତ ।

ଭୁବନେଶ୍ୱର,
ମୋ- ୯୪୩୭୦୧୨୧୨୩






# ଓଡ଼ିଶାରେ ଗାନ୍ଧି



ପ୍ରଭାସ କୁମାର ମହାପାତ୍ର

ସେଦିନ ଥାଏ ୧୯୨୧ ମସିହାର କଥା, ଅହିଂସାର ପୂଜାରୀ ମୋହନ ଦାସ କରମ୍ ଚାନ୍ଦ ଗାନ୍ଧି ପ୍ରଥମ କରି ପାଦ ଥାପିଥିଲେ ଉତ୍କଳ ମାଟିରେ। ସେ ଉତ୍କଳକୁ ଦେଖି ହୋଇଥିଲେ ମର୍ମାହତ କାରଣ ଉତ୍କଳ ଥିଲା ଭାରି ଗରିବ। ଉତ୍କଳର ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। କାହା ପାଖରେ ଖାଇବାକୁ ଖାଦ୍ୟ ନାହିଁ ତ ପିନ୍ଧିବାକୁ ପୋଷାକ ନାହିଁ। କାହା ମୁହଁ ଶୁଖି କଳା କାଠ ପଡିଗଲାଣି ତ ଅସ୍ଥି କଙ୍କାଳ କାହାର ଗଣି ହେଲାଣି। ସେଥିପାଇଁ ବାପୁ ଉତ୍କଳର ସେବାକୁ ଦରିଦ୍ର ନାରାୟଣଙ୍କ ସେବା ବୋଲି ବିଚାର କରିଥିଲେ। ସ୍ୱରାଜ୍ୟ ହେଲେ ଗରିବର ଦୁଃଖଯିବ ସେଥିପାଇଁ ସେ ସଂଗ୍ରାମ ଆରମ୍ଭ କରିଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସ ଓ ଗାନ୍ଧିଙ୍କ ମଧ୍ୟରେ ଖୁବ୍ ନିବିଡ଼ ସମ୍ପର୍କ ଥିଲା। କାରଣ ଉଭୟଙ୍କ ଚିନ୍ତା, ଚେତନା ଥିଲା ଏକ, ସମାଜର ବିକାଶ, ମାନବର କଲ୍ୟାଣ। ଯେବେ ଉତ୍କଳରେ ଦୁର୍ଭିକ୍ଷ, ମରୁଡି, ବନ୍ୟା ହେଉଥିଲା ଗାନ୍ଧି ଭାରତର ଧନୀ ଲୋକଙ୍କ ଠାରୁ ଧନ ସଂଗ୍ରହ କରି ଓଡ଼ିଶାକୁ ପଠାଉ ଥିଲେ। ସେ କାଠ ଯୋଡ଼ି ସଭାରେ ବିଦେଶୀ ବସ୍ତ୍ର, ବିଦେଶୀ ଶିକ୍ଷା ଓ ବିଦେଶୀ ଚାକିରି ବର୍ଜନ କରିବାକୁ କହିଥିଲେ। ସେଥି ପାଇଁ ତାଙ୍କୁ ଜଣେ ପ୍ରଶ୍ନ କରିଥିଲେ ମହାତ୍ମା ଇଂରେଜୀ ପାଠ ତ ମନ୍ଦ, ଆମେ ବୁଝୁଛୁ ମାତ୍ର ସେହି ଇଂରାଜୀ ପାଠ ପଢି ରାମ ମୋହନ ରାୟ, ତିଳକ ପରି ନେତା ବାହାରିଛନ୍ତି। ଆପଣ ନିଜେ ତ ସେହି ପାଠ ପଢ଼ି ଏମିତି ହୋଇଛନ୍ତି। ତେବେ ଇଂରାଜୀ ପାଠ ଆମର ଆଖି ଫିଟାଇ ଦେଇଛି ବୋଲି କାହିଁକି ନ କହିବା ? ଉତ୍ତରରେ ଗାନ୍ଧି କହିଲେ- ମୁଁ ତ ନଗଣ୍ୟ ମୋ କଥା ଛାଡ଼ି ଦିଅ। ତିଳକ, ରାମମୋହନ ଇଂରାଜୀ ଛୁଇଁ ନଥିଲେ ଆହୁରି ବଡ ମଣିଷ ହୋଇ ଥାନ୍ତେ।... ଚୈତନ୍ୟ, କବୀର, ଶଙ୍କରଙ୍କ ତୁଳନାରେ ସେମାନେ ବାମନ ଥିଲେ। କାରଣ ଜନସାଧାରଣଙ୍କ ଉପରେ ତାଙ୍କର ସେମିତି ପ୍ରଭାବ ନଥିଲା। ଶଙ୍କର, ନାନକ, ଚୈତନ୍ୟ ଏପରି ଅନେକ ଭାରତୀୟ ମହା ମହା ମନିଷୀମାନେ ଯାହା କରି ଯାଇଛନ୍ତି। ତାହା ଇଂରାଜୀ ପଢୁଆମାନେ କଣ କରି ପାରିଛନ୍ତି। ଜାତିକୁ ପୁଣି ଜୀଆଁଇବାକୁ ହେବ ତ ,ଇଂରାଜୀ ଶିକ୍ଷାଦ୍ୱାରା ନୁହଁ। ଗାନ୍ଧି ସର୍ବଦା ସ୍ୱଦେଶ ପ୍ରୀତି, ସ୍ୱଦେଶୀ ଶିକ୍ଷା, ସ୍ୱଦେଶୀ ଦ୍ରବ୍ୟକୁ ବେଶୀ ଗୁରୁତ୍ୱ ଦେଉଥିଲେ। ତେଣୁ ସେ କୁଟି ଖାଅ କାଟି ପିନ୍ଧ ନୀତିକୁ ନିଜେ ପାଳନ କରିବା ସହିତ ଅନ୍ୟକୁ ପାଳନ କରିବାକୁ କହୁଥିଲେ।

୧୯୨୦ ମସିହାର କଥା ପୁରୀ ଜିଲ୍ଲା ଦୁର୍ଭିକ୍ଷଦ୍ୱାରା ଅତ୍ୟନ୍ତ ଖରାପ ହୋଇ ପଡ଼ିଥାଏ। ଗାନ୍ଧିଙ୍କୁ ଥରୁଟେ ଉତ୍କଳର ଅବସ୍ଥା ଦେଖି ଯିବାକୁ ବାରମ୍ବାର ଅନୁରୋଧ ହେଉଥାଏ। ମାତ୍ର ଗାନ୍ଧି ନ ଆସି ପାରିବାରୁ ସେ ଠକ୍କର ବାପାଙ୍କୁ ପଠାଇ ଥିଲେ। ଠକ୍କର ବାପା ଓଡ଼ିଶାର ଗାଁ ଗଣ୍ଡାର ହାଲ ଦେଖି ଗାନ୍ଧିଙ୍କୁ ଚିଠି ଲେଖିଥିଲେ। ଗାନ୍ଧି ତାହାକୁ ଗୁଜରାଟୀ "ନବଜୀବନ' କାଗଜରେ ଛାପି ଦେଉଥିଲେ। ଆଉ ଗୁଜରାଟୀମାନଙ୍କ ଠାରୁ ଯାହା ଅର୍ଥ ଆଦାୟ ହେଉଥିଲା ତାକୁ ଓଡ଼ିଶାର ଦୁର୍ଭିକ୍ଷ ଅଞ୍ଚଳକୁ ପଠାଉ ଥିଲେ। ସେ ସମୟରେ ପ୍ରାୟ ପଚାଶ ହଜାର ଟଙ୍କା ଆଦାୟ କରି ଠକ୍କର ବାପାଙ୍କ ନିକଟକୁ ସେ ପଠାଇଥିଲେ। ବିଦେଶୀ ବସ୍ତ୍ର ବର୍ଜ୍ଜନକୁ ସହଜ କରିବା ପାଇଁ ଗାନ୍ଧି ଖଦୀ ଲୁଗାର ପ୍ରଚଳନ ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ। ସେ କହିଥିଲେ- "ଓଡ଼ିଶାବାସୀଙ୍କୁ ଦାନ ଗଣ୍ଡାକ ଜୁଟେଇ ଦେବା ହିଁ ଓଡ଼ିଶା ପକ୍ଷରେ ସ୍ୱରାଜ୍ୟ'। ଅନେକ ଓଡ଼ିଆ ବିଦେଶରେ ରହି କାମ କରନ୍ତି। ତାଙ୍କୁ ଖଦୀ କାମରେ ଲଗାଇ ପାରିଲେ ତାଙ୍କର ଦୁଃଖ ଘୁଞ୍ଚିବ। ଏହାଦ୍ୱାରା ଉତ୍କଳରେ ଖଦୀ କାମ ବୃଦ୍ଧି ପାଇବ। ସ୍ୱର୍ଗତ ମଧୁସୂଦନ ଦାସଙ୍କ ସହ ଗାନ୍ଧିଙ୍କ ଘନିଷ୍ଠ ସମ୍ପର୍କ ଥିଲା, ଉଭୟେ ଶ୍ରମର ମର୍ଯ୍ୟାଦା ପ୍ରତିଷ୍ଠା ପାଇଁ କାର୍ଯ୍ୟ କରୁଥିଲେ। ଉଭୟେ ଅରଟକୁ ପ୍ରାଧାନ୍ୟ ଦେଉଥିଲେ। ସେ କହୁଥିଲେ- ଶରୀର ଶ୍ରମରୁ ବୁଦ୍ଧିକୁ ଅଲଗା କରିଦେବା ଫଳରେ ଆମେ ସବୁଠୁ ଅଳ୍ପାୟୁଷ, ସବୁଠାରୁ ସଙ୍ଗତିହୀନ ଓ ସବୁଠାରୁ ଶୋଷିତ ଜାତି ହୋଇ ଯାଇଛୁ। ୧୯୨୭ ମସିହାର କଥା ଗାନ୍ଧି ଉତ୍କଳୀୟଙ୍କ ସ୍ୱାଭିମାନୀ ଭଦ୍ରତାକୁ ନେଇ ମାଦ୍ରାଜ୍‌ର ଏକ ଯୁବକ ସଂଘରେ ବକ୍ତୃତା ଦେଇ କହିଥିଲେ -"ଏଠାକାର ଭଉଣୀ ମାନେ କହିବେ' ଖଦୀ ମୋଟା, ଖଦୀ ବଗଡା, ଖଦୀ ଓଜନ, ଭାରୀ ରେଶମ ମୁଲାୟମ, ହାଲକା ନଅ ଗଜ ହାଲ୍କା ରେଶମ ଶାଢ଼ୀ ପିନ୍ଧି ହେବ- "ମାତ୍ର ନଅ ଗଜ ଖଦଡ଼ ଶାଢ଼ି ପିନ୍ଧି ହେବ ନାହିଁ, କିନ୍ତୁ ଓଡ଼ିଶାର ଗରିବ ଭଉଣୀମାନଙ୍କର ତ ମୂଳରୁ ଶାଢ଼ୀ ନାହିଁ : ସେମାନେ ତ ଛିଣ୍ଡା କନା ପିନ୍ଧି ଚଲୁଛନ୍ତି। ତଥାପି ତାଙ୍କର ଭଦ୍ରତାବୋଧ ପୂରାପୂରି ଲୋପ ପାଇ ନାହିଁ , କିନ୍ତୁ ଆମେ ସେତକ ହରେଇ ବସିଛୁ , ଏଥିରେ ସନ୍ଦେହ ନାହିଁ। ଏତେ ଲୁଗା ଥାଉ ଥାଉ ଆମେ ଲଙ୍ଗଳା ଏବଂ ସେମାନେ ଲଙ୍ଗଳା ହେଲେ ମଧ୍ୟ ତାଙ୍କ ଇଜ୍ଜତକୁ ଘୋଡାଇ ରଖିଛନ୍ତି। ଏଥିପାଇଁ ତ ମୁଁ ଚାରିଆଡ଼େ ଏଠି ସେଠିକୁ ବୁଲୁଛି।' ଦିନକର ଘଟଣା ମଧୁବାବୁଙ୍କ ଉତ୍କଳ ଟ୍ୟାନେରୀ ଦେଖିବାକୁ ମହାତ୍ମା ଗାନ୍ଧି ସତ୍ୟଭାମାପୁର ଆସିଥିଲେ ଛଆଉ ଉତ୍କଳ ଟ୍ୟାନେରୀ ଜୋତା କାରଖାନା ଦେଖି ଖୁସି ମଧ୍ୟ ହୋଇଥିଲେ। ତତ୍ ସହିତ ଗ୍ରାମେ ଗ୍ରାମେ ଚର୍ମାଳୟ ସହିତ ଗୋ ସମ୍ପଦର କିପରି ବିକାଶ ହୋଇ ପାରିବ ସେଥିପ୍ରତି ମଧୁବାବୁଙ୍କ ସହିତ ଆଲୋଚନା କରିଥିଲ।

୧୯୨୧ ମସିହାରେ ପ୍ରଥମେ ଉତ୍କଳ ଗସ୍ତ ସମୟର ପ୍ରାଦେଶିକ କଂଗ୍ରେସ କମିଟି ଗଠନ ହୋଇଥିଲା। ତା'ର ପରବର୍ତ୍ତୀ ପର୍ଯ୍ୟାୟରେ ଗାନ୍ଧି କୁରୁତା ଟୋପି ପିନ୍ଧା ଛାଡ଼ି, ଛୋଟ ଖଦୀ ଓ ଚାଦର ପିନ୍ଧିବା ଆରମ୍ଭ କରିଦେଇ ଥିଲେ। ମନରେ ପ୍ରଶ୍ନ ଆସେ କିଏ କହିବ ତାଙ୍କର ଏ କଠୋର ବ୍ରତ ନେବା ପଛରେ ଉତ୍କଳର ଲଙ୍ଗଳା ଚିତ୍ର ତାଙ୍କ ମନରେ ନାଚୁଥିଲା ବୋଲି ?

ଗାନ୍ଧି କଟକରେ ଦୁଇଦିନ ରହି ବିଭିନ୍ନ କୁଷ୍ଠାଶ୍ରମ ବୁଲିବା ସହିତ ଆପଣା ଆଶ୍ରମରେ କୁଷ୍ଠ ରୋଗୀଙ୍କୁ ରଖି ଘଣ୍ଟାକୁ ନିଜ ହାତରେ ସଫା କରୁଥିଲେ।

ତାଙ୍କରି ପ୍ରେରଣାରେ ଓ ସ୍ୱର୍ଗତ ଯମୁନା ଲାଲଙ୍କ ଉଦ୍ୟମରେ "ମହାରୋଗୀ ସେବାମଣ୍ଡଳ' ନାମରେ ଏକ ସଂଘ ଗଢା ହୋଇଥିଲା। ବିଭିନ୍ନ କୁଷ୍ଠା ଶ୍ରମ ଖୋଲିବା ସହ କୁଷ୍ଠରୋଗୀ ଚିକିତ୍ସା ଶିକ୍ଷା ଦିଆ ଯାଉଥିଲା। ଏକ ବିଶେଷ ଦିନରେ ଘଟଣା ଗାନ୍ଧି ପୁରୀ ଜିଲ୍ଲାର ବୋଲଗଡ଼ ଠାରେ ବସି ନିଜ କାମ କରୁଥାନ୍ତି। ହଠାତ୍ ଜଣେ ହରିଜନ, ଗାନ୍ଧି ଆସିଛନ୍ତି ଶୁଣି ଖଣ୍ଡେ ଦୂରରୁ ଗାନ୍ଧିଙ୍କୁ ଦଣ୍ଡବତ କଲା। ଏହା ଦେଖି ଗାନ୍ଧି ପାଖରେ ବସେଇ ପଚାରିଲେ କାହିଁକି ଦଣ୍ଡବତ କଲ ? ଆଉ ତାଙ୍କୁ ସ୍ୱରାଜ୍ୟ ପାଇଁ କିଛି ଚାନ୍ଦା ମାଗିଲେ। ସେ ତ ଗରିବ ହରିଜନଟିଏ ଚିଣ୍ଡା କନା ଖଣ୍ଡେ ଗୁଡ଼େଇ ହୋଇଥାଏ। ଆଉ ତାର କାଠ ତକ ସବୁ ତ ବିକ୍ରି ହୋଇ ନଥାଏ। ଅଣ୍ଟାରେ ଅଧଲା ପଇସାଟିଏ ଥିଲା କି ନାହିଁ, ସନ୍ଦେହ। ତଥାପି ଅଣ୍ଟାରେ ହାତ ମାରିବାରୁ ଗାନ୍ଧୀ ହସି ହସି କହିଲେ ଟଙ୍କା ନାହିଁ ତ , ମୁଁ ତୁମକୁ ତିନୋଟି ବର ମାଗିବି ଦେବ ? ସେ ହଁ କହିବାରୁ ପ୍ରଥମ ବରରେ ଗାନ୍ଧି କହିଲେଲ "ତମେ ମଣିଷ ମଣିଷକୁ ଏମିତି ଦଣ୍ଡବତ କରିବାର ନୁହଁ ଏଭଳି ଦଣ୍ଡବତ କେବଳ ଭଗବାନଙ୍କୁ କରିବାର କଥା।' ଦ୍ୱିତୀୟ ବରରେ ଗାନ୍ଧି କହିଲେ, "ତୁମେ ଗୋରୁ ମାଂସ ଖାଇବା ଛାଡ଼ିଦିଅ, ଆଉ ତୃତୀୟରେ ତୁମେ ନିଶାଖିଆ ଛାଡ଼ି ଦିଅ' ବୋଲି ତିନୋଟି ବର ଗାନ୍ଧି ହରିଜନ ବୁଢ଼ାଠାରୁ ମାଗିଲେ। ବୁଢ଼ା ତିନୋଟି କଥାରେ ହଁ, ହଁ, ହଁ, ମାରି ଉଠିଗଲା। ଏଥିରୁ ଜଣା ପଡ଼ିଯାଏ ଗାନ୍ଧିଙ୍କ ଚିନ୍ତାଧାରା କିପରି ଥିଲା।

ଦିନକର ଘଟଣା ଗାନ୍ଧି ସମ୍ବଲପୁର ଶୋଭାରେ ସ୍ତ୍ରୀ ଲୋକମାନେ ନିଜେ ବୁଣି ଲୁଗା ପିନ୍ଧିବାର ଦେଖି ବହୁତ ଖୁସି ହୋଇଥିଲେ। ଆଉ ଏକ ବାକ୍ୟ କହିଥିଲେ- "ହନୁମାନଙ୍କର ହୃଦୟ ଚିରି ଦେଖିଲା ବେଳକୁ ରାମ ନାମ ଲେଖା ଥିବାର ଦେଖାଗଲା , ସେମିତି ମୋର ହୃଦୟ ଚିରି ଦେଖିଲେ "ଦରିଦ୍ର ନାରାୟଣ' ଲେଖା ଥିବାର ଦେଖିବ, ଯାହା ମନେ ରଖିବା ଉଚିତ ଯେ ମହାତ୍ମା ଉତ୍କଳକୁ କେତେ ଭଲ ପାଉଥିଲେ।

ମୟୂରଭଞ୍ଜ , ଓଡ଼ିଶା
ମୋ- ୯୮୬୧୬୦୮୩୦୭










BRPL
Brahmani River Pellets Private Limited
STRONG TODAY.
SUSTAINABLE
TOMORROW.
IRON ORE
PELLETS
SAFE
SUSTAINABLE
QUALITY
RELIABLE
EMPOWERING STEEL.
ENRICHING LIVES.
PROTECTING NATURE.


Spreading
Smiles
VISA GROUP
Shaping the future with Minerals & Metals


SMILES
TO A MILLION
ENERGY SECURITY
TO A BILLION
MCL
MAHANADI COALFIELDS LIMITED
(A Govt. of India Undertaking & Subsidiary of Coal India Limited)
Jagruti Vihar, Burla, Dist: Sambalpur-768020 (Odisha)
Enabling Ease of Living...


Dalmia
Bharat
LIMITED
PROGRESS POWERED
BY PURPOSE
At Dalmia Bharat, sustainability is not an initiative; it is embedded in how we build, operate and grow. From achieving industry-leading carbon efficiency to expanding our renewable energy footprint with 449 MW, we are actively reducing our environmental impact. Our efforts extend beyond operations, through water conservation initiatives like farm ponds, micro-irrigation and recharge structures; and a strong push towards 100% green fuels, we are shaping a future where infrastructure development goes hand in hand with environmental stewardship.


ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା
(PMSG:MBY)
ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ,
ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ
ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଉପରେ ସଞ୍ଚୟ
ରୁଫ-ଟପ ସୌର ପ୍ରକଳ୍ପ ପାଇଁ ପ୍ରତି ଘର ପିଛା ୩ କିଲୋୱାଟ
ପର୍ଯ୍ୟନ୍ତ ୧,୩୮,୦୦୦ ଟଙ୍କା ସବସିଡି
(କେନ୍ଦ୍ର ସରକାରଙ୍କ ତରଫରୁ ୭୮,୦୦୦ ଟଙ୍କା
ଓ ରାଜ୍ୟ ସରକାରଙ୍କ ତରଫରୁ ୬୦,୦୦୦ ଟଙ୍କା)
pmsuryaghar.gov.in ରେ ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ।
ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।
ଶକ୍ତି ବିଭାଗ, ଓଡ଼ିଶା ସରକାର
ଜଳବାୟୁ ସଂଶୋଧନ ପାଇଁ ସହାୟକ
TPWODL
TP WESTERN ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)
ଅଧିକ ସୂଚନା ନିମନ୍ତେ ସ୍କାନ କରନ୍ତୁ